

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର, ୧୩ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 13 MAY 2022
Vol.No. 33 ■ No. 124 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧


ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ
ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର
ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


## ରନିଲ ୱିକ୍ରମସିଂଘେ ଶ୍ରୀଲଙ୍କାରେ ନୂଆ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୧୨/୦୫ : ଶ୍ରୀଲଙ୍କାରେ ଲାଗି ରହିଥିବା ଆର୍ଥିକ ଓ ରାଜନୈତିକ ସଙ୍କଟ ଭିତରେ ଦେଶର ନୂଆ ପ୍ରଧାନମନ୍ତ୍ରୀ ହୋଇଛନ୍ତି ରନିଲ ୱିକ୍ରମସିଂଘେ । କିଛି ସମୟ ପୂର୍ବରୁ ଶ୍ରୀଲଙ୍କାର ନୂଆ ପ୍ରଧାନମନ୍ତ୍ରୀ ଭାବେ ସେ ଶପଥ ପାଠ କରିଛନ୍ତି । ୟୁନାଇଟେଡ ନ୍ୟାଶନାଲ ପାର୍ଟିର ନେତା ପୂର୍ବରୁ ୫ଥର ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ରହିସାରିଛନ୍ତି । ତେଣୁ ପୂର୍ବ ଅଭିଜ୍ଞତାକୁ ନେଇ ସେ ନିଜ ଦାୟିତ୍ୱ ପୂରା କରିବେ ବୋଲି ଦଳ ଆଶା ରଖିଛି । ବୁଧବାର ସଂଧ୍ୟାରେ ରାଷ୍ଟ୍ରପତି ଗୋଟବାୟା ରାଜପକ୍ଷ ଓ ରନିଲଙ୍କ ମଧ୍ୟରେ ରୁଦ୍ଧଦ୍ୱାର ବୈଠକ ବସିଥିଲା । ଏହି ସମୟରେ ତାଙ୍କୁ ଦେଶର ପରବର୍ତୀ ପ୍ରଧାନମନ୍ତ୍ରୀ କରିବାକୁ ନିଷ୍ପତି ନିଆଯାଇଥିବା କୁହାଯାଉଛି । ଏହି ବୈଠକ ପରେ ରାଷ୍ଟ୍ରପତି ରାଜପକ୍ଷ ଦେଶବାସୀଙ୍କୁ ସମ୍ବୋଧନ କରିଥିଲେ । ରାଷ୍ଟ୍ରପତି କହିଥିଲେ କି ଦେଶରେ ସୃଷ୍ଟି ହୋଇଥିବା ଅସ୍ଥିରତାକୁ ଦୂର କରିବାକୁ ଗୋଟିଏ ମିଳିତ ସରକାର ଗଠନ ଖୁବ ଶିଘ୍ର ହେବ । ଏଥିସହ ତାଙ୍କୁ ମିଳିଥିବା କାର୍ଯ୍ୟନିର୍ବାହୀ କ୍ଷମତାକୁ ସେ ସଙ୍କୁଚିତ କରିବେ କିନ୍ତୁ ରାଷ୍ଟ୍ରପତି ପଦ ଛାଡିବେନି ବୋଲି କହିଥିଲେ । ସେପଟେ ଶ୍ରୀଲଙ୍କାର ପୂର୍ବତନ ପ୍ରଧାନମନ୍ତ୍ରୀ ମହିନ୍ଦ୍ରା ରାଜପକ୍ଷଙ୍କ ଉପରେ କଟକଣା ଲଗାଇଛନ୍ତି ସ୍ଥାନୀୟ କୋର୍ଟ । ବିନା ଅନୁମତି ସେ ଦେଶ ଛାଡି ▶▶ପୃଷ୍ଠା ୭

## ରାଜ୍ୟସଭା ନିର୍ବାଚନ ପାଇଁ ବିଜ୍ଞପ୍ତି : ୫୭ ଆସନ ପାଇଁ ଜୁନ୍ ୧୦ରେ ଭୋଟିଂ



ନୂଆଦିଲ୍ଲୀ /ଭୁବନେଶ୍ୱର, ୧୨/୦୫ (ନି.ପ୍ର): ରାଜ୍ୟସଭା ନିର୍ବାଚନ ପାଇଁ ବାଜିଛି ବିଗୁଲ। ରାଜ୍ୟସଭାରେ ଖାଲି ହେବାକୁ ଯାଉଥିବା ମୋଟ ୫୭ଟି ଆସନ ପାଇଁ ଆସନ୍ତା ଜୁନ୍ ୧୦ ତାରିଖରେ ଭୋଟ୍ ଗ୍ରହଣ ହେବ। ଏହି କ୍ରମରେ ଓଡିଶାଖରୁ ଖାଲି ହେବାକୁ ଯାଉଥିବା ୩ ଟି ରାଜ୍ୟସଭା ଆସନ ପାଇଁ ମଧ୍ୟ ଭୋଟିଂ ହେବ। ଓଡିଶାର ସାଂସଦ ଏନ ଭାସ୍କର ରାଓ, ସସ୍ମିତ ପାତ୍ର ଓ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ଜୁଲାଇ ୧ ତାରିଖରେ ଶେଷ ହେବାକୁ ଯାଉଛି। ଏସମ୍ପର୍କରେ ଗୁରୁବାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ଦେଶର ୧୫ଟି ରାଜ୍ୟର ୫୭ ଜଣ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେବ। ଯେଉଁ ସଦସ୍ୟଙ୍କ କାର୍ଯ୍ୟକାଳ ୨୧-୬-୨୦୨୨ରୁ ୧-୮-୨୦୨୨ ମଧ୍ୟରେ ସରିବାକୁ ଯାଉଛି, ସେହି ସବୁ ଆସନ ପାଇଁ ଜୁନ୍ ୧୦ରେ ଭୋଟ ହେବ। ଏଥିପାଇଁ ଆସନ୍ତା ୨୪ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିପରି ନାମାଙ୍କନ ଦାଖଲର ଶେଷ ତାରିଖ ୩୧ ମେ' ରହିଥିବା ବେଳେ ଜୁନ୍ ୧ରେ ନାମାଙ୍କନପତ୍ର ଯାଂଚ ହେବ। ନାମାଙ୍କନ ପ୍ରତ୍ୟାହ୍ୟାରର ଶେଷ ତାରିଖ ଜୁନ ୩ ଓ ଜୁନ୍ ୧୦ରେ ଭୋଟ ହେବ। ରାଜ୍ୟସଭା ଆସନଗୁଡ଼ିକ ପାଇଁ ଭୋଟଗ୍ରହଣ ସକାଳ ୯ଟାରୁ ଆରମ୍ଭ ହୋଇ ୪ଟା ପର୍ଯ୍ୟନ୍ତ ଚାଲିବ। ଏହାପରେ ସେହିଦିନ ସନ୍ଧ୍ୟା ୫ଟାରୁ ଗଣତି ଆରମ୍ଭ ହେବ। ଜୁନ୍ ୧୩ ତାରିଖ ସୁଦ୍ଧା ସମସ୍ତ ପ୍ରକାରର ନିର୍ବାଚନ ପ୍ରକ୍ରିୟା ଶେଷ କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ଉତର ପ୍ରଦେଶର ସର୍ବାଧିକ ୧୧ଟି ଆସନ ଖାଲି ହେବାକୁ ଯାଉଥିବା ବେଳେ ତାମିଲନାଡୁ ଓ ମହାରାଷ୍ଟ୍ରରେ ୬ଟି ଲେଖାଏ ରାଜ୍ୟସଭା ଆସନ ପାଇଁ ଭୋଟ ହେବ। ସେହିପରି ଆନ୍ଧ୍ର ପ୍ରଦେଶର ୪ଟି, ତେଲେଙ୍ଗାନାର ୨ଟି, ଛତିଶଗଡ଼ର ୨ଟି, ମଧ୍ୟପ୍ରଦେଶର ୩ଟି, କର୍ଣ୍ଣାଟକର ୩ଟି, ଓଡ଼ିଶାର ୩ଟି, ପଞ୍ଜାବର ୨ଟି, ରାଜସ୍ଥାନର ୪ଟି, ଉତରାଖଣ୍ଡର ୧, ବିହାରର ୫, ଝାରଖଣ୍ଡର ୨ଟି ଓ ହରିଆଣାର ୨ଟି ଆସନ ଖାଲି ହେବାକୁ ଯାଉଛି।

## ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କ ୧୩୩ କୋଟିର ଜମାକୁ ସିଜ୍ କଲା ଇଡି

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଖଣି ମାଲିକ ତଥା କେନ୍ଦୁଝର ଜିଲ୍ଲା ଚମ୍ପୁଆର ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକଙ୍କ ୧୩୩ କୋଟିର ଜମାକୁ ସିଜ୍ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ । ଏଥିସହ ତାଙ୍କ ୬୯ ଲକ୍ଷର କ୍ୟାସ୍ ମଧ ଜବତ କରାଯାଇଛି। ଇଡି ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଇଡି ପକ୍ଷରୁ କୁହା ଯାଇଛି ଯେ ପୂର୍ବତନ ବିଧାୟକଙ୍କ କେନ୍ଦୁଝର ଜିଲ୍ଲାର ଯୋଡା ଓ ଭୁବନେଶ୍ୱର ସ୍ଥିତ ତାଙ୍କର ଘର ଓ କାର୍ଯ୍ୟାଳୟ ଉପରେ ଉପରେ ଇଡି ପକ୍ଷରୁ ସର୍ଚ୍ଚ ଅପରେସନ ଚଳା ଯାଇଥିଲା ।

## ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ଡ୍ୟାନ୍ସ ବାର୍

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଏଣିକି ରାତି ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ ଡ୍ୟାନ୍ସ ବାର୍ । ଏଥିରେ ମଦ୍ୟପାନ ସହ ଡ୍ୟାନ୍ସ ଚାଲିପାରିବ। ରାଜଧାନୀ ଭୁବନେଶ୍ୱରରେ ୧୪ଟି ଡ୍ୟାନ୍ସ ବାରକୁ ଅନୁମତି ଦେଇଛି ଅବକାରୀ ବିଭାଗ। ମହାମାରୀ କରୋନା ପାଇଁ ଗତ ଦୁଇ ବର୍ଷ ହେଲା ଡ୍ୟାନସ ବାର୍ ଉପରେ କଟକଣା ଲାଗୁ ହୋଇଥିଲା । ଏବେ ସେହି କଟକଣାକୁ କୋହଳ କରାଯାଇଛି । କମିଶନରେଟ୍ ପୋଲିସର ଗାଇଡଲାଇନ୍ ଅନୁସାରେ ଡ୍ୟାନ୍ସ ବାରଗୁଡ଼ିକ ଚାଲିବ ବୋଲି ସ୍ପଷ୍ଟ କରାଯାଇଛି ।

## ରାଜୀବ କୁମାର ନୂଆ ମୁଖ୍ୟ ନିର୍ବାଚନ କମିଶନର



ନୂଆଦିଲ୍ଲୀ, ୧୨/୦୫ : ରାଜୀବ କୁମାର ଦେଶର ନୂଆ ନିର୍ବାଚନ କମିଶନର ନିଯୁକ୍ତ । ମେ ୧୫ ତାରିଖରେ ସେ ଏହି କାର୍ଯ୍ୟଭାର ଗ୍ରହଣ କରିବେ । ଦେଶର ପରବର୍ତ୍ତୀ ମୁଖ୍ୟ ନିର୍ବାଚନ କମିଶନର ଭାବେ ତାଙ୍କୁ ନିଯୁକ୍ତ କରାଯାଇଛି । ବର୍ତ୍ତମାନର ମୁଖ୍ୟ ନିର୍ବାଚନ କମିଶନର ସୁଶୀଲ ଚନ୍ଦ୍ରା ମେ ୧୪ ତାରିଖରେ ଅବସର ନେଉଛନ୍ତି । ତାଙ୍କ ଅବସର ପରେ ସେ ଏହି ନୂଆ ଦାୟିତ୍ୱ ନେବେ । ରାଜୀବ କୁମାର ହେଉଛନ୍ତି ୧୯୮୪ ବ୍ୟାଚର ଆଇଏଏସ ଅଧିକାରୀ । ୨୦୨୦ ମସିହା ଡିସେମ୍ବରରେ ସେ ନିର୍ବାଚନ କମିଶନର ଭାବେ କାମ କରିଆସୁଥିଲେ । ମେ ୧୫ରୁ ଆଗାମୀ ୨୦୨୫ ଫେବ୍ରୁଆରୀ ୧୮ ଯାଏ ଏହି ମୁଖ୍ୟ ନିର୍ବାଚନ କମିଶନ ପଦରେ ରହିବେ । ଭାରତୀୟ ପ୍ରଶାସନିକ ସେବାରେ ୩୬ ବର୍ଷରୁ ଅଧିକ ସମୟ କାମ କରିଛନ୍ତି ରାଜୀବ । ବିହାର, ଝାରଖଣ୍ଡ ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରାଳୟରେ ସେ କାମ କରିଛନ୍ତି । ବିଏସସି, ଏଲଏଲବି, ପିଜିଡିଏମ ଡିଗ୍ରୀ ହାସଲ କରିଛନ୍ତି । ରାଜୀବ କୁମାର ସାମାଜିକ କ୍ଷେତ୍ର, ପରିବେଶ ଭଳି ଅନେକ କ୍ଷେତ୍ରରେ କାମ କରି ଦକ୍ଷତା ଦେଖାଇଛନ୍ତି । ୨୦୨୦ରେ ସେ କେନ୍ଦ୍ର ଅର୍ଥ ସଚିବ ଭାବେ କାମ କରି ଚାକିରୀରୁ ଅବସର ନେଇଥିଲେ । ପରେ ତାଙ୍କୁ କେନ୍ଦ୍ର ସରକାର ଅନ୍ୟ ଏକ ବୋର୍ଡରେ ନିଯୁକ୍ତ କରିଥିଲେ । ପରେ ସେ ଡିସେମ୍ବର ମାସରେ ନିର୍ବାଚନ କମିଶନର ଭାବେ ନିଯୁକ୍ତ ହୋଇଥିଲେ ।

## ଦୁଇ ଦିନିଆ ଡିଏଫଓ ସମ୍ମିଳନୀକୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଜଙ୍ଗଲର ଉନ୍ନତି କରିବା ଏବଂ ଜଙ୍ଗଲ ସୀମାନ୍ତରେ ରହୁଥିବା ଗ୍ରାମବାସୀଙ୍କ ଜୀବନଧାରଣର ମାନ ବଢ଼ାଇବା ଦିଗରେ ବନ ଅଧିକାରୀ ମାନେ ରୋଡମ୍ୟାପ ପ୍ରସ୍ତୁତ କରନ୍ତୁ । ରାଜ୍ୟ ଡିଭିଜନାଲ ବନ ଅଧିକାରୀମାନଙ୍କ ସମ୍ମିଳନୀକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଏହି ଦୁଇ ଦିନିଆ ଡିଏଫଓ ସମ୍ମିଳନୀ ଆଜି ଠାରୁ ଲୋକସେବା ଭବନର କନଭେନ୍ସନ ସେଂଟରରେ ଆରମ୍ଭ ହୋଇଛି । ସେ ଆହୁରି କହିଛନ୍ତି ଯେ କରୋନା ମହାମାରୀ କାରଣରୁ କଠିନ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ଷ୍ଟେଟ ଅଫ୍ ଫରେଷ୍ଟ ରିପୋର୍ଟ-୨୦୨୧ ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ଆମର ଜଙ୍ଗଲଗୁଡ଼ିକ ଅଧିକ ଉନ୍ନତ ହୋଇଛି। ଏହା ଆମ ଲୋକଙ୍କ ନିରନ୍ତର ସମର୍ଥନ, ଭିଏସଏସ ସଦସ୍ୟ ତଥା ବନବିଭାଗର କର୍ମଚାରୀଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇଛି। ଆଗାମୀ ଦିନରେ ଏହି ଏହି କାମକୁ ବଜାୟ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି । ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବନବିଭାଗ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣାରେ ବିଭାଗ ପଚାଶ ପ୍ରତିଶତ ହ୍ରାସ କରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ମଧ ଉଦବୋଧନ ଦେଇଥିଲେ । ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି । ଏହି ଦୁଇ ଦିନିଆ ଡିଏଫଓ ସମ୍ମିଳନୀ ଆଜି ଠାରୁ ଲୋକସେବା ଭବନର କନଭେନ୍ସନ ସେଂଟରରେ ଆରମ୍ଭ ହୋଇଛି । ▶▶ପୃଷ୍ଠା ୭

## ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ମାଟ୍ରିକ୍ ଛାତ୍ର

ବାଲେଶ୍ୱର, ୧୨/୦୫ (ନି.ପ୍ର): ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷାର୍ଥୀ । ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ଆଡ୍‌ମିଟ୍ କାର୍ଡ଼ ଆସିଥିଲେ ମଧ ପରିବାର ଚଳାଇବାକୁ ବାହାର ରାଜ୍ୟରେ ଦାଦନ ଖଟୁଥିବାରୁ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି ବାଲେଶ୍ୱର ଜିଲ୍ଲା ଖୁଣ୍ଟା ଗାଁର ଆକାଶ ସେନାପତି । କରେନା ମହାମାରୀ ଯୋଗୁଁ ସ୍କୁଲ କଲେଜ ବନ୍ଦ ହେବା ପରେ ଅନଲାଇନ୍ ଯୋଗେ ପାଠପଢା ହୋଉଥିଲା । କିନ୍ତୁ ଆକାଶଙ୍କ ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସେ ମୋବାଇଲ ଖଣ୍ଡିଏ କିଣି ପାରିନଥିଲେ । ତେବେ ତାଙ୍କ ପାଠପଢାରେ ଏକ ପ୍ରକାର ଡୋରି ବନ୍ଧାହୋଇଯାଇଥିଲା କହିଲେ ଚଳେ । କାରଣ ପରିବାର ଚଳାଇବା ପାଇଁ ଏବେ ବହାର ରାଜ୍ୟରେ ଦାଦନ ଖଟୁଛନ୍ତି ଚଳିତ ବର୍ଷର ମାଟ୍ରିକ ପରୀକ୍ଷାର୍ଥୀ ଆକାଶ ସେନାପତି ।

## ତାତିଲେ ମହିଳା, ଭାଙ୍ଗିଲେ ମଦ ଭାଟି



ଭୁବନେଶ୍ୱର, ୧୨/୦୫ (ନି.ପ୍ର): ମଦ ଭାଟି ଉଚ୍ଛେଦ ଦାବିରେ ତାତିଲେ ମହିଳା । ଉଚ୍ଛେଦ ପାଇଁ ୭ ଦିନର ମହଲତ ଦେଇଥିଲେ ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ପୁଣି ମଦଭାଟି ଆଗରେ ଧାରଣା ଦେଇଛନ୍ତି ଦେବଗଡ଼ ଥାନା ତିଳେଇବଣି ଫାଣ୍ଡି ନିକଟ ବିନ୍ଦପୁର ଗାଁରେ ଶତାଧିକ ମହିଳା । ମଦ ଭାଟିକୁ ସ୍ଥାୟୀ ଭାବେ ବନ୍ଦ କରିବାକୁ ଦାବିରେ ଅଡି ବସିଛନ୍ତି ମହିଳା । ଦେବଗଡ଼ ଥାନା ପୋଲିସ ଓ ତହସିଲଦାର ଘଟଣା ସ୍ଥଳରେ ପହଂଚି ମହିଳାଙ୍କୁ ବୁଝାସୁଝା କରୁଥିଲେ ମଧ ଆଲୋଚନା ବିଫଳ ରହିଛି । ମହିଳାଙ୍କ ଅଭିଯୋଗ ରହିଛି ମଦ ଭାଟି କାରଣରୁ ଗାଁର ପୁରୁଷ ଲୋକ କାମଧନ୍ଦା ନକରି ନିଶାଶକ୍ତ ହୋଇ ନିଜ ଘର ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି । ବହୁ ପରିବାର ତଳିତଳାନ୍ତ ହୋଇ ପଡ଼ିଥିବା ଅଭିଯୋଗ କରିଛନ୍ତି ଆନ୍ଦୋଳନକାରୀ ମହିଳା ।

## ଓଡ଼ିଶା ସରକାର ଓ ଏମସିଏଲ ସମନ୍ୱୟ ରକ୍ଷା କରି ଯଥାଶୀଘ୍ର ତାଳଚେର ମେଡ଼ିକାଲ କଲେଜକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨/୦୫ (ନି.ପ୍ର): ତାଳଚେର ସ୍ଥିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ୍ ରିସର୍ଚ୍ଚ(ମିମସାର)କୁ ଓଡ଼ିଶା ସରକାର ଓ ମହାନଦୀ କୋଲଡ ଫିଲ୍ଡ(ଏମସିଏଲ) ସମନ୍ୱୟ ରକ୍ଷା କରି ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବେ ବୋଲି ଆଶାବ୍ୟକ୍ତ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟ ସରକାରଙ୍କ ଦ୍ୱାରା ତାଳଚେର ମେଡିକାଲ କଲେଜ ପରିଚାଳନା ନିଷ୍ପତି ପ୍ରସଙ୍ଗ ନେଇ ଶ୍ରୀ ପ୍ରଧାନ ଟ୍ୱିଟ୍ କରି କହିଛନ୍ତି ଯେ ତାଳଚେର ଠାରେ ଏମସିଏଲ ଦ୍ୱାରା ନିର୍ମିତ ମହାନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ୍ ରିସର୍ଚ୍ଚକୁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ହସ୍ତକ୍ଷେପ ପରେ ଓଡ଼ିଶା ସରକାର, ଏମସିଏଲର ସହଯୋଗରେ କାର୍ଯ୍ୟକାରୀ କରିବା ପାଇଁ ନେଇଥିବା ନିଷ୍ପତି ସ୍ୱାଗତଯୋଗ୍ୟ। ସମସ୍ତଙ୍କୁ ଉତମ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା ପାଇଁ ଦେଶର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ମେଡ଼ିକାଲ କଲେଜ ସ୍ଥାପନା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନା ରହିଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ତାଳଚେର ଠାରେ ଭାରତ ସରକାରଙ୍କ ଏମସିଏଲ ଦ୍ୱାରା ୪୯୨ କୋଟି ଟଙ୍କା ବ୍ୟୟରେ ଏହି ମେଡ଼ିକାଲ ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟ ବିରୁଦ୍ଧରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ



ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱରେ ଅବୈଧ ଖନନ ଓ ନିର୍ମାଣ କାର୍ଯ୍ୟ ତୁରନ୍ତ ବନ୍ଦ କରିବାକୁ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ଦାବି କରା ଯାଇଛି । ଏହି ମାମଲାରେ ସୁରକ୍ଷା ଅଭିଯାନ ସୁପ୍ରୀମକୋର୍ଟର ଦ୍ୱାରସ୍ଥ ହେବ ବୋଲି ଶ୍ରୀମନ୍ଦିର ସୁରକ୍ଷା ଅଭିଯାନର ସଂଯୋଜକ ବିନୟ କୁମାର ଭୂୟାଁ ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ - 'ମହାପ୍ରଭୁଶ୍ରୀଜଗନ୍ନାଥ' ହେଉଛନ୍ତି ଓଡ଼ିଆଙ୍କ ପରିଚୟ ଓ ପରମ ଆରାଧ୍ୟ।'ଶ୍ରୀମନ୍ଦିର'ହେଉଛି ସମଗ୍ର ହିନ୍ଦୁ ସମାଜର ଆସ୍ଥା, ବିଶ୍ୱାସ ଓ ସଂସ୍କୃତିର ପ୍ରାଣକେନ୍ଦ୍ର।ଚାରିଧାମ ମଧ୍ୟରେ ଶ୍ରେଷ୍ଠ ଧାମ'ଶ୍ରୀକ୍ଷେତ୍ର' ପୁରୀ। ୧୦୦୦ ବର୍ଷରୁ ଉର୍ଦ୍ଧ୍ୱ ପ୍ରାଚୀନ ଐତିହ୍ୟ ସମ୍ପନ୍ନ କୀର୍ତି ମନ୍ଦିର' ଆମ ଓଡ଼ିଆଙ୍କ ଗର୍ବ ଓ ଗୌରବ। ଶ୍ରୀମନ୍ଦିର ଚତୁର୍ପାର୍ଶ୍ୱର ସୌନ୍ଦର୍ଯ୍ୟୀକରଣ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'ମାଧ୍ୟମରେ ବିଭିନ୍ନ ପ୍ରକାରର ଖନନ ଓ ନର୍ମାଣ କାର୍ଯ୍ୟ କରାଯାଉଛି।ଏହା ସମ୍ପୂର୍ଣ୍ଣ ରୂପେ ଅବୈଧ, ଅନୈତିକ ତଥା ଅପରିଣାମଦର୍ଶୀ। ଏକ ପ୍ରାଚୀନ ଐତିହ୍ୟ ସମ୍ପନ୍ନ କୀର୍ତି ହୋଇଥିବା ହେତୁ, ଏହାର ରକ୍ଷଣାବେକ୍ଷଣ ତଥା ସୁରକ୍ଷା ଓ ସଂରକ୍ଷଣ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣବିଭାଗ (ଏଏସଆଇ) କର୍ତ୍ତୃତ୍ୱାଧୀନ । ଶ୍ରୀମନ୍ଦିରରୁ ୧୦୦ ମିଟର ପର୍ଯ୍ୟନ୍ତ ନିଷିଦ୍ଧାଂଚଳ ୧୦୦ ମିଟରରୁ ୩୦୦ ମିଟର ପର୍ଯ୍ୟନ୍ତ ନିୟନ୍ତ୍ରିତ ଅଂଚଳ ଇତ୍ୱରବ) ଅଟେ। ସେ କହିଛନ୍ତି ଯେ ଆଇନ୍‌କହୁଛି, ନିଷିଦ୍ଧାଂଚଳରେ ସ୍ଥାୟୀ ବୃହତ ନିର୍ମାଣ ସମ୍ପୂର୍ଣ୍ଣ ନିଷିଦ୍ଧ ଏବଂ ନିୟନ୍ତ୍ରିତ ଅଂଚଳରେ ରେଯେକୌଣସି ନିର୍ମାଣ ଏଏସଆଇ ର ପରାମର୍ଶ ଅନୁଯାୟୀ ହେବ। କିନ୍ତୁ ରାଜ୍ୟସରକାରସମସ୍ତ ଆଇନ୍‌କାନୁନ୍‌କୁ ଉଲ୍ଲଙ୍ଘନ କରି ଶ୍ରୀମନ୍ଦିରର ଅତି ନିକଟରେ ଉଚ୍ଚ ଶକ୍ତି ସମ୍ପନ୍ନ ମେସିନ୍ ଦ୍ୱାରାଗଭୀର ଗର୍ତ୍ତ ଖନନ ତଥା ବୃହତ ନିର୍ମାଣରଯୋଜନାକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହା ଦ୍ୱାରାଶ୍ରୀମନ୍ଦିରର ମୂଳ ଭିତି ଗଭୀରଭାବେ ପ୍ରଭାବିତ ହୋଇଛି। ଉଚ୍ଚ ନ୍ୟାୟାଳୟରେ ଏଏସଆଇ ଦ୍ୱାରା ଦାଖଲ କରାଯାଇଥିବା ସତ୍ୟପାଠରୁ ଏହାସ୍ପଷ୍ଟ ହୋଇଛି। କୌଣସି ଅଧିକୃତସଂସ୍ଥାର ଅନୁମତି ନ ଥାଇ ରାଜ୍ୟ ସରକାର ଏଭଳି ବେଆଇନ କାର୍ଯ୍ୟ କରୁଥିବା ଜଣା ପଡ଼ିଛି। ଶ୍ରୀକ୍ଷେତ୍ରପୁରୀ ଏକ ସାଂସ୍କୃତିକତଥା ଆଧାତ୍ମିକକ୍ଷେତ୍ର ଅଟେ। ଶ୍ରୀମନ୍ଦିର ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ। ମନ୍ଦିର ଚତୁର୍ପାର୍ଶ୍ୱରେ ବିଦେଶୀ ଗଛ ଲଗାଇଏହାକୁ ପର୍ଯ୍ୟଟନସ୍ଥଳୀର ଭ୍ରମ ସୃଷ୍ଟି କରାଯାଉଛି। ସୌନ୍ଦର୍ଯ୍ୟୀକରଣ ନାଁରେମଠ, ମନ୍ଦିରକୁଭାଙ୍ଗିଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଧ୍ୱଂସ କରୁଛି। ଆଧୁନିକ ▶▶ପୃଷ୍ଠା ୭

## ଟମାଟୋ ଫ୍ଲୁ ନେଇ କେରଳରେ ଆତଙ୍କ

ନୂଆଦିଲ୍ଲୀ, ୧୨/୦୫ : କରୋନାକୁ ନେଇ ଭୟ ଯାଇନଥିବା ବେଳେ କେରଳରେ ଆତଙ୍କ ସୃଷ୍ଟି କରିଛି ଟମାଟୋ ଫ୍ଲୁ । ବିଶେଷ କରି ଛୋଟ ଛୋଟ ପିଲାଙ୍କ ଠାରେ ଏହି ରୋଗ ଦେଖାଯାଉ ଥିବାରୁ ଚିନ୍ତା ବଢ଼ିଯାଇଛି । ୮୦ ଜଣ ପିଲାଙ୍କ ଠାରେ ଏହି ରୋଗ ଚିହ୍ନଟ ହୋଇଛି । କେରଳର କୋଲାମ ଜିଲ୍ଲାରେ ପ୍ରଥମେ ଚିହ୍ନଟ ହେବା ପରେ ଅନ୍ୟ ଜିଲ୍ଲାରେ ବ୍ୟାପିବାରେ ଲାଗିଛି । ଜର, ଥଣ୍ଡା, କାଶ, ମୁଣ୍ଡ ବିନ୍ଧିବା, ତରଳ ଝାଡ଼ା ହେବା, ଆଖି ଓ ଦେହ ଲାଲ ପଡ଼ି ଫଳିଯିବା ଦେହରେ ଲାଲ ରଙ୍ଗର ଫଳିଯାଉଥିବାରୁ ଏହାକୁ ଟମାଟୋ ଫ୍ଲୁ କୁହାଯାଉଛି । ଟମାଟୋ ଫ୍ଲୁକୁ ନେଇ ଅଧିକ ଗବେଷଣା ଜାରି ରହିଛି । ତେବେ ଏହାକୁ ବାୟୁବାହିତ ଓ ଭୂତାଣୁଜନିତ ରୋଗ ବୋଲି କହୁଛନ୍ତି ବିଶେଷଜ୍ଞ । ତେଣୁ ଦ୍ରୁତଗତିରେ ସଂକ୍ରମଣ ହେବାର ଆଶଙ୍କା କରାଯାଉଛି । ତେଣୁ ଜଣେ ଆକ୍ରାନ୍ତ ହେଲେ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର । କରୋନା ଭଳି ଟମାଟୋ ଫ୍ଲୁର ମଧ ନିର୍ଦ୍ଦିଷ୍ଟ ଚିକିତ୍ସା ନାହିଁ । ଲକ୍ଷଣ ଅନୁସାରେ ଚିକିତ୍ସା ହେଲେ ରୋଗୀ ସୁସ୍ଥ ହେଉଥିବାରୁ ଆତଙ୍କିତ ନହୋଇ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର ।

# ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ଦିଲ୍ଲୀରେ ପ୍ରାଉଡ଼ ଇଣ୍ଡିଆ ପାର୍ଲ୍ୟାମେଣ୍ଟ ଆୱାର୍ଡ ପାଇଁ ମନୋନୀତ

ପାରାଦୀପ ,୧୨/୦୫ (ନି.ପ୍ର): ସମାଜସେବୀ ଡ଼ଃ ସୁନାକର ବେହେରାଙ୍କୁ ଚଳିତ ବର୍ଷର ପ୍ରାଉଡ଼ ଇଣ୍ଡିଆ ପାର୍ଲ୍ୟାମେଣ୍ଟ ଆୱାର୍ଡ ପାଇଁ ମନୋନୀତ ହୋଇଛନ୍ତି। ଜଗତସିଂହପୁର କୁଜଙ୍ଗବ୍ଲକ ସାଇଲୋ ଗ୍ରାମପଞ୍ଚାୟତ ଅଧୀନ ତେରମାଣପୁର 'ବାଲିସାହି' ଗ୍ରାମର ଜଣାଶୁଣା ସମାଜସେବୀ ତଥା 'ମଦର ଟେରେସା ଫାଉଣ୍ଡେସନ ଓଡିଶା ଶାଖାର ରାଜ୍ୟ ଅଧକ୍ଷ ଡ଼ଃ ସୁନାକର ବେହେରାଙ୍କୁ ଦୁର୍ନୀତି ନିବାରଣ ଓ ସମାଜ ସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ 'ସର୍ବଭାରତୀୟ ଦୁର୍ନୀତି ନିବାରଣ ପାର୍ଲାମେଣ୍ଟାରି କମିଟି' ଦ୍ୱାରା ନିୟୁ ଦିଲ୍ଲୀର କନଷ୍ଟିଚ୍ୟୁସନ କ୍ଲବ ସଭାଗୃହରେ ଆସନ୍ତା ତା ୧୪/୦୫/୨୦୨୨ ରିଖ(ଶନିବାର) ଦିନ ଆୟୋଜିତ ଭବ୍ୟ ସମାରୋହ କାର୍ଯ୍ୟକ୍ରମରେ ପ୍ରାଉଡ ଇଣ୍ଡିଆ ପାର୍ଲ୍ୟାମେଣ୍ଟାରୀ ୨୦୨୨ ସମ୍ମାନରେ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟିକ ଓ ସଶକ୍ତିକରଣ ମନ୍ତ୍ରୀ ଶ୍ରୀଯୁକ୍ତ ରାମଦାସ ଅଥାୱାଲେଙ୍କ ସହ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସମ୍ମାନିତ କରାଯିବ। ଶ୍ରୀଯୁକ୍ତ ବେହେରାଙ୍କୁ ଏହି ସମ୍ମାନ ପାଇବାକୁ ମନୋନୀତ କରାଯାଇଥିବାରୁ ରାଜ୍ୟସରକାରଙ୍କ ଲୋକସମ୍ପର୍କ ଓ ଜଳସମ୍ପଦ ମନ୍ତ୍ରୀ ଶ୍ରୀଯୁକ୍ତ ରଘୁନନ୍ଦନ ଦାସ ,ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀଯୁକ୍ତ ରାଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡିଶା ସରକାର,ଜଗତସିଂହପୁର ସାଂସଦ ଡା. ରାଜଶ୍ରୀ ମଲ୍ଲିକ ,ପାରାଦ୍ୱୀପ ବିଧାୟକ ଶ୍ରୀଯୁକ୍ତ ସମ୍ବିତ ରାଉତରାଏ , ଜଗତସିଂହପୁର ଜିଲ୍ଲା ପ୍ରଶାସନ, ଓଡିଶା ସାମ୍ବାଦିକ ସଙ୍ଘ, ଜିଲ୍ଲା ସାମ୍ବାଦିକ ସଙ୍ଘ, ପ୍ରେସକ୍ଲବ ରାହାମା, ଜଗତସିଂହପୁର ବାର ଆସୋସିଏସନର,କୁଜଙ୍ଗ ବାର ଆସୋସିଏସନ ସହ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନର କର୍ମକର୍ତ୍ତା ଓ ଏ ଅଂଚଳର ବୁଦ୍ଧିଜୀବୀ ମାନେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।




# ଜଗନ୍ନାଥ ସାଗରର ବିକାଶ ନେଇ ସମୀକ୍ଷା କଲେ ଜିଲ୍ଲାପାଳ

ଜୟପୁର ,୧୨/୦୫ (ନି.ପ୍ର): ଜୟପୁରବାସୀଙ୍କର ବହୁ ବର୍ଷର ଦାବୀ ପୂରଣ ହେବାକୁ ଯାଉଛି । ଐତିହାସିକ ଜଗନ୍ନାଥ ସାଗରର ବିକାଶ ହେବ। ଏଥିପାଇଁ ଚୁକ୍ତିନାମା କରାଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ଜୟପୁର ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏବଂ ହାଲର ଏକଜିକ୍ୟୁଟିଭ ଡାଇରେକ୍ଟର ପ୍ରମୋଦ କୁମାର ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଏହା ପରେ କୋରାପୁଟ ଜିଲ୍ଲାପାଳ ମହମ୍ମଦ ଅବଦୁଲ ଆକ୍ତର ଜଗନ୍ନାଥ ସାଗରକୁ ଯାଇ ସମୀକ୍ଷା କରିଛନ୍ତି । ପଂଚାନନ ମନ୍ଦିର ନିକଟରେ ସାଗରର ପୁବ ପଟରେ ବିକାଶ ପାଇଁ ଆଲୋଚନା କରିଛନ୍ତି । ସେଠାରେ ପାର୍କ, ବସିବା ପାଇଁ ଚେୟାର, ଫୁଟପାଥ, କାଫେ ଆଦି ହେବ। ଏନେଇ ତୁରନ୍ତ ଏଷ୍ଟିମେଟ କରିବାକୁ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସାଗରର ଗୋଟିଏ ପାର୍ଶ୍ୱର ବିକାଶ ପାଇଁ ୭ କୋଟି ଟଙ୍କା ୩ ବର୍ଷ ମଧ୍ୟରେ ପର୍ଯ୍ୟାୟ କ୍ରମେ ହାଲ ଦେବ ।ଉକ୍ତ ଟଙ୍କାରେ ମୁଖ୍ୟ ଗେଟ ନିର୍ମାଣ, ପିଲା ମାନଙ୍କ ପାଇ ଚିତ ବିନୋଦନ କେନ୍ଦ୍ର, ଗାଜିବ, ବରିଷ୍ଠ ନାଗରିକ ବସିବା ସ୍ଥାନ, ଓପନ ଥିଏଟର, ଷ୍ଟେଜ, ଚଲା ପଥ ସାଗର ପଶୁଥିବା ଦୁଷିତ ପାଣିକୁ ବନ୍ଦ କରିବା ପାଇ ଡ୍ରେନ ର ବ୍ୟବସ୍ଥା ଆଦି କରାଯିବ । ହାଲ ତରଫରୁ ୨୦୨୨-୨୩ରେ ୧ କୋଟି, ଦ୍ୱିତୀୟ ବର୍ଷ ୩ କୋଟି ୫୦ଲକ୍ଷ, ତୃତିୟ ବର୍ଷ ୨ କୋଟି ୫୦ ଦେବା ନେଇ ସ୍ଥିର ହୋଇଛି। ଜୟପୁରବାସୀଙ୍କ ବହୁ ଦିନରେ ଦାବି ରହିଥିବାରୁ ଗତ ଦିନରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଜଗନ୍ନାଥ ସାଗର ବିକାଶ ପାଇଁ ଶହେ କୋଟି ଟଙ୍କା ବିନିଯୋଗ କରାଯିବ ସୂଚନା ଦେଇଥିଲେ ।ବିଧାୟକ ବାହିନିପତି ସାଗରର ବିକାଶ ପାଁ ବାରବାର ବିଧାନସଭାରେ ଦାବି କରିଥିଲେ । ଏହାକୁ ଗୁରୁତର ସହ ନେଇ ଗତ ସପ୍ତାହରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସାଗରକୁ ଆସି ସମୀକ୍ଷା କରିଥିଲେ । ହାଲ ବାଦ ରାଜ୍ୟ ସରକାର ମଧ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଅତ୍ୟାଧୁନିକ ରୁପେ ସାଗରକୁ ପୁନଃଉଦ୍ଧାର କରାଯାଇ ନିର୍ମାଣ ହେବ। ଯାହାକି ରାଜ୍ୟର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳି ହେବ ।ଏହା ଦ୍ୱାରା ଜୟପୁର ର ମଧ ବିକାଶ ହେବ । ସାଗରରେ ଦଳ ଓ ପଙ୍କ ଭର୍ତି ହେବା ସହ ସହରର ଦୁଷିତ ପାଣି ସାଗରକୁ ପ୍ରବେଶ କରୁଛି ।ଦୁଷିତ ପାଣି ସାଗର କୁ ଯେପରି ନପସିବ ସେଥି ପାଇ ସର୍ଭେ କରାଯାଉଛି। ଖୁବ ଶୀଘ୍ର ସାଗରର ପୁନଃ ଉଦ୍ଧାର କାର୍ଯ୍ୟ ଜାରି ରହିବ।ଜିଲାପାଳଙ୍କ ସମୀକ୍ଷା ସମୟରେ ପୌର କାର୍ଯ୍ୟନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଅଜୟ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଆଗଲପୁର ବ୍ଲକ ଡୁଡୁକାରେ ଜବରଦଖଲ ଉଚ୍ଛେଦ ଆରମ୍ଭ

ବଲାଙ୍ଗିର,୧୨/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଅନ୍ତର୍ଗତ ଡୁଡୁକା ଗ୍ରାମରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି । ଉକ୍ତ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଆଗଲପୁର ତହସିଲଦାର ସୁଚିତା ପୁଷ୍ଟାଙ୍କ ତତ୍ୱାବଧାନରେ ଚାଲିଛି। ଡୁଡୁକା ବସଷ୍ଟାଣ୍ଡରୁ ରାମପୁର ଗ୍ରାମ ପର୍ଯ୍ୟନ୍ତ ରାସ୍ତା ଉପରେ ସରକାରୀ ଜାଗାରେ ଘର କରି ରହିଥିବା ଲୋକଙ୍କ ଘର ଭଙ୍ଗା ଯିବ ବୋଲି ତହସିଲଦାର ପ୍ରକାଶ କରିଛନ୍ତି ।ପୂର୍ବରୁ ୧୭ ଜଣ ଲୋକଙ୍କ ଯେଉଁମାନେ କି ସରକାରୀ ଜାଗାରେ ରାସ୍ତା ଉପରକୁ ମାଡି ଆସି ଜବରଦଖଲ କରି ଘର ତିଆରି କରିଛନ୍ତି ସମସ୍ତଙ୍କୁ ନୋଟିସ ଜରିଆରେ ଘରଗୁଡିକୁ ଖାଲି କରିବା ପାଇଁ ଜଣାଇ ଦିଆଯାଇଥିଲା । ସେମାନେ ଘର ଗୁଡିକୁ ନ ଛାଡିବା ଯୋଗୁଁ ପୋଲିସ ସହାୟତାରେ ଉଚ୍ଛେଦ କାମ ଚାଲୁଅଛି । ପୋଲିସ ଅଧିକାରୀ ସନାତନ ସାହୁଙ୍କ ତତ୍ୱାବଧାନରେ ତଥା ବହୁ ସଂଖ୍ୟାରେ ପୋଲିସର ସହାୟତାରେ ଜବର ଦଖଲ ଉଚ୍ଛେଦ କାମ ଚାଲିଥିବା ଦେଖିବାକୁ ମିଳିଛି ।

# ବଲାଙ୍ଗିର ଜିଲ୍ଲା ରାଜସ୍ୱ ସମୀକ୍ଷା ବୈଠକ

ବଲାଙ୍ଗିର,୧୨/୦୫ (ନି.ପ୍ର): ବଲାଙ୍ଗିର ଜିଲ୍ଲାର ରାଜସ୍ୱ ସମୀକ୍ଷା ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି ଆଭାସୀ ବୈଠକରେ ବିଭାଗର ବହୁ ବରିଷ୍ଠ ଅଧିକାରୀ, ଆଇ ଜି ଆର, ଭୂ ଅଭିଲେଖ ଓ ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ, ଏନ୍ ଆଇ ସି ର ବରିଷ୍ଠ ଅଧିକାରୀ, ବଲାଙ୍ଗିର ଜିଲ୍ଲାର ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜମି ଗ୍ରହଣ ଅଧିକାରୀ, ସ୍ୱତନ୍ତ୍ର ଜମି ଗ୍ରହଣ ଅଧିକାରୀ, ତହସିଲଦାର ତଥା ଅନ୍ୟାନ୍ୟ କ୍ଷେତ୍ରାଧିକାରୀମାନେ ଯୋଗ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ତହସିଲ ଓ ନିବନ୍ଧନ କାର୍ଯ୍ୟାଳୟକୁ ଆସୁଥିବା ପ୍ରତ୍ୟକ ଜନସାଧାରଣଙ୍କୁ ସମ୍ମାନ ସହିତ ସେମାନଙ୍କର ଅଭିଯୋଗ ଶୁଣାଣି ଓ ଅଭିଯୋଗ ଉପରେ ତୁରନ୍ତ ନ୍ୟାୟୋଚିତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ସମସ୍ତ ଅଧିକାରୀମାନଙ୍କୁ ନିଜ ଓ ନିଜ ଅଧିନସ୍ଥ କାର୍ଯ୍ୟାଳୟମାନଙ୍କରେ ଅଧିକ ସ୍ୱଚ୍ଛତା ଆଣିବା ପାଇଁ ନିର୍ଦ୍ଦେଶ ଦିଆଗଲା । ଜନସାଧାରଣଙ୍କୁ ଆଇନ ଅନୁଯାୟୀ, ଦାଖଲ ଖାରଜ ଓ ଘରବାଡି ପଟ୍ଟା ସେବା ତ୍ୱରିତ ଯୋଗାଇ ଦେବାପାଇଁ ନିର୍ଦ୍ଦେଶ ଦିଆଗଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୁରିବାହାଲ, କଂଟାବାଞ୍ଜି, ବଙ୍ଗମୁଣ୍ଡା ତହସିଲଦାରଙ୍କୁ ସାତ ଦିନ ମଧ୍ୟରେ ସମସ୍ତ ଦାଖଲ ଖାରଜ ମାମଲା ସମ୍ପୂର୍ଣ୍ଣ କରି ଜନସାଧାରଣଙ୍କୁ ଠିକ ସମୟରେ ପଟ୍ଟା ଦେବାକୁ ନିର୍ଦ୍ଦେଶ ଦେଲେ । ସେହିପରି ଟିଟିଲାଗଡ଼, ବଙ୍ଗମୁଣ୍ଡା ଓ ସଇଁତଲା ତହସିଲଦାରଙ୍କୁ ଆସନ୍ତା ଜୁଲାଇ ୩୦ ତାରିଖ ମଧ୍ୟରେ ସମସ୍ତ ବେବନ୍ଦୋବସ୍ତ କେସ୍ ର ଫଇସଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବଲାଙ୍ଗିର ଜିଲ୍ଲାରେ ୨୧୧ ଲଘୁ ଖଣିଜ ଉତ୍ସରୁ ମାତ୍ର ୧୨୮ ଲଘୁ ଖଣିଜ ଉତ୍ସ କାର୍ଯ୍ୟକ୍ଷମ ହେଇଛି ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅବଶିଷ୍ଟ ଲଘୁ ଖଣିଜ ଉତ୍ସକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କିମ୍ବା ଲଘୁ ଖଣିଜ ଉତ୍ସରୁ ସମସ୍ତ ଲଘୁ ଖଣିଜ ସମ୍ପଦ ସମାପ୍ତ ହୋଇଥିଲେ ତାକୁ ଆଇନ ଅନୁଯାୟୀ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।ଅତିରିକ୍ତ ମୁଖ୍ୟ ଶାସନ ସଚିବ ଲୋଇସିଂହ, ଟିଟିଲାଗଡ ଓ ଦେଓଗାଁ ତହସିଲଦାରଙ୍କୁ ସେମାନଙ୍କ ତହସିଲର ଅଧିକ ଲଘୁ ଖଣିଜ ଉତ୍ସକୁ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଲେ । ସମସ୍ତ କ୍ଷେତ୍ରାଧିକାରୀଙ୍କୁ ଲଘୁ ଖଣିଜ ସମ୍ପଦରୁ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦିଆଗଲା । ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ତହଦିଲଦାର ମାନଙ୍କୁ ଲଘୁ ଖଣିଜ ଚୋରା ଚାଲାଣ ସମୟରେ ଚଢଉ ବେଳେ ସୁରକ୍ଷା ଦେବାକୁ ନିର୍ଦ୍ଦେଶ ଦିଆଗଲା । ତହସିଲଦାର ମାନଙ୍କୁ ପୋଲିସ ସହ ଭଲ ସମ୍ପନ୍ୱୟ ରକ୍ଷା କରି ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ରୋକିବା ଦିଗରେ ପଦକ୍ଷେପ ନେବାକୁ କୁହାଯାଇଥିଲା । ଅତିରିକ୍ତ ମୁଖ୍ୟ ଶାସନ ସଚିବ କୌଣସି ସରକାରୀ ପ୍ରକଳ୍ପ ଯଥା ରେଳବାଇ, ଜାତୀୟ ରାଜପଥ ଓ ଜଳ ସେଚନ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣରେ ବିଳମ୍ବ ନ କରିବାକୁ ସମସ୍ତ ଜମି ଅଧିଗ୍ରହଣ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଓ ଖୋର୍ଦ୍ଧା ରୋଡ୍ ବଲାଙ୍ଗିର ରେଳପଥ ନିମନ୍ତେ ତ୍ୱରିତ ଜମି ଅଧିଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ସରକାରୀ ପ୍ରକଳ୍ପରେ ଜମି ଅଧିଗ୍ରହଣ କରି ଦାଖଲ ଖାରଜ ମାମଲାରେ ପଟ୍ଟା ସଂଶୋଧନ କରି ଜମି ହସ୍ତାନ୍ତରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମସ୍ତ ୫ଟି ଉଚ୍ଚ ବିଦ୍ୟାଳୟକୁ ମଇ ୧୫ ସୁଦ୍ଧା ସଂଶୋଧିତ ଜମି ପଟ୍ଟା ଦେବାକୁ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏତଦ ବ୍ୟତୀତ ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କୁ ମଇ ୧୫ ସୁଦ୍ଧା ଅତିରିକ୍ତ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଜମି ପଟ୍ଟା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନୂତନ ରାଜସ୍ୱ ନିରୀକ୍ଷକ ମାନଙ୍କ ପାଇଁ ବାସଭବନ ତଥା କାର୍ଯ୍ୟାଳୟ ନିର୍ମାଣ ଦିଗରେ ଜାଗା ଚିହ୍ନଟ କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷା ଓ ସଂରକ୍ଷଣ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏହିପରି ନିୟମିତ ସମୀକ୍ଷା ବୈଠକ କରାଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରାଥମିକତା ଉପରେ ଗୁରୁତ୍ୱାରୋପ କରି ବିଭିନ୍ନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଠାରେ ସୂଚନାଯୋଗ୍ୟ, ଏହିପରି ଆଭାସୀ ରାଜସ୍ୱ ସମୀକ୍ଷା ବୈଠକ ନିୟମିତ ବ୍ୟବଧାନରେ ପ୍ରତ୍ୟେକ ଜିଲ୍ଲା ସହ ଅନୁଷ୍ଠିତ ହେବ ।

# ନିର୍ଶ୍ଚିନ୍ତକୋଇଲି ବ୍ଲକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ଅଭିଯୋଗ

ସାଲେପୁର,୧୨/୦୫ (ନି.ପ୍ର): ନିର୍ଶ୍ଚିନ୍ତକୋଇଲି ବ୍ଲକରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ବିବରଣୀରୁ ପ୍ରକାଶ, ଉକ୍ତ ବ୍ଲକ ଅଧିନସ୍ଥ ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀ ତିନୋଟି ଶ୍ରେଣୀ ବିଶିଷ୍ଟ ଉଚ୍ଚ ବିଦ୍ୟାଳୟ ଭାବେ କାର୍ଯ୍ୟ କରିଆସୁଥିଲା । ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ଅଷ୍ଟମ ଶ୍ରେଣୀକୁ ପ୍ରାୟ ସବୁ ଉଚ୍ଚ ବିଦ୍ୟାଳୟରୁ କାଢି ନିଆଗଲା । କାରଣ ପ୍ରାଥମିକ ଶିକ୍ଷା ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିଥାଏ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅନୁଦାନରେ କେବଳ ପ୍ରାଥମିକ ବିଦ୍ୟାଳୟର ଅଧ୍ୟୟନରତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଚାଲୁ ରହିଛି ।ରାମକୃଷ୍ଣପୁର ଓସ୍ତପୁର ଉଚ୍ଚ ବିଦ୍ୟାଳୟରୁ ଅଷ୍ଟମ ଶ୍ରେଣୀ ଉଠିଯିବା ଫଳରେ ଉକ୍ତ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବନ୍ଦ ହୋଇଗଲା । ସେଠାରେ ନିଯୁକ୍ତ ଥିବା ପାଚିକା ସହାୟିକା ଉର୍ମିଳା ରାଉତଙ୍କୁ ଚାକିରୀ ହରାଇବାକୁ ପଡିଲା କିନ୍ତୁ ଆଶ୍ଚର୍ଯ୍ୟର କଥା ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବନ୍ଦହେବା ପରେ ମଧ ନିର୍ଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତାଙ୍କ ସଂପର୍କରେ କୌଣସି ତଥ୍ୟ ଉଚ୍ଚ କର୍ତୃପକ୍ଷଙ୍କୁ ନଦେବାରୁ ସମ୍ପୃକ୍ତା ପାଚିକା ସହାୟିକାଙ୍କ ବ୍ୟାଙ୍କ ଜମାଖାତାକୁ ପୂର୍ବବତ୍ ମାସିକ ୧୪ ଶହ ଟଙ୍କା ପାରିତୋଷିକ ଅର୍ଥ ନିୟମିତ ଭାବରେ ଅଦ୍ୟାବଧି ଆସୁଅଛି । ଏହି ଘଟଣା ଜଣାପଡିବା ପରେ ବର୍ତମାନ ନିର୍ଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ପ୍ରଶାସନ ତତ୍ପର ହୋଇ ଉଠିଛି ।ଯେନତେନ ପ୍ରକାରେ ଉକ୍ତ ମହିଳାଙ୍କୁ କୌଣସି ଏକ ବିଦ୍ୟାଳୟରେ ନିଯୁକ୍ତି କରାଇ ଘୋଟାଲା ଉପରୁ ଉଚ୍ଚ କର୍ତୃପକ୍ଷଙ୍କ ଦୃଷ୍ଟି ହଟାଇବାକୁ ଉଦ୍ୟମ କରାଯାଉଛି ।ଦୀର୍ଘ ଦିନ ତଳୁ ନିଜ ବ୍ଲକ ନିର୍ଶ୍ଚିନ୍ତକୋଇଲି ବ୍ଲକରେ ଆସ୍ଥାନ ଜମାଇ ରହିଥିବା ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ କୁମାର ଲେଙ୍କାଙ୍କ ନିଜ ଗାଁ ରାମକୃଷ୍ଣପୁର ନୋଡାଲ ବିଦ୍ୟାଳୟରେ ସଂପୃକ୍ତା ପାଚିକା ସହାୟିକାଙ୍କୁ ଭର୍ତି କରିବାକୁ ଉଦ୍ୟମ ଜାରୀ ରଖିଛନ୍ତି । ଅନ୍ୟପକ୍ଷରେ ମଧ୍ୟାହ୍ନ ଭୋଜନ ନୋଡାଲ ଅଫିସର ତଥା ନିର୍ଶ୍ଚିନ୍ତକୋଇଲି ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପାର୍ବତୀ ନନ୍ଦ ମଧ ଅଡୁଆରେ ପଡିଛନ୍ତି । କୌଣସି ନିଯୁକ୍ତି ନ ପାଇ ସଂପୃକ୍ତା ପାଚିକାଙ୍କୁ ପାରିତୋଷିକ ଅର୍ଥ ପ୍ରଦାନ ପଛରେ କାହାର ହାତ ରହିଛି ତାହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ନିମନ୍ତେ ସ୍ଥାନୀୟ ଅଂଚଳବାସୀଙ୍କ ତରଫରୁ ରାଜ୍ୟ ନୋଡାଲ ଅଫିସର ଗଙ୍ଗାଧର ସାହୁଙ୍କଠାରେ ଦୃଢ ଦାବି ହୋଇଛି ।

# ବୃଷ୍ଟି ଜଳ ସଂରକ୍ଷଣ ଓ ବର୍ଜ୍ୟବସ୍ତୁ ସଂଗ୍ରହ ପ୍ରକଳ୍ପ ପାଇଁ ସମୀକ୍ଷା

ସାଲେପୁର,୧୨/୦୫ (ନି.ପ୍ର): ଦିନକୁ ଦିନ ଭୂତଳ ଜଳ କମି କମି ଯାଉଥିଲା ବେଳେ ବିଭିନ୍ନ ସ୍ଥାନରେ ବର୍ଜ୍ୟବସ୍ତୁ ଓ ଅଳିଆ ଆବର୍ଜନା ପଡି ପରିବେଶ ଦୂଷିତ ହେବାରେ ଲାଗିଛି । ପରିବେଶକୁ ସୁରକ୍ଷା କରିବା ଓ ଭୂତଳ ଜଳ ପତନକୁ ବର୍ଦ୍ଧିତ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି । ଏହି ବ୍ଲକର ୪୧ ଗୋଟି ପଚାଂୟତର ପ୍ରତ୍ୟେକ ଗାଁରେ କିପରି ଭାବେ ବୃଷ୍ଟି ଜଳ ସଂରକ୍ଷଣ କରାଯାଇ ଭୂତଳକୁ ଛଡାଯିବ ଏବଂ ବିଭିନ୍ନ ବର୍ଜ୍ୟବସ୍ତୁ ଓ ଅଳିଆ ଆବଜନାକୁ ଏକାଠି କରାଯାଇ ପରିବେଶକୁ ସ୍ୱଚ୍ଛ ରଖାଯିବ ସେନେଇ ବିଭିନ୍ନ ପ୍ରକଳ୍ପ ନିର୍ମାଣ ସଂକ୍ରାନ୍ତରେ ବ୍ଲକ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ବିଡିଓ କର୍ଣ୍ଣଦେବ ସମାଦ୍ଦାରଙ୍କ ପୌରୋହିତ୍ୟରେ ଏହି ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟରଂଜନ ପଣ୍ଡା, ଗ୍ରାମପଚାଂୟତର ଅଧିକାରୀ ଜନ୍ମେଜୟ ରାଉତ, ମନେରଗାର ବ୍ଲକ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ସାଗରିକା ପରିଡା, ଗ୍ରାମ୍ୟ ପରିମଳ ବିଭାଗର ବ୍ଲକ ସଂଯୋଜକ ସୂର୍ଯ୍ୟକାନ୍ତ ଦାସ, ପ୍ରଦୀପ୍ତ ମହାନ୍ତିଙ୍କ ସମେତ ସମସ୍ତ ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ପଚାଂୟତ ସଂପ୍ରସାରଣ ଅଧିକାରୀ, ଗ୍ରାମରୋଜଗାର ସେବକମାନେ ଯୋଗଦେଇଥିଲେ । ବୃଷ୍ଟିଜଳ ସଂରକ୍ଷଣ କେନ୍ଦ୍ର ନିମନ୍ତେ ୫୬ ହଜାର ଟଙ୍କା ଅନୁଦାନରେ ପ୍ରତ୍ୟେକ ପଚାଂୟତରେ ୫ ଟି ଲେଖାଏଁ ପ୍ରକଳ୍ପ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରୀ ହୋଇଥିଲା ବେଳେ ୧ ଲକ୍ଷ ୫୫ ହଜାର ଟଙ୍କା ଅନୁଦାନରେ ପ୍ରତ୍ୟେକ ପଚାଂୟତରେ ଗୋଟିଏ ଲେଖାଏଁ ସେଗ୍ରିଗେସନ୍ ସେଡ୍ ନିର୍ମାଣ କରାଯାଇ ସେଥିରେ ପୃଥକ୍ ପୃଥକ୍ ଭାବେ ଭଙ୍ଗା କାଚ ସାମଗ୍ରୀ, ପ୍ଲାଷ୍ଟିକ ସାମଗ୍ରୀ ଓ ଅନ୍ୟାନ୍ୟ ଅଳିଆ ଆବର୍ଜନା ରଖାଯିବ । ପ୍ରତ୍ୟେକ ନଳକୂଅ ନିକଟରେ ୫ ହଜାର ଟଙ୍କା ଅନୁଦାନରେ କମ୍ୟୁନିଟ୍ ସୋପିଟ୍ ଏବଂ ୩ ହଜାର ୫୦୦ ଟଙ୍କା ଅନୁଦାନରେ ପ୍ରତ୍ୟେକ ପଚାଂୟତରେ ୨୦୦ ଟି ବ୍ୟକ୍ତିଗତ ସୋପିଟ୍ ନିର୍ମାଣ ପାଇଁ ମଧ ସୁବିଧା କରାଯିବ ।ଏହାଛଡା ବଡ ରାଜସ୍ୱ ଗ୍ରାମରେ ୫ ଟା ଓ ଛୋଟ ରାଜସ୍ୱ ଗ୍ରାମରେ ୩ ଟା ଲେଖାଏଁ ୨୦ ହଜାର ଟଙ୍କା ଅନୁଦାନରେ ଗୋଷ୍ଠୀ ବର୍ଜ୍ୟବସ୍ତୁ କେନ୍ଦ୍ର ପ୍ରକଳ୍ପ ନିର୍ମାଣ କରାଯାଇ ସେଥିରେ ସମସ୍ତ ଅଳିଆ ଆବର୍ଜନା ପକାଯିବା ପାଇଁ କାର୍ଯ୍ୟକ୍ରମ ମଧ କରାଯିବ । ଏହାଛଡା ମନରେଗା ଯୋଜନାରେ ପ୍ରତ୍ୟେକ ପଚାଂୟତରେ ଗୋଟିଏ ଲେଖାଏଁ ଅମୃତ ସରବର ଯୋଜନାରେ ଆଦର୍ଶ ପୋଖରୀ ଖୋଳାଯିବା ପାଇଁ ମଧ କାର୍ଯ୍ୟଖସଡା ପ୍ରସ୍ତୁତ କରାଯାଇଛି । ସରକାରଙ୍କ ଯୋଜନା ଲୋକମାନଙ୍କ ପାଖରେ ପହଂଚାଇବା ପାଇଁ ବ୍ଲକ ପ୍ରଶାସନ କେତେକଦୂର ସକ୍ଷମ ହେବେ ତାହା ସମୟ କହିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଅପରପକ୍ଷରେ ନିର୍ଶ୍ଚିନ୍ତକୋଇଲି ବ୍ଲକରେ ଏନ୍ ଆରଇ ଜି ଏସ୍ କାର୍ଯ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ କାର୍ଯ୍ୟରେ ବହୁ ଦୁର୍ନିତି ହେଉଥିଲେ ମଧ ରାଜନୈତିକ ଚାପରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗକୁ ଚାପି ଦେଉଥିବା ବହୁ ନଜିର ରହିଛି। ପ୍ରତ୍ୟେକ ପଚାଂୟତ ଓ ଗ୍ରାମର ସ୍ୱଚ୍ଛତା ପାଇଁ ଜନସାଧାରଣମାନେ ଏହି ଯୋଜନାରେ ସାମିଲ ହେବାକୁ ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଯୋଡ଼ି ହେବ ବିଚ୍ଛିନ୍ନାଂଚଳ : ଉପକୃତ ହେବେ ଉପାନ୍ତବାସୀ

ନୂଆପଡ଼ା,୧୨/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲାର ମାଓ ଅଧୁଷିତ ଅଂଚଳ ଦୀର୍ଘ ଦିନ ଧରି ବିଚ୍ଛିନ୍ନ ହୋଇ ରହିଥିଲା। ଏଠାରେ ଗମନାଗମନ ପାଇଁ ରାସ୍ତା, ବ୍ରିଜ ନଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟ ସରକାର ଗୁରୁତର ସହ ବିଚାର କରି ଅଞ୍ଚଳରେ ଗମନାଗମନ ର ସୁବିଧା ପାଇଁ ପଦକ୍ଷେପ ନେଇ ଯଥା ଶୀଘ୍ର ଖସଡ଼ା ପ୍ରସ୍ତୁତ କରିବା ସହ ବ୍ୟୟ ଅଟକଳ କରିବା, ପରୀକ୍ଷଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ କୁ ଜଣାଇଥିବା ଜଣାପଡ଼ିଛି। ନୂଆପଡା ଜିଲ୍ଲା କୋମନା ବ୍ଲକ ର ସୁନାବେଡ଼ା ଠାରୁ ଦାତୁନାମା ରାସ୍ତା ୮ କିଲୋ ମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବାକୁ ଥିବା ବେଳେ ଭାଓସିଲ ଠାରୁ ଝରାଳମା - ଶିବନାରାୟଣପୁର ରାସ୍ତା ୧୫ କିଲୋ ମିଟର, ଦେଓଧରା ଠାରୁ ଖୋଲିଭିତର ରାସ୍ତା ୫ କିଲୋ ମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ ସେହିପରି ବୋଡ଼େନ ବ୍ଲକ ର ପାଟଦରା ଠାରୁ ଭଇଁସିମୁଣ୍ଡି ରାସ୍ତା ୬ କିଲୋମିଟର ପର୍ଯ୍ୟନ୍ତ, ଧୋବଘାଟ ଠାରୁ କୋକଟିଆମ - ସିନ୍ଦୁରପୁର - କାଟଫେର ରାସ୍ତା ୧୫ କିଲୋ ମିଟର, ବୋଇରଗାଁ ଠାରୁ ଖଡୁପାଣି - ଯୋଗଭଟ୍ଟା ରାସ୍ତା ୧୫ କିଲୋ ମିଟର ରହିଥିବା ବେଳେ ସିନାପାଲି ବ୍ଲକ ର ଘାଟମାଳ ଠାରୁ ନଙ୍ଗଳଘାଟ, ଚିତାରମା, ଝୋଲାପଡ଼ା ରାସ୍ତା ୧୦ କିଲୋ ମିଟର, ଲିଆଡ଼ ଠାରୁ ରାନୀ ମୁଣ୍ଡା ରାସ୍ତା ୧୦ କିଲୋ ମିଟର, ନୁଆମାଳପଡ଼ା ଠାରୁ ପୋର୍ଟିପଡା, ଅଖଡ଼ାଭଟ୍ଟା ଦେଇ ସୀମାନ୍ତ ଛତିଶଗଡ଼ ର ତେତେଲଖୁଣ୍ଟି ରାସ୍ତା ୧୦ କିଲୋ ମିଟର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହେବ। ସିନାପାଲି ବ୍ଲକ ର ବିଚ୍ଛିନ୍ନାଞ୍ଚଳ କୁହାଯାଉଥିବା ସିନ୍ଦୂରଶିଲ ଠାରୁ ଚିତାରମା, ଝୋଲାପଡ଼ା, ନଙ୍ଗଳଘାଟ ସମେତ ଛତିଶଗଡ଼ ରାଜ୍ୟ ସହିତ ସିଧା ସଳଖ ଯୋଡିବା ପାଇଁ ବିଜୁ ସେତୁ ଯୋଜନାରେ ଉଦନ୍ତି ନଦୀ ରେ ବ୍ରିଜ ନିର୍ମାଣ କରିବା ପାଇଁ ମାଟି ପରୀକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ମାଟି ପରୀକ୍ଷଣ ପାଇଁ ଭୁବନେଶ୍ୱର ସ୍ଥିତ ପରୀକ୍ଷାଗାର କୁ ପଠାଯିବ ବୋଲି ଜଣାପଡ଼ିଛି । ଏହି ବ୍ରିଜ ୧୦୦ ମିଟର ପରିଧି ରହିଥିବା ବେଳେ ୪ ଗୋଟି ଖୁଣ୍ଟ ଉପରେ ବ୍ରିଜ ନିର୍ମାଣ କରିବା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଜଣା ପଡିଛି। ଏଠାରେ ବ୍ରିଜ ନ ଥିବାରୁ ଅଞ୍ଚଳର ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏପରିକି ବର୍ଷା ଋତୁ ରେ ବିଚ୍ଛିନ୍ନ ହେବା ସହ ଜଳବନ୍ଦୀ ଜୀବନ ବିତାଉଥିଲେ। ଏଠାରେ ବ୍ରିଜ ନିର୍ମାଣ ହେଉଥିବାରୁ ଅଞ୍ଚଳବାସୀ ବେଶ୍ ଖୁସି ଖୁସି ରହିଥିବା ବେଳେ ରାଜ୍ଯ ସରକାର ଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି। ଏଭଳି ରାଜ୍ୟର ମାଓ ଅଧୁଷିତ ଅଞ୍ଚଳରେ ଉନ୍ନୟନ କାମ ଆରମ୍ଭ ହେବାକୁ ଥିବା ବେଳେ ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା ଜିଲ୍ଲାର ମାଓ ଗତିବିଧି ଓ ସୁରକ୍ଷା ଯୋଗାଇବା ପାଇଁ ଗୁଇନ୍ଦା ବିଭାଗ ଡ଼ାରେକ୍ତର ଲଳିତ ଦାସ ଙ୍କୁ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହି କାମ ଗୁଡ଼ିକର ଖସଡ଼ା ପ୍ରସ୍ତୁତ ସହ ଅଟକଳ ଆକଳନ କରି ନୂଆପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ରାଜ୍ୟ ସରକାର ଙ୍କ ଉନ୍ନୟନ ବିଭାଗ କୁ ପଠାଇଥିବା ଜଣାପଡ଼ିଛି। ଏହି କାମ ଗୁଡିକ ଯୁଦ୍ଧକାଳୀନ ଭିତିରେ ଆରମ୍ଭ କରାଯିବ ବୋଲି ବିଭାଗ ସୂତ୍ରରୁ ପ୍ରକାଶ।

## ସରକାରୀ ସାହାଯ୍ୟ ଅପେକ୍ଷାରେ ଇଲାମଙ୍କ ପରିବାର

ନୂଆପଡ଼ା,୧୨/୦୫ (ନି.ପ୍ର): ଇଲାମ କଟାଙ୍କ,ପାଂଚଜଣ ପରିବାର ନେଇ ଟ୍ରାକ୍ଟରରେ କାମକରି ପରିବାର ବେଶ ହସ ଖୁସିରେ ଜୀବନ ବିତାଉଥିଲେ। ଏବେ ଇଲାମ ଡାହାଣ ହାତ ହରାଇ ବେରୋଜଗାର। ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କରଙ୍ଗାମାଲ ଗ୍ରାମପଞ୍ଚାୟତ କୁଲିଙ୍ଗାମାଲ ଗ୍ରାମର ଇଲାମ କଟା । ଏକ ମାଲିକଙ୍କ ପାଖରେ କାମ କରି ନିଜ ପରିବାରକୁ ପ୍ରତିପୋଷଣ କରିଆସୁଥିଲେ । ସୂଚନା ମତେ କିଛି ମାସ ତଳେ ଟ୍ରାକ୍ଟର ରେ କାମ କରୁଥିବା ସମୟରେ କୌଣସି ଭୁଲ ବସତଃ ତାଙ୍କ ହାତ ଟ୍ରାକ୍ଟରରେ ପଶି ନଷ୍ଟ ହୋଇ ଯାଇଥିଲା । ତାଙ୍କ ପରିବାର ପାଇଁ କେହି ସାହା ଭରସା ନ ଥିବା ବେଳେ ତାଙ୍କ ସ୍ତ୍ରୀ ଅନେକ ହସ୍ପିଟାଲକୁ ନେଇ ତାଙ୍କ ଚିକିତ୍ସା କରାଇ ଶେଷରେ ସେ ମଧ ସର୍ବହରା ହୋଇ ଘରେ ରହିଲେ। ହାତ କଟିବା ବର୍ଷେ ପାଖା ପାଖି ହୋଇଯାଇଥିଲେ ମଧ ସେ ଭତା ଖଣ୍ଡିଏ କିମ୍ବା କୌଣସି ସରକାରୀ ସାହାଯ୍ୟ ପହଂଚି ପାରିନାହିଁ ।ତାଙ୍କ ପାଞ୍ଚ ପରିବାର ଖାଇବା ପାଇଁ ସରକାରଙ୍କ ତରଫରୁ ମିଳୁଛି ୨୫ କିଲୋ ଚାଉଳ। ଘର ସ୍ଥିତି ଧୀରେ ଧୀରେ ବିଗିଡିବାରେ ଲାଗିଛି । ସରକାର ଇଲାମଙ୍କ ପରିବାରକୁ ସାହାଯ୍ୟ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଅଟୋ ସହିତ ୪୯ ଖଣ୍ଡ ସାଇଜ ଶାଳ କାଠ ଜବତ : ଜଣେ ଗିରଫ

ବଲାଙ୍ଗିର,୧୨/୦୫ (ନି.ପ୍ର): ଗତକାଲି ରାତି ପ୍ରାୟ ୮ ଟା ବେଳେ ବଲାଙ୍ଗିର ବନ ବିଭାଗର ବଲାଙ୍ଗିର ରେଞ୍ଜ ପେଟ୍ରୋଲିଂ ଦଳ ପାଟଣାଗଡ଼ ରୋଡ ପଥର ଚେପା ଛକରେ ଗୋଟିଏ ଅଟୋ ରିକସା ଓଡ଼ି ୦୩ ଏଲ୍ ୦୦୭୮ ନମ୍ବର ଗାଡିରୁ ବିଭିନ୍ନ ସାଇଜର ୪୯ ଖଣ୍ଡ ଶାଳ କାଠ ଜବତ କରିଛନ୍ତି। ଗାଡ଼ି ନେଇ ଯାଉଥିବା ଗାନ୍ଧୀନଗର ପଡା ନିବାସୀ ଲିପୁନ ଖୁଂଟିଆକୁ ଗିରଫ କରିଥିବା ଜଣାପଡିଛି। ଏହି ଚଢ଼ଉରେ ବଲାଙ୍ଗିର ଡେପୁଟି ରେଞ୍ଜର କେଶବ କୃଷ୍ଣ ନାୟକ, ବନପାଳ ବ୍ୟାସଦେବ ସାହୁ, ବନରକ୍ଷୀ ଅଶୋକ ସେଠ ଓ ରଞ୍ଜିତ କୁମ୍ଭାର ସମେତ ରେଞ୍ଜର ପାରା ବନକର୍ମଚାରୀ ସାମିଲ ଥିଲେ। କାଠ ସହିତ ଅଟୋକୁ ବଲାଙ୍ଗିର ରେଞ୍ଜ ଅଫିସକୁ ଅଣାଯାଇଛି, ତଦନ୍ତ ଚାଲୁ ରହିଛି।

# ନୂଆପଡା ଜିଲ୍ଲା ଗାୟତ୍ରୀ ପରିବାରର କାର୍ଯ୍ୟକର୍ତ୍ତାଙ୍କ ବୈଠକ

ନୂଆପଡ଼ା,୧୨/୦୫ (ନି.ପ୍ର): ନୂଆପଡା ଜିଲ୍ଲା ଗାୟତ୍ରୀ ପରିବାରର କାର୍ଯ୍ୟକର୍ତାଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ କାର୍ଯ୍ୟପନ୍ଥା ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଆସନ୍ତା ୧୫ ଓ ୧୬ ତାରିଖରେ ହେବାକୁ ଥିବା ଗୃହେ ଗୃହେ ଯଜ୍ଞର ସଫଳୀକରଣ ଓ ୨୨ ତାରିଖ ଦିନ ସାରାବଂଗ ଠାରେ ଅନୁଷ୍ଠିତ ହେବାକୁ ଥିବା ଯୁବାଚେତନା ଶିବିରରେ ସମସ୍ତ ଯୁବ ସଂଗଠନର ଅଂଶ ଗ୍ରହଣ ପାଇଁ ସମସ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସର୍ବସମ୍ମତି କ୍ରମେ ଦୟା ଥପାଙ୍କୁ ସୂଚନା ପ୍ରଭାରୀ ଭାବରେ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।
ଜିଲ୍ଲା ମୁଖ୍ୟ ସଂଯୋଜକ ଜୟରାମ ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସହ ସଂଯୋଜକ ସୁମେସ ଦେବାଙ୍ଗନ, ଉପଜୋନ୍ ସହ ସଂଯୋଜକ କେତନ ସିଂ ବାରିକ, କାର୍ଯ୍ୟଳୟ ପ୍ରଭାରୀ କୃଷ୍ଣଚନ୍ଦ୍ର ବେହେରା, ନାରୀ ଜାଗରଣ ପ୍ରଭାରୀ ମମତା ମଞ୍ଜରୀ ଥପା, ଯୁବ ସଂଗଠକ ବ୍ୟାସ ନାରାୟଣ ଅହିର, ସହ ସଂଗଠକ ଅର୍ଜୁନ ବାଗ, ଉପଦେଷ୍ଟା ଶୈଳେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ବନ ବିଭାଗର ଲ୍ୟାଣ୍ଡ ବ୍ୟାଙ୍କ କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ବିରୋଧ

ଜୟପୁର,୧୨/୦୫ (ନି.ପ୍ର): ବନବିଭାଗର ଲ୍ୟାଣ୍ଡ ବ୍ୟାଙ୍କ କାର୍ଯ୍ୟକ୍ରମକୁ ଗ୍ରାମବାସୀଙ୍କ ବିରୋଧ। ଏନେଇ ବୈପାରୀଗୁଡା ତହସିଲଦାରଙ୍କୁ ଦାବୀ ପତ୍ର ପ୍ରଦାନ କରିଛନ୍ତି ତାଲୁର ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପୁରୁଷ ପୁରୁଷ ଧରି ଜମି ଏବଂ ଜଙ୍ଗଲକୁ ନେଇ ଜୀବନ ଜୀବିକା ନିର୍ବାହ କରୁଥିବା ତାଲୁର ଗ୍ରାମର ଦୁରୁଆ ସମ୍ପ୍ରଦାୟର ଲୋକଙ୍କୁ ଏବେ ଉଭୟ ଜମି ଏବଂ ଜଙ୍ଗଲ ହରେଇବାକୁ ପଡୁଛି । କାରଣ ବନବିଭାଗର ଲ୍ୟାଣ୍ଡ ବ୍ୟାଙ୍କ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ସବୁ ଜମିରେ ନର୍ସରୀ କରି ଚାରା ପ୍ରସ୍ତୁତ କରି ନୂଆ ଜଂଗଲ ସୃଷ୍ଟି କରିବା ଯୋଜନା ହାତକୁ ନିଆଯାଇଛି। ଏହି ସମସ୍ୟାର ସମାଧାନ ପାଇଁ ତାଲୁର ଗ୍ରାମବାସୀ ତହସିଲଦାରଙ୍କ ଦ୍ୱାରସ୍ଥ ହେବା ସହ ସେମାନଙ୍କ ଜୀବନ ଜୀବିକାର ସୁରକ୍ଷା ପାଇଁ ଗୁହାରି କରିଛନ୍ତି। ସେପଟେ ସ୍ଥାନୀୟ ତହସିଲଦାର କୌଳାସ ଚନ୍ଦ୍ର ତ୍ରିପାଠୀ ଏହି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ମୁଗ ପିଠା

ପାଠକ ବନ୍ଧୁ ଆମେ ଏହି ସଂଖ୍ୟାରେ ମୁଗରେର ପ୍ରସ୍ତୁତ ଏକ ପିଠା ବିଷୟରେ ଉଲ୍ଲେଖ କରିଛୁ । ପଶ୍ଚିମବଙ୍ଗ ଓ ବାଂଲାଦେଶର ଗ୍ରାମାଞ୍ଚଳର ଏହା ଏକପ୍ରକାର ପାରମ୍ପରିକ ପିଠା । ଏହି ପିଠା ସାଧାରଣତଃ ଶୀତ ଦିନେ ପ୍ରସ୍ତୁତ ହୋଇଥାଏ । ବଙ୍ଗଳାରେ ଏହାକୁ ମୁଗେର ଡାଲେର୍ ଭାଜା ପିଠେ ବୋଲି କୁହାଯାଇଥାଏ । ଲକ୍ଷ୍ମୀପୂଜା ଅବସରରେ ଏହାକୁ ପ୍ରସ୍ତୁତ କରାଯାଇଥାଏ । ଏହି ପିଠାକୁ ପ୍ରଥମେ ତେଲରେ ଛଣାଯାଇ ଚିନି ସିରାରେ ବୁଡ଼ାଯାଇ ପ୍ରସ୍ତୁତ କରାଯାଇଥାଏ । ଦୁର୍ଗାପୂଜା ପରେ ଓଡ଼ିଶାରେ ଯେପରି ଗଜଲକ୍ଷ୍ମୀ ପୂଜା ହୋଇଥାଏ ।

ପଶ୍ଚିମବଙ୍ଗ ଓ ବାଂଲାଦେଶର ଅନେକ ସ୍ଥାନରେ ସେହି ପୂଜାକୁ କୋଜାଗରି ଲକ୍ଷ୍ମୀ ପୂଜା ବୋଲି କୁହାଯାଇଥାଏ । ମା' ଲକ୍ଷ୍ମୀଙ୍କ ଏହି ପୂଜାରେ ମୁଗ ପିଠା ଭୋଗ କରାଯାଇଥାଏ । ଏହାକୁ ପ୍ରସ୍ତୁତ କରିବା ପାଇଁ ମୁଖ୍ୟ ଉପଦାନ ହେଉଛି ମୁଗଡାଲି ଏବଂ ଚିନି । ଏହି ମିଠାକୁ ଭାଗମାପ ଅନୁସାରେ ଭଲ କରି ପ୍ରସ୍ତୁତ କଲେ ଏହା ଚାରି ପାଞ୍ଚ ଦିନ ପର୍ଯ୍ୟନ୍ତ ଭଲ ରହିବ । ଯଦି ଆପଣ ଅଧିକ ଦିନ ରଖିବାକୁ ଚାହାନ୍ତି ତେବେ ଏହାକୁ ପ୍ରସ୍ତୁତ କରିସାରିଲା ପରେ ଫ୍ରିଜ୍‌ରେ ରଖିଦେବେ । ଖାଇବା ଆଗରୁ ମାଇକ୍ରୋୱେଭ୍‌ରେ ଟିକେ ଗରମ କରିନେବେ । ତେବେ ଆସନ୍ତୁ ଜାଣିବା ମୁଗ ପିଠା କିପରି ପ୍ରସ୍ତୁତ କରାଯାଏ ।



**ପ୍ରସ୍ତୁତି:**

ମୁଗପିଠା ପ୍ରସ୍ତୁତ କରିବା ପାଇଁ ୨ ଚାମଚ ଘିଅ, ଅଧ କପ୍ ଚୋପାଛଡ଼ା ମୁଗଡାଲି, ଦେଢ଼ କପ୍ ପାଣି, ୧ କପ୍ କ୍ଷୀର, ୧ କପ୍ ଚାଉଳା ଚୂନା, ଛାଣିବା ପାଇଁ ରିଫାଇନ୍ ତେଲ ନେବାକୁ ହେବ । ଏହା ପରେ ସିରା ପ୍ରସ୍ତୁତ ପାଇଁ ଦେଢ଼ କପ ଚିନି, ଦେଢ଼ କପ୍ ପାଣି, ଚଉଠେ ଚାମଚ କେଶର, ଚଉଠେ ଚାମଚ ଗୁଜୁରାତି ଗୁଣ୍ଡ ନେବେ । ପ୍ରଥମେ ଏକ ପ୍ରେସର କୁକରର୍‌ରେ ୧ ଚାମଚ ଘିଅ ଗରମ କରି ସେଥିରେ ମୁଗ ଡାଲି ଭାଜିବାକୁ ହେବ । ଡାଲି ଭାଜିବା ପୂର୍ବରୁ ଡାଲିକୁ ଧୋଇ ସେଥିରୁ ପାଣି ଝରାଇ ରଖିଥିବେ । ଧିମା ଆଞ୍ଚରେ ମୁଗ ଡାଲି ପାଞ୍ଚ ମିନିଟ୍ ଭାଜି ହୋଇଗଲା ପରେ ଦେଖିବେ ସେଥିରୁ ହାଲ୍‌କା ବାସ୍ନା ଆସିବ । ଏଥର ସେଥିରେ ୧ କପ୍ ପାଣି ଏବଂ ୧ କପ୍ କ୍ଷୀର ଦେଇ ଭଲ କରି ଗୋଳେଇ ଦେବେ । ଏହା ପରେ ପ୍ରେସର କୁକର୍‌ର ଢାଙ୍କୁଣୀ ଦେଇ ମଧ୍ୟମ ଆଞ୍ଚରେର ଚାରୋଟି ସିଟି ଆସିଲା ପର୍ଯ୍ୟନ୍ତ ସିଝିବା ପାଇଁ ଛାଡ଼ିଦେବେ । ସିଟି ବାଜିବାର କିଛି ସମୟ ପରେ ଯେତେବେଳେ ଦେଖିବେ ଆଉ ଶବ୍ଦ ଆସୁନଥିବ ସେତେବେଳେ ଢାଙ୍କୁଣି ଖୋଲିଦେବେ । ଯଦି ଦେଖନ୍ତି ଭଲଭାବେ ସିଝି ନଥାଏ ତେବେ ଦରସିଝା ମୁଗ ଡାଲିକୁ ମିକ୍ସିରେ ଭଲ କରି ବ୍ଲେଣ୍ଡ କରିନେବେ । ଏହା ପରେ ଗ୍ୟାସରର ଏକ ବଡ଼ କରେଇ ବସାଇ ସେଥିରେ ଏହି ମୁଗ ଡାଲି ପେଷ୍ଟ ଦେଇ ସେଥିରେ ଅଧା କପ ପାଣି ମିଶାଇ ଭଲ କରି ଘାଣ୍ଟିବେ । ଆଞ୍ଚ ପୂରା ଧିମା ରଖିଥିବେ । ଏହା ପରେ ସେଥିରେର ଚାଉଳଗୁଣ୍ଡ ପକାଇ ଧୀରେ ଧୀରେ ଘାଣ୍ଟିବେ । ଯେମିତି ଗୁଳା ରହିନଯାଏ ସେଥିପ୍ରତି ଦୃଷ୍ଟି ଦେବେ । ଭଲ କରି ମିଶିଗଲା ପରେ କରେଇରେ ଏକ ଢାଙ୍କୁଣି ଦେଇ ୫ ମିନିଟ୍ ରଖିଦେବେ । ଏହାପରେ ୧ ଚାମଚ ଘିଅ ସେଥିରେ ଗୋଳାଇଦେବେ । ଘିଅ ଗୋଳାଇ ଦେଲେ ଏକ ନନ୍‌ଷ୍ଟିକି ଡୋ ପ୍ରସ୍ତୁତ ହୋଇଯିବ । ଏହା ପରେ ସେହି ଡୋକୁ ଆଉ ଏକ ବଡ଼ ପାତ୍ରକୁ ବାହାର କରିଆଣିବେ । ଟିକେ ଥଣ୍ଡା ହୋଇ ଆସିଲେ ହାତରେ ସାମାନ୍ୟ ତେଲ ମାରି ଏହି ମିଶ୍ରଣକୁ ଆଉ ଟିକେ ଦଳି ଅଲଗା ରଖିବେ । ଏଥର ଚିନି ସିରା ପ୍ରସ୍ତୁତ କରିବେ । ସିରା ପ୍ରସ୍ତୁତ ହୋଇଗଲେ ସେଥିରେ ସାଫ୍ରନ ଏବଂ ଗୁଜୁରାତି ଗୁଣ୍ଡ ମିଶାଇ ଦେବେ । ସିରା ଯେପରି ଅଧିକ ବହଳିଆ ନ ହୁଏ ଖିଆଲ ରଖିଥିବେ । ଏହା ପରେ ଚକଟି ରଖିଥିବା ଗୁଳାରୁ ଛୋଟ ଛୋଟ ଗୁଳା କରି ହାତରେ ଚାପି ନିଜ ମନପସନ୍ଦ ଆକୃତିର ପିଠା ଗଢ଼ିବେ । ଯେମିତି ପେଡ଼ା ଭଳି ଲାଗେ ଠିକ୍ ସେମିତି ଭାବେ ଗଢ଼ିଲେ ଭଲ ଦେଖାଯିବ । ଏହା ପରେ କରେଇରେ ତେଲ ଗରମ କରି ଏହି ପିଠାକୁ ମଧ୍ୟମ ଆଞ୍ଚରେ ବାଦାମି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜିବେ । ତେଲରୁ ଛାଣି ଟିସୁ ପେପର୍ ଉପରେ ରଖି ସିଧା ଚିନି ସିରାରେ ବୁଡ଼ାଇଦେବେ । ଦୁଇଘଣ୍ଟା ବତୁରି ଗଲା ପରେ ପ୍ରସ୍ତୁତ ହୋଇଯିବ ମୁଗ ପିଠା ।

# ଦିନକୁ ଗୋଟିଏ ଆସ୍ପିରିନ୍ କ୍ୟାନସରକୁ ଦୂର କରିବ




୫୦ରୁ ୭୦ ବର୍ଷ ବୟସ୍କ ଲୋକଙ୍କୁ ବାଉଲ ବା ଆନ୍ତରେ କର୍କଟ ହୋଇଥାଏ । କେତକଙ୍କୁ ଜରାୟୁ କର୍କଟ ହୋଇଥାଏ । ଅଷ୍ଟ୍ରେଲିଆରେ କରାଯାଇଥିବା ଏକ ଗବେଷଣା ଅନୁଯାୟୀ ଦିନକୁ ଗୋଟିଏ ଆସ୍ୱରିନ୍ ଖାଇଲେ କର୍କଟ ହେବ ନାହିଁ । ଅଷ୍ଟ୍ରେଲିଆର ଗବେଷକମାନେ ସାରା ବିଶ୍ୱରେ ଏହି ଗବେଷଣା କରିଥିଲେ । ରୟାଲ ମେଲବର୍ଣ୍ଣ ହସ୍‌ପିଟାଲର ଗବେଷକମାନେ ଏହି ଗବେଷଣା କରିଥିଲେ । ୨ ବର୍ଷ ଧରି ଏହି ଗବେଷଣା ଚାଲିଥିଲା । ଏଥିରୁ କର୍କଟ ବା କ୍ୟାନସର ହେବାର ଲକ୍ଷଣ ୫୦ ପ୍ରତିଶତ ହ୍ରାସ ପାଇଛି ବୋଲି ଗବେଷଣା ପରେ କୁହାଯାଇଛି । ବିଶ୍ୱର ଲୋକପ୍ରିୟ ବିଜ୍ଞାନ ପତ୍ରିକା ଲାନ୍ ସେଟ୍‌ରେ ଏହାର ରିପୋର୍ଟ ପ୍ରକାଶ ପାଇଛି ।

ମିଚେଲ୍ ରିଟଚି ନାମକ ବ୍ୟକ୍ତିଙ୍କର ଲାଇନ୍‌ଚ୍ ସିଣ୍ଡ୍ରୋମ ରହିଛି । ତାଙ୍କର କ୍ୟାନସର ହେବାର ଆଶଙ୍କା ଖୁବ୍ ବେଶୀ । ତେବେ ସେ ଗତ ୨୦ ବର୍ଷ ଧରି ପ୍ରତିଦିନ ଗୋଟିଏ ଲେଖାଏ ଆସ୍ୱରିନ୍ ଖାଉଛନ୍ତି । ଏଥିଯୋଗୁଁ ତାଙ୍କୁ ନିକଟରେ କ୍ୟାନସରର ଲକ୍ଷଣ ଦେଖାଯାଇ ନାହିଁ ।

ଏହାପରେ ଆସ୍ୱରିନ୍ ଦିଆଯାଇ ୪୨୭ ଜଣଙ୍କ ଉପରେ ଗବେଷଣା କରାଯାଇଥିଲା । ୧୦ରୁ ୨୦ ବର୍ଷ ଧରି ବିଭିନ୍ନ ଲୋକଙ୍କ ଉପରେ ଗବେଷଣା କରାଯାଇଥିଲା ସେମାନଙ୍କୁ କ୍ୟାନସର ହେବାର ଲକ୍ଷଣ ୫୦ପ୍ରତିଶତ ହ୍ରାସ ପାଇଥିବା ଦେଖିବାକୁ ମିଳିଛି ।

ମେଲବର୍ଣ୍ଣ ହସ୍‌ପିଟାଲ୍‌ର ପ୍ରଫେସର ଫିନ୍‌ଲେ ମାକରାଇ ଏହି ଗବେଷଣା କରିଥିଲେ । ଆସ୍ୱରିନ୍ ବ୍ୟବହାରର ସକରାତ୍ମକ ଦିଗ ବିଷୟରେ ସେ ଏହି ଗବେଷଣାରୁ ଜାଣିବା ପାଇଁ ପାଇଛନ୍ତି ।

# ଆମ ଜୀବନକାଳ ଭିତରେ ଅଦୃଶ୍ୟ ହୋଇଯିବ ଏଇ ୧୦ ଜିନିଷ

ସମୟ ଉପଗତ । ଖୁବଶୀଘ୍ର ଅନେକ ସେବା ପ୍ରଦାନକାରୀ ବ୍ୟବସ୍ଥା ଓ ଜିନିଷ ଅଦୃଶ୍ୟ ହୋଇଯିବ । ତାହା ପୁଣି ଆମରି ଜୀବନକାଳ ଭିତରେ । ଆଧୁନିକ ଜ୍ଞାନକୌଶଳର ଅଧିକ ଉପଯୋଗ ଏହାର କାରଣ ହେବ । ଆସନ୍ତୁ ଜାଣିବା ଅଦୃଶ୍ୟ ହେବାକୁଥିବା ବା ହେଇଚାଲିଥିବା ଏସବୁ ଜିନିଷ କ'ଣ ?

୧. ପୋଷ୍ଟ ଅଫିସ୍: ସମୟ ଥିଲା ଏହି ସେବା ବିନା ବାର୍ତ୍ତା କିମ୍ବା ଆର୍ଥିକ ସହାୟତା ପହଞ୍ଚି ପାରୁ ନ ଥିଲା । ହେଲେ ଅଦ୍ୟାବଧି ଇ-ମେଲ୍, ଫେଡ୍ ଏକ୍ସ, ୟୁପିଏସ୍ ସେବା ବାର୍ତ୍ତାକୁ ସୁରକ୍ଷିତ, ଖୁବ୍ କମ୍ ସମୟରେ ଓ ଖୁବ୍ କମ୍ ଖର୍ଚ୍ଚରେ ଜଣଙ୍କ ଠାରୁ ଅନ୍ୟଜଣଙ୍କ ପାଖରେ ପହଞ୍ଚାଇପାରୁଛି । ତେଣୁ ଖୁବ୍ କମ୍ ରାଜସ୍ୱ ଆସୁଥିବା ପୋଷ୍ଟ ଅଫିସ୍ ସେବା ବନ୍ଦ ହୋଇଯିବା ନେଇ ଆକଳନ କରାଗଲାଣି ।

୨- ଚେକ୍: ଖୁବଶୀଘ୍ର ବ୍ରିଟେନରେ ବ୍ୟାଙ୍କ ଚେକ୍ ହଟିବ । ଏନେଇ କାମ ଆରମ୍ଭ ହୋଇଯାଇଛି । ଅନଲାଇନ୍ ଓ ପ୍ଲାଷ୍ଟିକ କାର୍ଡ ଜରିଆରେ ନେଣଦେଣ ବ୍ୟବସ୍ଥା ଚେକ୍ ବ୍ୟବସ୍ଥାକୁ ହଟାଇବାକୁ ବସିଛି । ଏହା ପୋଷ୍ଟ ଅଫିସ୍ ମନିଅର୍ଡର ଭଳି ଆର୍ଥିକ କାରବାର ବ୍ୟବସ୍ଥାକୁ ମୃତକ ପ୍ରାୟ କରିଦେବ । ଆଗକୁ ଇ-ମେଲ ଦ୍ୱାରା ସମସ୍ତ ନେଣଦେଣ ବ୍ୟବସ୍ଥା ବାର୍ତ୍ତା ନିୟନ୍ତ୍ରଣ ହେବ । ଯାହା ଚେକ ବ୍ୟବସ୍ଥାକୁ ହଟାଇଦେବ ।

୩- ଖବର କାଗଜ: ଅଧିକାଂଶ ଯୁବପିଢ଼ି ଏବେ ଖବରକାଗଜ ପଢ଼ିବାଠାରୁ ଦୂରେଇ ଗଲେଣି । ତେଣୁ ଖବରକାଗଜ ଗ୍ରାହକ ହେବାକୁ ପସନ୍ଦ କରୁନାହାନ୍ତି । ଅନଲାଇନରେ ଖବର ପଢ଼ିବା ବ୍ୟବସ୍ଥା ଆଗକୁ ଖବର କାଗଜ ଯୁଗ ବନ୍ଦ କରିଦେବା ଆଶଙ୍କା ସୃଷ୍ଟି କରିଛି । ଏହାଛଡା ଏବେ ଖବରକାଗଜ ଓ ମାଗାଜିନ ଇ-ପେପର ଫର୍ମାଟରେ ଆସିବା ଗ୍ରାହକଙ୍କୁ ଇଣ୍ଟରନେଟ ମୁହାଁ କରିଦେଇଛି । ତେଣୁ ଆଗକୁ ଖବରକାଗଜ ଅଦୃଶ୍ୟ ହେବା ଆଶଙ୍କା କରାଗଲାଣି ।

୪- ବହି: ଇଣ୍ଟରନେଟ୍ ଜରିଆରେ ବୁକଷ୍ଟୋର ବ୍ରାଉଜର ଖୋଲି ବହିପଢ଼ିବା ବ୍ୟବସ୍ଥା ବହି କିଣିବା ବୋଝକୁ କମାଇ ଦେଲେଣି । ସୀମିତ ଇଣ୍ଟରନେଟ୍ ଖର୍ଚ୍ଚରେ ବହି ଡାଉନଲୋଡ କରାଯାଇପାରିବା ଆଗକୁ ପାଠପଢ଼ା ବ୍ୟବସ୍ଥାରେ ଏକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ କରାଯାଉଛି । ଗୀତ, ଫିଲ୍ମ ଭଳି ବହିର ପୃଷ୍ଠାଗୁଡ଼ିକୁ ଡାଉନ୍ ଲୋଡ କରି କମ୍ପ୍ୟୁଟରରେ ରଖି ପଢ଼ାଯାଇପାରୁଛି । ବିଦ୍ୟାର୍ଥୀ ଓ ଉଚ୍ଚ ଶିକ୍ଷିତ ଯୁବପିଢ଼ି ଏବେ ଏଥିପ୍ରତି ବହୁତ ଅଭ୍ୟସ୍ତ ହୋଇପଡ଼ିଲେଣି । ତେଣୁ ବହି ନିକଟ ଭବିଷ୍ୟତରେ ଅଦୃଶ୍ୟ ହେବା ଆଶଙ୍କା ସୃଷ୍ଟି କରିଛି ।



୫- ଲ୍ୟାଣ୍ଡଲାଇନ ଫୋନ୍: ପ୍ରତ୍ୟକଙ୍କ ହାତରେ ମୋବାଇଲ୍ । ଏପରିକି ଏକାଠି ରହୁଥିବା ବଡ ପରିବାର ମଧ୍ୟ ବ୍ୟବହାର ନିମନ୍ତେ ଘରେ ଗୋଟିଏ ମୋବାଇଲ ବ୍ୟବହାର କରୁଛନ୍ତି । ଏଥିରୁ ଦେଶବିଦେଶକୁ ଫୋନ୍ ଓ ଭିଡିଓ କଲ୍ ମଧ୍ୟ କରାଯାଇପାରୁଛି । ଯାହା ଲ୍ୟାଣ୍ଡଲାଇନ୍ ସଂଯୋଗ, ବିଲ୍ ପୈଠ, ଯୋଗାଯୋଗ ବିଚ୍ଛିନ୍ନ ଭଳି ସମସ୍ୟାରୁ ମୁକ୍ତି ଦେଉଛି । ତେଣୁ ଆସ୍ତେ ଆସ୍ତେ ଲ୍ୟାଣ୍ଡଲାଇନ୍ ଫୋନ୍ ବ୍ୟବସ୍ଥା ଅଦୃଶ୍ୟ ହେବାରେ ଲାଗିଛି ।

୬- ସଙ୍ଗୀତ : ଧୀରେ ଧୀରେ ଅନେକ ମ୍ୟୁଜିକ କମ୍ପାନୀ ତାର ସତ୍ତା ହରାଇଲାଣି । ବେଆଇନ ଡାଉନଲୋଡିଂ ହେଉଛି । ରୁଚି ଅନୁଯାୟୀ ଲୋକେ ବିଭିନ୍ନ ପ୍ରକାର ନୂଆ ମ୍ୟୁଜିକ ଉଦଭାବନ କରି ଶୁଣୁଛନ୍ତି । ଲୋଭ ଓ ଦୁର୍ନୀତି ମଧ୍ୟ ଅନ୍ୟଏକ କାରଣ ହୋଇ ଉଭା ହୋଇଛି । ରେଡିଓ ଜରିଆରେ ଶୁଣିବାକୁ ମିଳୁଥିବା ଗୀତ ମ୍ୟୁଜିକ କମ୍ପାନୀ ଉପରେ ପ୍ରଭାବ ପକାଉଛି । ଲୋକେ ପୁରୁଣା ଗୀତକୁ ନୂଆ ମ୍ୟୁଜିକ ଢାଞ୍ଚାରେ କିମ୍ବା ଆଖି ଆଗରେ ଶୁଣିବାକୁ ପସନ୍ଦ କରୁଛନ୍ତି । ଯାହା ମ୍ୟୁଜିକ୍ ଓ ମ୍ୟୁଜିକ କମ୍ପାନୀ ତିଷ୍ଠି ରହିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ବୋତଲରେ କ୍ଷୀର ପିଉଛି ହାତୀ ଛୁଆ



ଏକ ହାତୀଛୁଆ ବୋତଲରେ କ୍ଷୀର ପିଇଲା ଭଳି ଆଶ୍ଚର୍ଯ୍ୟ ଘଟଣାର ଭିଡିଓ ଏବେ ଭାଇରାଲ ହୋଇଛି । ଏମିତି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଘୁରି ବୁଲୁଥିବା ବେଳେ ଲୋକେ ଏହାକୁ ବହୁ ମାତ୍ରାରେ ସେୟାର କରିଛନ୍ତି । ଭିଡିଓରୁ ଜଣାପଡ଼ିଛି ଯେ, ଗୋଟେ ହାତୀ ଛୁଆ ବୋତଲରେ କ୍ଷୀର ପିଉଛି । ଯାହାକୁ ନେଇ ଇଣ୍ଟରନେଟ୍‌ରେ ଖୁବ୍ କୌତୁହଳ ଜାତ ହୋଇଛି । ୩୯ ସେକେଣ୍ଡର ଏହି ଭାଇରାଲ୍ ଭିଡିଓଟିକୁ ଟ୍ୱିଟରରେ ସେଲଡ୍ରିକ୍ ୱାଇଲ୍ଡଲାଇଫ୍ ଦ୍ୱାରା ସେୟାର ହୋଇଛି ଏବଂ ପାଖାପାଖି ୧୨୦୦୦ ଭିୟୁଜ୍ ଆସିଛି । ପ୍ରାଣୀ ସମ୍ପଦ ସୁରକ୍ଷା ପାଇଁ ଏହି ଭିଡିଓ ଜରିଆରେ ମଧ୍ୟ ବାର୍ତ୍ତା ପ୍ରେରଣ କରାଯାଇଛି ।



# ଘର ପରିଷ୍କାର ରଖିବାକୁ ଏହି ଉପାୟ ଆପଣାନ୍ତୁ



ସଂକ୍ରମଣଜନିତ ରୋଗରୁର ବଞ୍ଚିବାକୁ ଚାହୁଁଥିଲେ, ଘରଦ୍ୱାର ପରିଷ୍କାର ରଖିବା ଜରୁରୀ । ଏହା ସହ ଘରର ପ୍ରବେଶ ଦ୍ୱାରରେ ସାନିଟାଇଜର୍ ରଖନ୍ତୁ । ଏହା ପରେ ସ୍ନାନାଗାରକୁ ଯାଇ ପୋଷାକ ପରିବର୍ତ୍ତନ କରି ଉଷୁମ ପାଣିରେ ଗୋଡ଼ ହାତ ପୋଛିନେବେ ।

- ◆ ଘରର ସୁଇଚ୍ ବୋର୍ଡ, ଡାଇନିଂ ଟେବୁଲ୍, ବୈଠକଖାନାର ସୋଫା ଇତ୍ୟାଦିକୁ ପ୍ରତିଦିନ ସଫା କରିବା ଉଚିତ । ବଜାରରେ ମିଳୁଥିବା କ୍ଲିନିଙ୍ଗ୍ ଉପକରଣ ଜରିଆରେ ଏସବୁ ସ୍ଥାନ ପରିଷ୍କାର କରିହେବ ।
- ◆ ଏହା ସହ ଘର ପ୍ରତି ୨ ଦିନରେ ପୋଛନ୍ତୁ । ବାଲଟିଏ ପାଣିରେ ଲୁଣ ପକାଇ ଘରର ପ୍ରତ୍ୟେକ କକ୍ଷକୁ ଭଲରେ ପୋଛିନେବେ ।
- ◆ ୱାଶ୍ ବେସିନ୍‌ରେ ଜୀବାଣୁ ଅଧିକ ରହିଥାନ୍ତି ।
- ◆ ନିୟମିତ ଏସବୁ ସ୍ଥାନକୁ ସଫା କରିବା ଜରୁରୀ ।
- ◆ ଚାଦର, ବେଡ୍‌ସିଟ୍, ତକିଆ ଖୋଳ ପ୍ରତି ୩-୪ ଦିନରେ ଥରେ ସଫା କରନ୍ତୁ । ଏହା ସହ ଏସବୁକୁ ଖରାରେ ଭଲରେ ଶୁଖାଇବା ଆବଶ୍ୟକ । ଏପରି କଲେ ସେଥିରୁ ଥିବା ଜୀବାଣୁ ମରିଯାନ୍ତି ।
- ◆ ଘର ଝାଡୁ କରିବା ସମୟରେ ଏବେ ମାସ୍କ ପରିଧାନ ଅଭ୍ୟାସ କରିବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ ।
- ◆ ନିୟମିତ ଭାବେ ୨-୩ ଥର ୨୦ ଅନ୍ତତଃ ସେକେଣ୍ଡ ହାତ ଧୋଇବା ଉଚିତ ।

# ଚିଙ୍ଗୁଡ଼ି ମାଛ ମଲାଇ କରୀ



ଯଦି ସି ଫୁଡ୍ ଖାଇବାକୁ ପସନ୍ଦ କରୁଥାନ୍ତି ତେବେ ଚିଙ୍ଗୁଡ଼ି ମାଛ ମଲାଇର କରୀ ନିଶ୍ଚିତ ଭାବରେ ଟ୍ରାଏ କରନ୍ତୁ ।

**ଆବଶ୍ୟକ ସାମଗ୍ରୀ:**

ଛୋଟ ଚିଙ୍ଗୁଡ଼ି-୩୦୦ ଗ୍ରାମ, ନଡ଼ିଆ ରସ-୧ କପ୍, ହଳଦୀ ପାଉଡର-୧/୨ ଚାମଚ, ଲାଲ୍ ଲଙ୍କା ପାଉଡର-୧ ଚାମଚ, ଲୁଣ-ସ୍ୱାଦ ଅନୁସାରେ, ତେଲ-୩ ଚାମଚ, କଟା ପିଆଜ-୨ଟି, କଟା ରସୁଣ-୧ ଚାମଚ, କାଜୁ ପେଷ୍ଟ-୨ ଚାମଚ, ସୋରିଷ ବଟା-୨ ଚାମଚ, କଟାଯାଇଥିବା କଞ୍ଚା ଲଙ୍କା-୨ଟି ।

**ପ୍ରଣାଳୀ:** ଏକ ପାତ୍ରରେ ଚିଙ୍ଗୁଡ଼ି ମାଛ ନେଇ ସେଥିରେ ହଳଦୀ, ଲଙ୍କା ପାଉଡର ଓ ଲୁଣ ମିଶାଇ ୩ ମିନିଟ୍ ପାଇଁ ରଖିଦିଅନ୍ତୁ । ଗୋଟେ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ ଚିଙ୍ଗୁଡ଼ିକୁ ପକାଇ ଭାଜନ୍ତୁ । ଏହାକୁ ଭାଜି ସାରିବା ପରେ ଗୋଟେ ପେପରରେ ରଖନ୍ତୁ ଯେପରି ଏଥିରୁ ତେଲ ବାହାରିଯିବ । ବାକି ତେଲରେ ପିଆଜ ପକାଇ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପୁଣି ରସୁଣ ପକାଇ କିଛି ସମୟ ପାଇଁ ଭାଜିବାକୁ ହେବ । ଏବେ ସେଥିରୁ କାଜୁ ପେଷ୍ଟ ପକାି ମିଶାନ୍ତୁ । ସେଥିରେ କିଛି ସମୟ ପରେ ଅଳ୍ପ ପାଣି ମିଶାଇ ସୋରିଷ ବଟା ପକାନ୍ତୁ ଓ ଭଲ ଭାବରେ ମିଶାନ୍ତୁ । ତା' ପରେ ନଡ଼ିଆ ରସ ପକାଇ ୨ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏହା ଫୁଟିଯିବା ପରେ ଲଙ୍କା ପକାଇବାକୁ ହେବ । ଏବେ ଭଜା ଯାଇଥିବା ଚିଙ୍ଗୁଡ଼ି ମାଛ ପକାଇ ସେଥିରେ କିଛି ପାଣି ମିଶାଇ ଫୁଟାନ୍ତୁ । ଲୁଣ ଦେଇ ଗ୍ୟାସ୍ ବନ୍ଦ କରନ୍ତୁ ଓ ଗରମ ଗରମ ପରଟା ବା ଜିରା ରାଇସ୍ ସହିତ ଖାଆନ୍ତୁ ।

# ଚୂଡ଼ା ଢୋକ୍‌ଲା

ବେସନ କିମ୍ବା ସୁଜିରେ ତିଆରି ଢୋକ୍‌ଲା ଖାଇଥିବେ । ଚୂଡ଼ା ଢୋକ୍‌ଲା ତିଆରି କରିବା ସହଜ ହେବା ସହ ସ୍ୱାଦିଷ୍ଟ ଏବଂ ସ୍ୱାସ୍ଥ୍ୟକର ହୋଇଥାଏ ।




ଆବଶ୍ୟକ ସାମଗ୍ରୀ:

ପତଳା ଚୂଡ଼ା- ୫୦୦ ଗ୍ରାମ, ଦହି ୨୫୦ ଗ୍ରାମ, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ସୋରିଷ ଏବଂ ଜିରା, ୧ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ, ସୋଡ଼ା-୧/୪ ଚାମଚ, ୨ ଚାମଚ ତେଲ, ସ୍ୱାଦାନୁସାରେ ଲୁଣ ଏବଂ ବଡ଼ ଚାମଚରେ ଅଧା ଚାମଚ କଟା ଧନିଆ ପତ୍ର ।

ପ୍ରସ୍ତୁତି: ପ୍ରଥମେ ଏକ ପାତ୍ରରେ ଦହି ଓ ଚୂଡ଼ା ମିଶାଇ ୧ ଘଣ୍ଟା ରଖିଦିଅନ୍ତୁ । ଘଣ୍ଟାକ ପରେ ସେଥିରେ ଲୁଣ, ଅଦା ଓ କଞ୍ଚାଲଙ୍କା ପେଷ୍ଟ, ଧନିଆପତ୍ର, ସୋଡ଼ା ଏବଂ ତେଲ ମିଶାଇ ଭଲଭାବେ ପିଠଉ ପରି ପ୍ରସ୍ତୁତ କରିନିଅନ୍ତୁ । ଥାଳି ପରି ଏକ ଚଉଡ଼ା ପାତ୍ରରେ ତେଲ ଲଗାଇ ସେଥିରେ ଏହି ଢୋକ୍‌ଲା ପିଠଉ ଢାଳିଦେବେ । ଏକ ଷ୍ଟିମରରେ ଏହି ପାତ୍ର ରଖି ୨୦-୨୫ ମିନିଟ୍ ସିଝିବା ପାଇଁ ଛାଡ଼ି ଦିଅନ୍ତୁ । ଢୋକ୍‌ଲା ସିଝିଯିବା ପରେ ଏହାକୁ ବାହାର କରି ଥଣ୍ଡା ହେବା ପାଇଁ ରଖିଦେବେ । ଥଣ୍ଡା ହେବା ପରେ ଏହାକୁ ଢୋକ୍‌ଲା ଭଳି ଚାରିକୋଣିଆ ଆକାରରେ କାଟିଦେବେ । ଏବେ କଡ଼େଇରେ ଅଳ୍ପ ତେଲ ଦେଇ ସୋରିଷ ଏବଂ ଜିରା ପକାଇ ଫୁଟାଇ ଦିଅନ୍ତୁ । ଥଣ୍ଡା ହୋଇଯାଇଥିବା ଢୋକ୍‌ଲା ଉପରେ ଏହି ଫୁଟଣ ଭଲଭାବେ ଚାରିଆଡ଼େ ପକାଇଦେବେ । ବଳକା କଟା ଧନିଆପତ୍ର ଦେଇ ଏହାକୁ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚୂଡ଼ା ଢୋକ୍‌ଲା ।

CMYK

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

# ଅନ୍ଧକାର ଭବିଷ୍ୟତ...

ଦେଶର ପ୍ରତିବେଶୀ ଦ୍ୱୀପ-ରାଷ୍ଟ୍ର ଶ୍ରୀଲଙ୍କାର ଅବସ୍ଥା ଏଭଳି ହେବ ବୋଲି କେହି ଘୂଣାକ୍ଷରେ ସୁଦ୍ଧା କଳ୍ପନା କରିନଥିଲେ । ରାଜଧାନୀ କଲମ୍ବୋର ଗଳିକନ୍ଦି ଏବେ ପାଲଟି ଯାଇଛି ରଣକ୍ଷେତ୍ର । କେଉଁଠି ପୋଡ଼ାଜଳା ତ' ଆଉ କେଉଁଠି ବ୍ୟାପକ ହିଂସା । ଏପରିକି ଶାସକ ଦଳ ସାଂସଦଙ୍କୁ ହିଂସ୍ର ଜନତା ଛାଡ଼ି ନାହାଁନ୍ତି । ସାଂସଦଙ୍କ ସମେତ ପାଞ୍ଚ ଜଣଙ୍କୁ ଜୀବନରେ ମାରିଦେଇଛନ୍ତି ଜନତା । ଖଣ୍ଡିଆ ଖାବରା ହୋଇଛନ୍ତି ଦେଢ଼ଶହ ସରିକି ବିରୋଧୀ । ସରକାରୀ କୋଠା ବାଡ଼ିରେ ଲଗାଇ ଦେଇଛନ୍ତି ନିଆଁ । ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ ଅସମ୍ଭାଳ ପରିସ୍ଥିତି ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି । ତାଙ୍କ ବାସଭବନ ଉପରେ ଉତ୍ତ୍ୟକ୍ତ ଜନତା ଚଢ଼ାଉ କରି ବ୍ୟାପକ ଭଙ୍ଗାରୁଜା କରିଦେଇଛନ୍ତି । ଦ୍ୱୀପ-ରାଷ୍ଟ୍ର ଶ୍ରୀଲଙ୍କାରେ କର୍ଫ୍ୟୁ ଜାରି କରାଯାଇଛି ଏବଂ ସେନା ମୁତୟନ ହୋଇଛନ୍ତି । ଦେଶର ଅର୍ଥନୀତି ଏଭଳି ବିଗିଡ଼ି ଯାଇଛି, ତାହା ବର୍ଣ୍ଣନା କରିବାକୁ ଭାଷା ନାହିଁ । ଅରାଜକତା ସାଙ୍ଗକୁ ବିପର୍ଯ୍ୟସ୍ତ ଅର୍ଥନୀତି ଦ୍ୱୀପ-ରାଷ୍ଟ୍ରକୁ ଯେମିତି ଗିଳିସାରିଛି । ତାଙ୍କ ସାନ ଭାଇ ତଥା ଦେଶର ରାଷ୍ଟ୍ରପତି ଗୋଟାବାୟାଙ୍କ ନିକଟରେ ତାଙ୍କର ଇସ୍ତଫା ପତ୍ର ଦେଇଛନ୍ତି ପ୍ରଧାନମନ୍ତ୍ରୀ ମହିନ୍ଦା ରାଜପକ୍ଷେ । ବିରୋଧୀଙ୍କ ଦାବିକୁ ମାନିନେଇ ଦେଶର ବିପର୍ଯ୍ୟସ୍ତ ସ୍ଥିତି ଦୃଷ୍ଟିରୁ ପଦତ୍ୟାଗ କରିବା ଛଡ଼ା ମହିନ୍ଦାଙ୍କ ନିକଟରେ ଗତ୍ୟନ୍ତର ନଥିଲା । ରାଷ୍ଟ୍ରପତି ଗୋଟାବାୟାଙ୍କ ଇସ୍ତଫା ଦାବିରେ ଅଟଳ ରହିଥିବା ବିରୋଧୀ ଦଳ ଆର୍ଥିକ ଦୁର୍ଗତି ପାଇଁ ଦାୟୀ କରିବା ସହିତ ପାରିବାରିକ ଶାସନକୁ ଦୋଷୀ କରିଛନ୍ତି । କେଉଁ କାରଣରୁ ଦେଶର ଆର୍ଥିକ ସ୍ଥିତି ବିଗିଡ଼ିଗଲା ଏବଂ ଋଣ ବୋଝ ବହୁଗୁଣ ହୋଇଗଲା, ତାହା ଚିନ୍ତା କଲେ ମୁଣ୍ଡ ଘୂରିଯିବ । ଶ୍ରୀଲଙ୍କାରେ ହିତୈଷୀ ଭାବରେ ଉଭା ହୋଇଥିବା ଚୀନ୍ କୋଟି କୋଟି ଋଣ ଦେଇ ଶ୍ରୀଲଙ୍କା ସରକାରକୁ ରୀତିମତ ଡୁବାଇ ଦେବା ସମସ୍ତଙ୍କୁ ଭଲରୂପେ ଜଣା । ନିଜେ ରାଷ୍ଟ୍ରପତି ଗୋଟାବାୟା ଚୀନ୍ ଦେଶର ଜଣେ ସମର୍ଥକ ବୋଲି ଅନେକେ ଜାଣନ୍ତି । ସେ ଓ ତାଙ୍କ ପରିବାରର ଏକାଧିକ ସଦସ୍ୟଙ୍କ କବ୍‌ଜାରେ ଶ୍ରୀଲଙ୍କା ଶାସନ ରହିଥିବା କାରଣରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା ଭୁଶୁଡ଼ି ଯାଇଥିବା ଅଭିଯୋଗ କରିଛନ୍ତି ବିପକ୍ଷ । ପେଟ୍ରୋଲ-ଡିଜେଲ ସଙ୍କଟ, ବିଜୁଳି ଓ ଖାଦ୍ୟ ସଙ୍କଟ ଏଭଳି ବିପଦ ସୃଷ୍ଟି କରିଛି ଯେ, ଲୋକମାନେ ହିଂସ୍ର ହେବାଛଡ଼ା କିଛି ବାଟ ପାଉନାହାଁନ୍ତି । ଏହା ଯେଉଁ କାରଣରୁ ହୋଇଥାଉ, ଅସମ୍ଭାଳ ଅବସ୍ଥା ପରେ ଯେଉଁ ଶାସନ ଆସିବ ତାହା ସମ୍ଭାଳିପାରିବ ବୋଲି ବିଶ୍ୱାସ ହେଉନାହିଁ । ଅରାଜକତା ତମାମ୍ ଦ୍ୱୀପ-ରାଷ୍ଟ୍ରକୁ ଏପରି କବଳିତ କରି ରଖିଛି ଯେ, କେହି କହିପାରିବା ସମ୍ଭବ ହେଉନି କେବେ ଏହି ସଙ୍କଟ ଟଳିପାରିବ । ବହୁବର୍ଷ ହେଲା ପାକିସ୍ତାନ ଓ ଚୀନ୍ ଭଳି ଖାତକ ଦେଶ ଉପରେ ଆଖି ବୁଲାଉଛି । ସେହି ଦେଶଗୁଡ଼ିକର ଦେବାଳିଆ ସ୍ଥିତି ଦେଖି ଋଣ ଅର୍ଥ ସକାଶେ ମାଛକୁ ବନିଶି କଣ୍ଟାରେ ଥୋପ ପକାଇ ଚାଲିଛି । ପାକିସ୍ତାନ ଭଳି କିମ୍ବା ତା'ଠାରୁ ଅଧିକ ଋଣଗ୍ରସ୍ତ ହୋଇ ସାରିଛି ଶ୍ରୀଲଙ୍କା । ଜାଲରେ ପଡ଼ି ଛଟପଟ ହେଲାବେଳକୁ ଅବସ୍ଥା ବାର ବାଜି ସାରିଲାଣି । ବିକ୍ଷୋଭକାରୀ ଓ ଶାସକ ଦଳ ସମର୍ଥକଙ୍କ ଭିତରେ ମୁହାଁମୁହିଁ ପରିସ୍ଥିତି ପରେ ବ୍ୟାପକ ସରକାରୀ ସମ୍ପତ୍ତି ଭଙ୍ଗାରୁଜା ସହିତ ହିଂସ୍ର ଅବସ୍ଥା ପ୍ରଶମନ ପାଇଁ ସାମରିକ ବାହିନୀକୁ ମୁତୟନ କରାଯିବା ସ୍ଥିତିରେ ଆଦୌ ଉନ୍ନତି ଆଣିପାରିବ ତାହା ଚିନ୍ତା କରାଯାଇନପାରେ । ବିପୁଳ ପରିମାଣର ଋଣସହାୟତା ଦେଇଥିବା ଚୀନ୍ ଚକ୍ରବୃଦ୍ଧି ହାରରେ ଧନରାଶି ଆଦାୟ କରିବ । ତାହା ଯଦି ହୋଇ ନପାରୁଛି ଶ୍ରୀଲଙ୍କାର ବନ୍ଦର ସୁବିଧାର ଉପଯୋଗ କରିବ । ଏଥିପାଇଁ ଚୀନ୍ ସହିତ ଶ୍ରୀଲଙ୍କା ଚୁକ୍ତିବଦ୍ଧ ହୋଇଛି । କେବଳ ସେତିକି ନୁହେଁ, ବନ୍ଦରାଞ୍ଚଳକୁ ଚୀନ୍ ସାମରିକ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବ । ଏହା ଯେତେ ସାଂଘାତିକ ଓ ବିପଦପୂର୍ଣ୍ଣ ତାହା ଶ୍ରୀଲଙ୍କା ସରକାରଙ୍କୁ ମାଲୁମ୍ ଥିବ । କିନ୍ତୁ ଦେଶର ଅର୍ଥନୀତିକୁ ବନ୍ଧାପକାଇ ସାରିଥିବା ଶ୍ରୀଲଙ୍କା ସରକାରଙ୍କ ନିକଟରେ ଆଉ କିଛି ପନ୍ଥା ନଥିଲା । ଥରେ ଋଣ ଜାଲରେ ଛନ୍ଦି ହୋଇଗଲେ ତାହାକୁ ଶୁଝିବା ସକାଶେ ଅନ୍ୟ ସୂତ୍ରରୁ ଋଣ ଆଣିବାକୁ ପଡ଼ିବ । ସେହି ନ୍ୟାୟ ଏବେ ଲଙ୍କାକୁ ବିଷମ ସ୍ଥିତିରେ ପକାଇଛି । ଋଣଯନ୍ତାରେ ଛଟପଟ ଏବଂ ଦେବାଳିଆ ଅର୍ଥନୀତିର ଦାୟାଦ ଶ୍ରୀଲଙ୍କାକୁ ଭାରତ ସରକାର ବିଭିନ୍ନ ଉପାୟରେ ସାହାଯ୍ୟ କରିବାକୁ ଚାହୁଁଛନ୍ତି । ପେଟ୍ରୋଲ-ଡିଜେଲ ଠାରୁ ଆରମ୍ଭ କରି ଖାଦ୍ୟାନ୍ନ ଯୋଗାଇ ଦେବା ଭଳି ପ୍ରୟାସ ଆମେ କେତେକାଳ ଚାଲୁ ରଖିପାରିବା, ତାହା ଚିନ୍ତାର ବିଷୟ । ସେହି ପୃଷ୍ଠଭୂମିରେ ଶ୍ରୀଲଙ୍କାର ସାମ୍ପ୍ରତିକ ସଙ୍କଟ ଓ ଆମ ଦେଶକୁ ଶରଣାର୍ଥୀଙ୍କ ଆଗମନ ନିକଟ ଭବିଷ୍ୟତରେ ଅଧିକ ସମସ୍ୟାକୁ ଆମନ୍ତ୍ରଣ କରିପାରେ । ବିଶ୍ୱ ଅର୍ଥନୀତି ଯେଉଁଭଳି ଭାବେ ବିପର୍ଯ୍ୟସ୍ତ ହୋଇଚାଲିଛି ତାହା ଭବିଷ୍ୟତରେ କେତେ କେତେ ରାଷ୍ଟ୍ରଙ୍କୁ ତଳିତଳାନ୍ତ କରିବ ତାହା କେହି କହିପାରିବେ ନାହିଁ । କରୋନା ମହାମାରୀ ଏବଂ ୟୁକ୍ରେନ୍ ଯୁଦ୍ଧ ମାନବ ସମାଜ ପାଇଁ ଏକ ଚେତାବନୀ ସଦୃଶ । ଯେକୌଣସି ଛୋଟ ଘଟଣାଟିଏ ସୁଦ୍ଧା ସମଗ୍ର ବିଶ୍ୱର ସ୍ଥିରତା ଓ ପ୍ରଗତିର ଦିଗ ବଦଳାଇ ଦେବାକୁ ସକ୍ଷମ ସେହି କଟୁସତ୍ୟକୁ ଆମମାନଙ୍କୁ ଗ୍ରହଣ କରିବାକୁ ହେବ ।

# ଜାଳେଣି ସଙ୍କଟରେ ଗୃହିଣୀ



ଡକ୍ଟର ଲକ୍ଷ୍ମଣ ସାହୁ

ଏବେ ଇନ୍ଧନ ଗ୍ୟାସର ଅହେତୁକ ମୂଲ୍ୟ ବୃଦ୍ଧି ନିମ୍ନ ବର୍ଗର ଗୃହିଣୀ ମାନଙ୍କ ମୁଣ୍ଡ ବ୍ୟଥାର କାରଣ ସାଜୁଛି । ଚଳିତ ବର୍ଷ ମାର୍ଚ୍ଚ ୨୨ ରେ ସିଲିଣ୍ଡର ପିଛା ରନ୍ଧନ ଗ୍ୟାସର ମୂଲ୍ୟ ୫୦ ଟଙ୍କା ବୃଦ୍ଧି ପାଇଛି । ପୁନର୍ବାର ୭ ମଇରେ ୫୦ ଟଙ୍କା ବୃଦ୍ଧି ପାଇଲା । ଛଅ ସପ୍ତାହ ମଧ୍ୟରେ ଗ୍ୟାସର ମୂଲ୍ୟ ୧୦୦ ଟଙ୍କା ବୃଦ୍ଧି ପାଇଲା । ଫଳରେ ସିଲିଣ୍ଡର ପିଛା ମୂଲ୍ୟ ୧୦୨୬ ଟଙ୍କାକୁ ବୃଦ୍ଧି ପାଇଲା । ଦେଖାଯାଉଛି ଯେ ମେ ୨୦୧୬ ରେ ପ୍ରତି ସିଲିଣ୍ଡର ପିଛା ଗ୍ୟାସର ମୂଲ୍ୟ ୭୫୦ ଟଙ୍କା ଥିଲା । ମେ ୨୦୨୨ ରେ, ସେହି ମୂଲ୍ୟ ୧୦୨୬ ଟଙ୍କା ଥିଲା । ପାଞ୍ଚ ବର୍ଷରେ ମୂଲ୍ୟ ବୃଦ୍ଧି ହେଉଛି ୩୬ ଟଙ୍କା । ଅନ୍ତତଃ ପକ୍ଷେ ସିଲିଣ୍ଡର ପିଛା ସବସିଡି ୧୯ ଟଙ୍କା ୫୭ ପଇସାକୁ ଖସି ଆସିଛି । ଏଭଳି ପରିବର୍ତ୍ତନର ଅର୍ଥ ହେଉଛି ଯେମିତି ହେଲେ ବି ବାପ ରାଣ ଢିଙ୍କି ଗିଳି , ସମସ୍ତଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡିବ ।

ଦେଖିବାକୁ ଗଲେ ଏଲପିଜି (LPG) ମୂଲ୍ୟରେ ବୃଦ୍ଧି ଓ ଲାଭର ପ୍ରତ୍ୟକ୍ଷ ସ୍ଥାନାନ୍ତରର ଏଲପିଜି (LPG) ସବସିଡି ବିଷୟରେ ଚିନ୍ତା ବଢାଇଛି । ୨୦୧୪ ରୁ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ, ସିଲିଣ୍ଡର ପ୍ରତି ଖୁଚୁରା ମୂଲ୍ୟ ପ୍ରାୟ ୧୧୦ % ବୃଦ୍ଧି ପାଇଛି । ୨୦୧୪ ରେ କେନ୍ଦ୍ର ସରକାର ସିଲିଣ୍ଡର ପିଛା ୫୬ ଟଙ୍କା ସବସିଡି ଦେଇଛନ୍ତି । ୨୦୧୬ ରେ ବିଶ୍ୱ ବଜାରରେ ପେଟ୍ରୋଲିୟମ ଦ୍ରବ୍ୟର ମୂଲ୍ୟ ହ୍ରାସ ସହିତ ସବସିଡି ପରିମାଣ ମଧ ହ୍ରାସ ପାଇଲା । ୨୦୧୬ ରେ ପୁନର୍ବାର ମୂଲ୍ୟ ବୃଦ୍ଧି ସହିତ ସବସିଡି ପରିମାଣ ସିଲିଣ୍ଡର ପିଛା ୪୩୪ ଟଙ୍କାକୁ ବୃଦ୍ଧି ପାଇଲା । କିନ୍ତୁ ଡିସେମ୍ବର ୨୦୨୦ ପରଠାରୁ ସବସିଡି ପରିମାଣ ଯଥେଷ୍ଟ ହ୍ରାସ ପାଇଛି । ୨୦୨୦-୨୦୨୧ ରେ ସବସିଡି ପାଇଁ ପ୍ରାୟ ୫୦% ଆବଣ୍ଟନ ୨୦୨୧-୦୨୨ ରେ କଟାଯାଇଥିଲା । ପେଟ୍ରୋଲିୟମ ଯୋଜନା ବିଭାଗର ସୂଚନାନୁସାରେ, ଗ୍ରାହକମାନେ ଜୁଲାଇ ୨୦୧୯ ରେ ଶେଷ ଥର ପାଇଁ ସୁବିଧା ସ୍ଥାନାନ୍ତର ମାଧ୍ୟମରେ ସବସିଡି ଗ୍ରହଣ କରିଥିଲେ । ବର୍ତ୍ତମାନ ଏହାର ପରିମାଣ ହେଉଛି ୧୯ ଟଙ୍କା ୫୭ ପଇସା । ମୂଲ୍ୟ ବୃଦ୍ଧି ହେତୁ ରନ୍ଧନ ଗ୍ୟାସ୍ ସ୍ୱଳ୍ପ ଆୟକାରୀ ପରିବାର ପାଇଁ ଏକ ମହଙ୍ଗା ଇନ୍ଧନ ପାଲଟିଛି । ଯାହା ବ୍ୟବହାର କରିବା ଅଧିକ କଷ୍ଟସାଧ ଅଟେ । ମିରିନାଲ୍ ସେନ୍‌ଙ୍କ ଚଳଚ୍ଚିତ୍ର 'ଚଲଚିତ୍ରା' (୧୯୮୧)ରେ ରନ୍ଧନ ଗ୍ୟାସର ବ୍ୟବହାର ଉପରେ ମଧ୍ୟବିତ୍ତ ପଦବୀ ପାଇଁ ଏକ ମାନଦଣ୍ଡ ଥିଲା । ଚୁଲିରୁ ଧୂଆଁ, ଅସହାୟତା ଏବଂ ଶ୍ରେଣୀ ଭେଦଭାବର ବାସ୍ତବତା ସେହି ଚିତ୍ରରେ ଥିଲା । ପ୍ରାୟ ଚାରି ଦଶନ୍ଧି ପରେ ବାୟୁ ପ୍ରଦୂଷଣକୁ ନେଇ ଚିନ୍ତା ବଢିଚାଲିଛି ।

ଦେଶର ଜନସଂଖ୍ୟାର ଏକ ବଡ଼ ଅଂଶ ଏଲପିଜି ବ୍ୟବହାର କରିବାରେ ଅସମର୍ଥ । ବିକଳ୍ପ ଇନ୍ଧନ ଭାବରେ କୋଇଲା, କାଠ କିମ୍ବା ନଡ଼ା ପ୍ରଭୃତି ଜାଳେଣି ଭାବରେ ବ୍ୟବହାର କରିବା ଦ୍ୱାରା ସ୍ୱାସ୍ଥ୍ୟ କ୍ଷତି ହେଉଥିବା ଜଣାପଡିଛି । ଅଙ୍ଗାର, କରତ ଇତ୍ୟାଦି ବ୍ୟବହାର କରି ମିଥାନ, ଅଙ୍ଗାରକାମ୍ଳ, ପଲିୟରୋମାଟିକ୍ ହାଇଡ୍ରୋକାର୍ବନ୍ ଏବଂ ସୂକ୍ଷ୍ମ କଣିକା ବାୟୁ ପ୍ରଦୂଷଣର ସ୍ତରକୁ ଯଥେଷ୍ଟ ବୃଦ୍ଧି କରିଥାଏ । ଘରେ ଇନ୍ଧନ ପ୍ରଦୂଷଣ ହେତୁ ବିଶ୍ୱରେ ହାରାହାରି ୪ ନିୟୁତ ଲୋକ ଅକାଳରେ ମୃତ୍ୟୁ ବରଣ କରନ୍ତି । ଏଥିମଧ୍ୟରୁ ୨୮% ନିମୋନିଆ, ୨୦% ସିଓପିଡି (COPD), ୬% ଫୁସଫୁସ କର୍କଟ ଏବଂ ୨୬% ହୃଦଘାତରେ ପୀଡିତ ହେଉଛନ୍ତି । ମହିଳାମାନେ ଅଧିକ ପ୍ରଭାବିତ ହୁଅନ୍ତି । ଏହି ଇନ୍ଧନ ପ୍ରଦୂଷଣ ଯୋଗୁଁ ପାଞ୍ଚ ବର୍ଷରୁ କମ୍ ପିଲାମାନଙ୍କ ମଧ୍ୟରେ ନିମୋନିଆ ମୃତ୍ୟୁହାରର ଅଧା ପାଇଁ ଦାୟୀ ଅଟେ । ହାରାହାରି ବାୟୁ ପ୍ରଦୂଷଣର ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ପ୍ରଭାବରେ ପ୍ରାୟ ୧.୫ ମିଲିୟନ୍ ଭାରତୀୟ ମୃତ୍ୟୁ ବରଣ କରନ୍ତି । ଏହା ବଦଳରେ ତରଳ ଇନ୍ଧନ ଗ୍ୟାସର ବ୍ୟବହାର କଲେ, ସେଥିରେ ଧୂଆଁ କିମ୍ବା ପାଉଁଶ ବାହାରେ ନାହିଁ । ଫଳତଃ ପରିବେଶ ପ୍ରଦୂଷଣ ବହୁତ କମ୍ ଅଟେ ।

ତଥାପି ୨୦୧୧ ଜନଗଣନା ଅନୁଯାୟୀ, ଗ୍ରାମାଞ୍ଚଳର ୮.୬ ଲୋକ ଏବଂ ସହରାଞ୍ଚଳର ୨୭.୩% ଲୋକ ଘରୋଇ ରୋଷେଇରେ ଜୈବ ଇନ୍ଧନ ବ୍ୟବହାର କରନ୍ତି । ୨୦୧୬ ପରିସଂଖ୍ୟାନ ଅନୁଯାୟୀ, ୬୦୦ ମିଲିୟନରୁ ଅଧିକ ଭାରତୀୟଙ୍କ ସମେତ ବିଶ୍ୱର ୪୦% ଲୋକ ଇନ୍ଧନ ପାଇଁ କାଠ, ନଡ଼ା, ଘସି ଇତ୍ୟାଦି ଉପରେ ନିର୍ଭର କରନ୍ତି । ଘରୋଇ କ୍ଷେତ୍ରରେ ୪୯% କାଠ ଇନ୍ଧନ ଭାବରେ ବ୍ୟବହୃତ ହୁଏ । ୭.୯ % ଘସି/ନଡ଼ା ୨% କୋଇଲା ଓ ୩% କିରୋସିନ ବ୍ୟବହାର କରିଥିଲେ । ଏଲପିଜି (LPG) ଗ୍ରାହକଙ୍କ ସଂଖ୍ୟା ୨୦୧୬ରେ ୧୬.୭୨ କୋଟିରୁ ଜୁଲାଇ ୨୦୨୧ ରେ ୨୯.୧୧ କୋଟିକୁ ବୃଦ୍ଧି ପାଇଛି । ୫୦ ମିଲିୟନରୁ ଅଧିକ ଗରିବ ପରିବାରକୁ ଇନ୍ଧନ ଗ୍ୟାସ ପ୍ରବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ଉଜ୍ୱଳା ଯୋଜନା କରାଯାଇଥିଲା । ସେହି ଲକ୍ଷ୍ୟ ମଧ ପୂରଣ ହୋଇଛି । ତେବେ ଏହାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନ ଉଠିଛି । ଭାରତର ଗ୍ରାମାଞ୍ଚଳରେ ଅବଶ୍ୟ ମେଟ୍ରୋ ସହରଗୁଡିକରେ ଅନେକ ସ୍ୱଳ୍ପ ଆୟ ବସ୍ତି ପ୍ରଦୂଷିତ ଇନ୍ଧନ ଉପରେ ନିର୍ଭର କରିଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ନିକଟରେ ପ୍ରକାଶିତ ଏକ ରିପୋର୍ଟରେ ଘରେ ସ୍ୱଚ୍ଛ ଇନ୍ଧନ ବ୍ୟବହାରକୁ ନେଇ ଚିନ୍ତା ବଢିଛି ।

ଦେଶର ଅନେକ ପରିବାର ଏଲପିଜି କ୍ରୟ କରିବାରେ ଅସମର୍ଥ ଅଛନ୍ତି । ଏବେ ସେମାନେ କିରୋସିନ, କୋଇଲା ଏବଂ କାଠ ଭଳି ଇନ୍ଧନକୁ ଫେରିଛନ୍ତି । ଇନ୍ଧନ ପରିବର୍ତ୍ତନ ନକରି ଏଲପିଜି ଗ୍ୟାସରେ ରାନ୍ଧୁଥିବା ପରିବାର ଅପେକ୍ଷା ଅତ୍ୟଧିକ ପରିବାର ଥିବା ପରିବାର ଅଧିକ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଭାରତରେ ପରିସ୍ଥିତି ଜାଳେଣି ସଙ୍କଟ ଆଡ଼କୁ ଗତି କରୁଛି । ଶକ୍ତି ପରିବେଶ ଓ ଜଳ ପରିଷଦର ୨୦୨୦ ରିପୋର୍ଟ ଅନୁଯାୟୀ, ଯଦି ଭାରତର ଅର୍ଦ୍ଧେକ ପରିବାର ପ୍ରତିଦିନ ଇନ୍ଧନ ଗ୍ୟାସରେ ରାନ୍ଧିବା ପାଇଁ ନିଷ୍ପତ୍ତି ନିଅନ୍ତି, ତେବେ ସେମାନଙ୍କର ମୂଲ୍ୟ ଦ୍ୱିଗୁଣିତ ହେବ । ମେ ୨୦୨୦ ଠାରୁ କେନ୍ଦ୍ର ସରକାର ସିଲିଣ୍ଡର ପ୍ରତି ପ୍ରତ୍ୟକ୍ଷ ସବସିଡି ବନ୍ଦ କରିଦେଇଛନ୍ତି । ସେହି ସମୟରେ ନିର୍ବାଚନ ଥିବା ଯୋଗୁଁ ପ୍ରତିବନ୍ଧକ ଥିଲା । ବହୁ ସଂଖ୍ୟକ ଲୋକ ଦାରିଦ୍ର୍ୟର ଶିକାର ହେଉଛନ୍ତି । ୨୦୧୬ ରେ, କେନ୍ଦ୍ର ସରକାର ସ୍ୱେଚ୍ଛାକୃତ ଭାବେ ସବସିଡି ଛାଡ କରିବାକୁ ଆହ୍ୱାନ ଦେଇଥିଲେ । କିନ୍ତୁ ସରକାରୀ ଆକଳନରୁ ଜଣାପଡିଛି ଯେ କେବଳ ୫; % ଛାଡ କରିବାକୁ ରାଜି ହୋଇଛନ୍ତି । କେନ୍ଦ୍ର ୨୦୧୫-୨୦୨୦ ଆର୍ଥିକ ବର୍ଷରେ ଉଜ୍ୱଳା ଯୋଜନାର ବ୍ୟୟକୁ ୨୦୧୯-୨୦୨୦ ଆର୍ଥିକ ବର୍ଷରେ ଅଧାରୁ ଅଧିକ ହ୍ରାସ କରିଛି । ଅଗଷ୍ଟ ମାସରେ ସବସିଡି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ତରଫରୁ ସନ୍ତୋଷଜନକ ଉତ୍ତର ମିଳି ନଥିଲା । ଉଜ୍ୱଳା ଯୋଜନାରେ ଜଡିତ ଅଧିକାଂଶ ଲୋକ ସିଲିଣ୍ଡରଗୁଡ଼ିକୁ ସେମାନଙ୍କ ଅର୍ଥରୁ ଅଧିକ ପୂରଣ କରିବାରେ ସକ୍ଷମ ନୁହଁନ୍ତି । ପରେ ସରକାର ଏକ ମାଗଣା ରିଫିଲ୍ ପ୍ରକଳ୍ପ ଆରମ୍ଭ କରିଥିଲେ ।

କିନ୍ତୁ, ଲୋକସଭାରେ ଦିଆଯାଇଥିବା ସରକାରୀ ସୂଚନା ଅନୁଯାୟୀ, ମେ ୨୦୨୧ ପର୍ଯ୍ୟନ୍ତ କେବଳ ୬ କୋଟି ୧୧ ଲକ୍ଷ ୧୧ ହଜାର ୫୮ ଗ୍ରାହକ ଉଜ୍ୱଳା ଯୋଜନାରେ ଏଲପିଜି (LPG) ରିଫିଲ କରିଛନ୍ତି । ଅନ୍ୟ ଅର୍ଥରେ, ରନ୍ଧନ ଗ୍ୟାସ୍ ବ୍ୟବହାରରେ କ୍ରମାଗତ ଅସଙ୍ଗତି ସୃଷ୍ଟି ହେଉଛି । ସରକାରଙ୍କ ଅସ୍ୱଚ୍ଛ ନୀତି ସାମଗ୍ରିକ ସଙ୍କଟକୁ ବଂଚାଇ ଦେଇଛି । ସାଉଦି ଚୁକ୍ତି ଅନୁଯାୟୀ ଭାରତକୁ ମୋଟ ଏଲପିଜି ଚାହିଦାର ୫୫%ରୁ ଅଧିକ ଆମଦାନୀ କରିବାକୁ ପଡିବ । ଇନ୍ଧନ ଗ୍ୟାସର ମୂଲ୍ୟ ଆମଦାନୀ ଯୁଗଳ ମୂଲ୍ୟ ଉପରେ ନିର୍ଭର କରେ । ଯାହା ଅନ୍ତର୍ଜାତୀୟ ବଜାରର ବୃଦ୍ଧି ଏବଂ ହ୍ରାସ ଉପରେ ଆଧାରିତ ଏବଂ ଭାରତୀୟ ମୁଦ୍ରା ଉପରେ ନିର୍ଭର କରେ । ବିଶ୍ୱ ବଜାରରେ ଏଲପିଜି ମୂଲ୍ୟରେ ବୃଦ୍ଧି କିମ୍ବା ଆନ୍ତର୍ଜାତୀୟ ସ୍ତରରେ ଭାରତୀୟ ମୁଦ୍ରାରେ ଯଥେଷ୍ଟ ଅଧିକ ।

ସିଲିଣ୍ଡରର ପ୍ରାରମ୍ଭିକ ମୂଲ୍ୟରେ ଯୋଡା ଯାଇଛି ୫% ଜିଏସ୍ଟି (କେନ୍ଦ୍ରୀୟ ଏବଂ ରାଜ୍ୟ ଅଂଶ ସହିତ), ବିକ୍ରେତାଙ୍କ ଆୟୋଗ ଏବଂ ପରିବହନ ମୂଲ୍ୟ । ମେ ମାସରେ, ୧୪.୨ କିଲୋଗ୍ରାମ ସିଲିଣ୍ଡର ପିଛା ହାରାହାରି ଖୁଚୁରା ମୂଲ୍ୟ ଭାରତରେ ୮୦୦ରୁ ଅଧିକ ହୋଇଥିବାବେଳେ ନଭେମ୍ବରରେ ହାରାହାରି ମୂଲ୍ୟ ୧୦୦ରୁ ଅଧିକ ହୋଇଯାଇଥିଲା । ନୂଆ ବର୍ଷରେ ତାଙ୍କ ପାଇଁ ଅଧିକ କିଛି ପରିବର୍ତ୍ତନ ହୋଇନାହିଁ । ତେବେ ୟୁକ୍ରେନରେ ରୁଷର ଯୁଦ୍ଧ ଶକ୍ତି ସଙ୍କଟକୁ ଆହୁରି ବଢାଇ ଦେଇଛି । ଗତ ବର୍ଷ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ଉଜ୍ୱଳା ୨.୦ ଯୋଜନା ଘୋଷଣା କରିଥିଲେ ଯାହାକି ୧୦ ଲକ୍ଷ ଅଧିକ ଗରିବ ପରିବାରକୁ ମାଗଣା ଏଲପିଜି ଯୋଗାଇଦେବାକୁ ପ୍ରତିଶୃତି ଦେଇଥିଲା । ଯଦି ମୂଲ୍ୟ ସୁଲଭ ହୁଏ ତେବେ କେବଳ ଗ୍ରାହକଙ୍କୁ ଅନ୍ତର୍ଭୁକ୍ତ କରିବା ଉଚିତ୍ କି ନାହିଁ ବିଚାର ଯୋଗ୍ୟ? ଗ୍ରାମାଞ୍ଚଳରେ ସିଲିଣ୍ଡର ବିତରଣ କରିବା ମଧ ଏକ ବଡ଼ ଆହ୍ୱାନ । ସର୍ବୋପରି, ଯେଉଁମାନେ ଏହି ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ ନୁହଁନ୍ତି ସେମାନଙ୍କ ପାଇଁ ଆବଶ୍ୟକ ସବସିଡି ବ୍ୟବସ୍ଥା କରାଯିବା ଆବଶ୍ୟକ ଯାହା ଦ୍ୱାରା ଆୟ ଏବଂ ଘରର ଖର୍ଚ୍ଚ ସନ୍ତୁଳିତ ହେବ । ଅନ୍ୟଥା, ଅଧିକାଂଶ ଗ୍ରାହକ ଜୈବ ଇନ୍ଧନ ବ୍ୟବହାର କରିବାକୁ ବାଧ ହେବେ । ଯାହା ଫଳରେ ବେଶୀ ଘରୋଇ କ୍ଷତି ମହିଳା ଏବଂ ଶିଶୁଙ୍କ ପାଇଁ ହେବ । ଏପରିକି ବାୟୁ ପ୍ରଦୂଷଣ ବୃଦ୍ଧି ପାଇବ । କୋଇଲା ଚୁଲି ଏବଂ ରନ୍ଧନ ଗ୍ୟାସ୍ ହେଉଛି ଗୋଟିଏ ରାଜ୍ୟର ବିଳାସପୂର୍ଣ୍ଣତା ବ୍ୟବହାର । ଯାହା ଭାରତର ସୀମା ବାହାରେ ପରିବେଶକୁ ପ୍ରଦୂଷିତ କରେ । ଅର୍ଥନୈତିକ ସୁସଙ୍ଗତତା ହ୍ରାସ ସହିତ, ରନ୍ଧନ ଗ୍ୟାସ୍ ଜନ ସାଧାରଣଙ୍କ ପ୍ରତୀକ ହେବ କି ? ଲୋକଙ୍କ ଉପରେ ସବସିଡି ଦାୟିତ୍ୱ ବହନ କରି ଖର୍ଚ୍ଚ ହ୍ରାସ କରିବାକୁ କେନ୍ଦ୍ର ଚାହୁଁଛି । ଏବେ ପେଟ୍ରୋଲିୟମ କମ୍ପାନୀଗୁଡିକର ଘରୋଇକରଣ ସରକାରଙ୍କ କାର୍ଯ୍ୟସୂଚୀରେ ରହିଛି । ଯଦି କଲ୍ୟାଣକାରୀ ରାଜ୍ୟର ମାସ୍କ ଧୀରେ ଧୀରେ ଖସିଯାଏ, ତେବେ ସବସିଡି ଏବଂ ଅନିୟନ୍ତ୍ରିତ ମୁଦ୍ରାସ୍ଫୀତି ଦ୍ୱାରା ସିଧାସଳଖ ପ୍ରଭାବିତ ମଧ୍ୟବିତ୍ତ ଏବଂ ନିମ୍ନ ବର୍ଗଙ୍କ ପାଇଁ କୌଣସି ବିକଳ୍ପ ରହିବ କି ନାହିଁ ସନ୍ଦେହ? ରନ୍ଧନ ଗ୍ୟାସର ମୂଲ୍ୟରେ ସମ୍ପ୍ରତି ବୃଦ୍ଧି ଏହା ଆଉ ଏକ ପ୍ରମାଣ ଯେ ଏହା ପଡ଼ିବ କି ନାହିଁ କିଏ କହିବ... ?

ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,କଟକ -୪
ମୋ: ୯୦୪୦ ୧୫୧୪ ୭୫

# ମାଟିର ଦ୍ରୋଣ - କବି ସଚ୍ଚି ରାଉତରାୟ



ଅମୂଲ୍ୟ କୁମାର ପଣ୍ଡା

କବି ସଚ୍ଚି ରାଉତରାୟ ଖୋର୍ଦ୍ଧା ନିକଟବର୍ତ୍ତୀ ଗୁରୁଜଙ୍ଗ ଗ୍ରାମରେ ୧୯୧୬ ମସିହା ମେ ୧୩ ତାରିଖ ଦିନ ଜନ୍ମ ହୋଇଥିଲେ। ତାଙ୍କ ପିତା ପ୍ରସନ୍ନ କୁମାର ରାଉତରାୟ ଜଣେ ଆଇନଜୀବୀ ଥଲେ। ଆଧୁନିକ ଓଡ଼ିଆ କବିତାର ଜନ୍ମଦାତା ସଚ୍ଚିଦାନନ୍ଦ ରାଉତରାୟ ଏକାଧାରରେ ଥିଲେ ଜଣେ କବି, ଗାଳ୍ପିକ, ଔପନ୍ୟାସିକ, ପ୍ରଭାବଶାଳୀ ପ୍ରାବନ୍ଧିକ ଓ ସମାଲୋଚକ। ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ଚିର ସ୍ମରଣୀୟ। ମାଟିର ଦ୍ରୋଣ, କବିଗୁରୁ, ମାଟିର ମହାକବି, ସମୟର ସଭାକବି ନାମରେ ସେ ପରିଚିତ ଅଟନ୍ତି । ଓଡ଼ିଆ ସାହିତ୍ୟରେ ଅତ୍ୟାଧୁନିକତାର ପ୍ରବର୍ତ୍ତକ ସଚ୍ଚି ରାଉତରାୟଙ୍କ ଲେଖନୀ ପ୍ରାୟ ସାଢ଼େ ସାତ ଦଶନ୍ଧି ଧରି ସକ୍ରିୟ ଥିଲା। ତାଙ୍କୁ ଜନତାର କବି ମଧ କୁହାଯାଏ। ତାଙ୍କର ଅଧିକାଂଶ କବିତାରେ ସାମ୍ୟବାଦର ଚିହ୍ନ ସ୍ପଷ୍ଟ ବାରିହୁଏ। ୧୯୨୮ରେ ପଞ୍ଚାମୃତ ପତ୍ରିକାରେ ପ୍ରକାଶ ହୋଇଥିଲା ତାଙ୍କର ପ୍ରଥମ କବିତା। ତାଙ୍କ ରଚନା ସମୂହ ମୁଖ୍ୟତଃ ସାମ୍ରାଜ୍ୟବାଦ, ଫାସିବାଦ ଓ ବିଶ୍ୱଯୁଦ୍ଧ ବିରୋଧରେ । ଓଡ଼ିଆ ସାହିତ୍ୟରେ 'ଅତ୍ୟାଧୁନିକତା'ର ପ୍ରବର୍ତ୍ତନର ଶ୍ରେୟ ସଚ୍ଚି ରାଉତରାୟଙ୍କୁ ଦିଆଯାଏ । ଶ୍ରୀ ରାଉତରାୟ କେବଳ ଯେ ପ୍ରୟୋଗବାଦୀ କବିତାରେ ସମୃଦ୍ଧ କରିଛନ୍ତି ଓଡ଼ିଆ ସାହିତ୍ୟକୁ ତାହା କହିବା ଠିକ୍ ହେବ ନାହିଁ। ସେ ଅନେକ କାବ୍ୟ ସମ୍ଭାରରେ ଉତ୍କଳ ଭାରତୀଙ୍କୁ ଆହୁରି ସଜ୍ଜିତ କରି ଏକ କିର୍ତ୍ତିମାନ ସ୍ଥାପନ କରିଛନ୍ତି । ଯଥାର୍ଥରେ ଆଧୁନିକ ଓଡ଼ିଆ କବିତାର ଅଗ୍ରଦୂତ, ମାର୍ଗଦର୍ଶକ ଓ ପ୍ରଗତିବାଦୀ ଧାରାର ଅନ୍ୟତମ ପ୍ରବର୍ତ୍ତକ ବାଟରେ ସେ ସୁପରିଚିତ। ମାତ୍ର ପନ୍ଦର ବର୍ଷ ବୟସରୁ କବି ଜୀବନ ଆରମ୍ଭ କରିଥିବା ସଚ୍ଚି ରାଉତରାୟ ଓଡ଼ିଆ ଏବଂ ଇଂରାଜୀରେ ଚାଳିଶରୁ ଅଧିକ ପୁସ୍ତକ ରଚନା କରିଯାଇଛନ୍ତି। ତାଙ୍କ ରଚିତ ରକ୍ତଶିଖା, ଉଠ କାଗ ଭୋକି ବନ୍ଦୀରେ ଆନ୍ଦୋଳନର ପ୍ରତିଛବି ଦେଖାଯାଏ। ତାଙ୍କର କେତୋଟି ପ୍ରସିଦ୍ଧ କବିତା ଗ୍ରନ୍ଥ ହେଉଛି ପାଥେୟ, ପଲ୍ଲିଶ୍ରୀ, ଅଭିଯାନ, ବାଜିରାଉତ, ପାଣ୍ଡୁଲିପି, ଭାନୁମତୀର ଦେଶ ଇତ୍ୟାଦି । ତାଙ୍କର ଗଳ୍ପ ଗ୍ରନ୍ଥ ମଧ୍ୟରେ ମଶାଣିର ଫୁଲ, ମାଟିର ତାଜ, ମାଙ୍କଡ ଓ ଅନ୍ୟାନ୍ୟ ଗଳ୍ପ ଆଦି ବେଶ୍ ଲୋକପ୍ରିୟ । ମଶାଣିର ଫୁଲ ଓ ଅନ୍ୟାନ୍ୟ ଗଳ୍ପ ତାଙ୍କର ବହୁଚର୍ଚ୍ଚିତ ଗଳ୍ପ ସଂକଳନ ଯେଉଁଥିରେ ସମକାଳୀନ ସାମାଜିକ ଘଟଣା ଓ ଚରିତ୍ରର ଅନେକ ଜୀବନ୍ତ ଚିତ୍ର ଦେଖିବାକୁ ମିଳେ। ତାଙ୍କର ଏକମାତ୍ର ଉପନ୍ୟାସ ଚିତ୍ରଗ୍ରୀବ ଯାହା ଲୋକଙ୍କ ମାନସ ପଟରେ ସଦା ଉଦ୍ଭାସିତ।

ତାଙ୍କର ସାହିତ୍ୟ କୃତି ପାଇଁ ୧୯୮୬ରେ ଭାରତ ସରକାରଙ୍କଠାରୁ ଜ୍ଞାନପୀଠ ପୁରସ୍କାର ପାଇଥିଲେ । 'ସତ୍ୟବାଦୀ ଯୁଗ' ପରେ ପରେ 'ସବୁଜ ସାହିତ୍ୟ' ସମୟରେ ପାରମ୍ପରିକ କାବ୍ୟ ଧାରାରେ କୁଠାରାଘାତ କରି ଏକ ନୂତନ କାବ୍ୟ ଧାରାର ପ୍ରବର୍ତ୍ତନ ହେଲା କବି ସଚ୍ଚି ରାଉତରାୟଙ୍କ କବିତାରେ। କାବ୍ୟର ଆତ୍ମିକ ଓ ଆଙ୍ଗିକ ଉଭୟ କ୍ଷେତ୍ରରେ ଏକ ନବଦିଗନ୍ତ ସୃଷ୍ଟି ହେଲା। ଅଳଙ୍କାର, ଶ୍ଳେଷ, ଛନ୍ଦ ପ୍ରଭୃତିରେ କାବ୍ୟସୁନ୍ଦରୀଙ୍କୁ ସଜ୍ଜିତ ନ କରି ଶ୍ରୀ ରାଉତରାୟ ଚିତ୍ରକଳ୍ପ, ମିଥ୍ ଓ ପ୍ରତୀକର ବ୍ୟବହାର କରି ରଚିଲେ ଅସୁମାରୀ କାବ୍ୟ କବିତା। ଚାଟଶାଳୀରେ ପଢିବା କାଳରେ ସେ ସ୍ୱାଧୀନତା ଆନ୍ଦୋଳନରେ ବି ଝାସ ଦେଇଥିଲେ । ସ୍କୁଲ ଛାତ୍ର ଥିବାବେଳେ ସେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଦେଶାତ୍ମବୋଧକ କବିତା ରଚନାରେ ମନୋନିବେଶ କରିଥିଲେ । ସେ ଶୋଷଣ ବିରୁଦ୍ଧରେ କବିତାରେ ସ୍ୱର ଉତ୍ତୋଳନ କରିବା ସହ ଚାଷୀ, ମୂଲିଆ, ନିଃସହାୟ ଲୋକଙ୍କ ସମସ୍ୟାକୁ ତାଙ୍କ କବିତାର ବିଷୟବସ୍ତୁ କରି ସେମାନଙ୍କର ନ୍ୟାୟ ପାଇଁ ସ୍ୱର ପାଲଟିବାରେ ସଚ୍ଚି ରାଉତରାୟଙ୍କ ସର୍ଜନଶୀଳତା ମୁଖରିତ। ସ୍ୱାଧିନତା ଆନ୍ଦୋଳନ, ଛାତ୍ର ଓ କୃଷକ ଆନ୍ଦୋଳନରେ ଭାଗନେଇ ସେ ଦୁଇଥର କାରାବରଣ କରିଥିଲେ । ଗୋରା ସରକାର ବିରୋଧରେ ଲଢି ସେ ଖୋର୍ଦ୍ଧା ଉଚ୍ଚ ବିଦ୍ୟାଳୟରୁ ବିତାଡିତ ହୋଇଥିଲେ ଓ ତାପରେ ତାଙ୍କର ପିଲାବେଳ କଟିଥିଲା ବଙ୍ଗପ୍ରଦେଶରେ । ଏଗାର ବର୍ଷ ବୟସରୁ ରାଉତରାଏ କବିତା ଲେଖା ଆରମ୍ଭ କରିଥିଲେ । ସ୍ୱାଧୀନଚେତା ଲେଖା ପାଇଁ ତାଙ୍କର ଦୁଇଟି କବିତା ୧୯୩୯ରେ 'ରକ୍ତଶିଖା' ଓ ୧୯୪୩ରେ 'ଉଠ କାଗ ଭୋକବନ୍ଦୀ' କୁ ଇଂରେଜ ମାନେ ଲୋକଙ୍କ ପାଖରେ ପହଞ୍ଚିବାରୁ ରୋକି ଦେଇଥିଲେ ।



୧୯୩୮ରେ ତାଙ୍କର କାବ୍ୟ 'ବାଜି ରାଉତ'କୁ ୧୯୪୨ରେ କବି ହରୀନ୍ଦ୍ରନାଥ ଚାଟାର୍ଜୀ ଇଂରାଜୀରେ 'ନାଉରିଆ ପିଲା ଓ ଅନ୍ୟାନ୍ୟ କବିତା' ମର୍ମରେ ଅନୁବାଦ କରିଥିଲେ । ଏହାର ପ୍ରକାଶନ ପରେ ସଚ୍ଚି ରାଉତରାୟ ଭାରତର ଜଣେ ଜଣାଶୁଣା କବି ଭାବେ ପ୍ରତିଷ୍ଠିତ ହୋଇଥିଲେ । କବିତାର ବିଷୟବସ୍ତୁ ଓ ଆତ୍ମିକ ସ୍ୱରଦୃଷ୍ଟିରୁ ମଧ ସମାଜ ସଚେତନତା, ମାନବବାଦ, ବୈପ୍ଳବିକ ଚେତନା ଓ ବାମପନ୍ଥୀ ସାମ୍ୟବାଦର ପ୍ରାଚୁର୍ଯ୍ୟରେ ଓଡ଼ିଆ କବିତାକୁ ସଚ୍ଚି ରାଉତରାୟ ଦେଇଥିଲେ ଏକ ନୂତନ ପରିଚୟ। ସ୍ୱାଧୀନତା ପରବର୍ତ୍ତୀ ବହୁ ଓଡ଼ିଆ କବିଙ୍କ ଲାଗି ସେ ଥିଲେ କାବ୍ୟ-ଗୁରୁ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କବିତା କୋଣାର୍କ

## ମାଆ ପାଇଁ ପଦୁଟିଏ



ଅଶୋକ କୁମାର ପ୍ରଧାନ

କେମିତି ଲେଖିବି କ'ଣ ବା ଲେଖିବି
ମାଆ ଉପରେ ମୁଁ କିଛି
ଚାରିଆଡେ ମୋର ଯାହାର ଆଶିଷ
ଦେହରେ ହୋଇଛି ବିଞ୍ଚି।

ଯା ନାଁ ଶୁଣିଲେ ଆପେ ଆପେ ମୋର
ମଥା ଯାଉଥାଏ ନଇଁ
ଯିଏ ନିତି ମୋ'ର କୋଳରେ ଫୁଟାଏ
ସୁନେଲି ସପନ କଇଁ।

କଇ କଇଁ କାନ୍ଦି ଜହ୍ନ ମାଗେ ମୁଁ
ନିତି ଯା କାଖରେ ବସି
ତା ହାତ ବଢାଇ ମୋ ପାଇଁ ସରଗୁ
ଜହ୍ନ ସେ ଆଣଇ ହସି।

ଫୁଲ ପରି ଯାର ହୃଦୟ କୋମଳ
ସବୁବେଳେ ଝରେ ବାସ
ତା ପରଶ ଟିକେ ପାଇବା ପାଇଁ ମୋ
ମନ କରେ ସଦା ଆଶ।

ଗଙ୍ଗାଠୁ ଶୀତଳ ତା କୋମଳ କଥା
ରାଗ ରୁଷା ଧୁଏ ନିତି
ତା ପାଖରେ ଥିଲେ ଶତ ବିପତ୍ତିକୁ
ନାହିଁ ମୋର ତିଳେ ଭୀତି।

ସିନିହ ସରାଗ ଭଣ୍ଡାର ଟିଏ ସେ
କାଢିଲେ ସରେନା ତାହା
ସବୁ ବିପଦରେ ପାଖେ ପାଖେ ରହି
କରେ ସିଏ ମୋତେ ଆହା।

ତା କୋଳରେ ଟିକେ ମୁଣ୍ଡ ଗୁଞ୍ଜିବାକୁ
ଦେବତା ବି ହୁଏ ବାଇ
ଦେବୀ ଦେବତା ଠୁ ବଡ ସେ ମୋ ପାଇଁ
ତା ସମ କେ ହେବ କାଇଁ।

ମଣିଷ ରୂପରେ ଦେବୀଟିଏ ସେହି
ନୁହେଁ କିଏ ତାହା ପରି
କୋଟି ହୀରା ନୀଳା ତା ଆଗରେ ତୁଚ୍ଛ
ନୁହେଁ କେ ମୋ ମା ସରି।

ମାଆ ପାଇଁ ପାଳ କିଆଁ ଗୋଟେ ଦିନ
ସବୁଦିନ ମାଆ ଲାଗି
ତା ପାଖୁ ପରା ମୋ ଆୟୁଷ ଜୀବନ
ଆଣିଛି ଜନମୁ ମାଗି।

ହେଲେ କେବେ ସେଇ ଆୟୁଷ ମୋ
ଠାରୁ
ମାଗି ନେଇନାହିଁ ସିଏ
କେତେ ପୂଜା କରି ଆଣେ ସେ ଆଶିଷ
ମୋ ମଥାରେ ଢାଳି ଦିଏ।

ଭାବୁଛି ଏଇଠି ମା' ପାଇଁ କେମିତି
ଲେଖିବି ମୁଁ ପଦୁଟିଏ
ଯାହାର ତୁଳନା ନାହିଁ ମୋ ତୁଳୀରେ
ଶବଦ ସିନ୍ଧୁଟି ସିଏ।

ଶିକ୍ଷକ
ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ,ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ଶୀତଳ ବର୍ଷା ଶୁଷ୍କ ଭୂମିରେ

ପ୍ରଶ୍ନ କୁମାର ଶତପଥୀ

ଠିକ୍ ଅପରାହ୍ନ ଚାରିଟା ଉତ୍ତାରେ
ପଶ୍ଚିମ ଶୁଣାଇଛି କାଳବୈଶାଖୀର
କର୍କଶ ଶବ୍ଦ,
ପବନର ସାଇଁସାଇଁ ଝଙ୍କାରରେ
ମେଘର ପ୍ରଚଣ୍ଡ ନାଦରେ
ମେଘ ତରଳିଛି ଉତ୍ତପ୍ତ ଗ୍ରୀଷ୍ମ
ଇଲାକାରେ...
ମେଘର ମନ୍ଦ ମୁଗ୍ଧ ଧୀର ଆୱାଜରେ
ମେଘ ଚୁମି ଚାଲିଥିଲା ଝରର ସୁଅରେ,
ଏଇ ଆମରି ଉତ୍ତପ୍ତ ପଲ୍ଲୀପୁରେ,
ଅଶନିର ଗୁରୁ ଗର୍ଜନରେ ଖସି ଯାଇଛି
ମେଘରୁ ଛିନ୍-ଛତର ପ୍ରାୟ ଶ୍ୱେତ ପଥର
ଭୂମିରେ,
ଚପଳା ପ୍ରେମରେ
ନଭ ରାଇଜ ଚମକି ଉଠିଥିଲା
ଝରାଇ ଦେଇ ଅପ୍ରମିତ ଶୀତଳ ବର୍ଷା
ତାହା ପୁଣି ଶୁଷ୍କ ଟାଙ୍ଗରା ପଟାସିଆ
ଆଉ ଆକାଶିଆ ବନ ଭୂମିରେ....

ଦୁମାଡ଼ିହି,ଜାମଦା,
ମୟୂରଭଞ୍ଜ

## ସ୍ମୃତି

ବୁଲୁ ରଥ

ସ୍ମୃତି ସିନା ଅଭୁଲା ଅନୁଭୂତି,
ସ୍ମୃତି ସିନା ଅତିତ ର ଗୀତି,
ସେ ଇ ସ୍ମୃତି ନେଇ ତା ବକ୍ଷଟ ଅନେଇ
କଟି ଯାଏ ଦିନରାତି ।
ଅଙ୍କାବଙ୍କା ସେଇ ଅଲିଭା ସପନେ
କେତେ କଥା ଭାବି ହସେ ମନେ
ମନେ,
ସେ ସପନେ ହଜି ମନେ ମନେ ମଜି
ଭାବି ଦଉ ଥାଏ ନିତି
ସ୍ମୃତି ସିନା ଅଭୁଲା ଅନୁଭୂତି ।

ତରାବୋଇ, ବାବଜା ସାହି
ଜଟଣୀ, ଖୋର୍ଦ୍ଧା

## ଭାବୁକ ଭାବୁଛି

ଦେବାଶିଷ ସିଂହ

ନୀଳ ଆକାଶ ର ନୀଳ ନୀଳ ଆଖି
ଆହା କି ନିରିମାଖି
ଧଳା ବଉଦର ସ୍ୱଚ୍ଛ ଜଳରାଶି
ବିନ୍ଦୁ ବିନ୍ଦୁ ଲୁହ ଢାଳି ...

ସାଗର ବକ୍ଷ କୁ ରହିଛି ନିରେଖି
ଭାବରେ ଯାଇଛି ଭିଜି
ସାଗରର ନୀଳ ନୀଳ ଉର୍ମି
ସାଗରିକା ର ନୀଳ ଆଖିର ଚାହାଣୀ
ଖେଳୁଛି ପ୍ରେମର ଭଉଁରୀ....

ସତେ କି ଅଳକା ପୁରୀ
ଦିଶୁଛି ପ୍ରକୃତି ରାଣୀ...
ଅନତି ଦୂରରେ
ଝାଉଁ ବି ଝୁମୁଛି..

ଭାବୁକ ଭାବୁଛି....
ଲେଖକ ଲେଖୁଛି...
ପ୍ରକୃତି ହସୁଛି
ଦେଖୁଛି... ସ୍ୱପ୍ନ କବି....-

ପ୍ରହର କୁ ପ୍ରହର... ଭଗ୍ନ ନିଦ୍ରାର କିଛି
କହୁଛି କାହାଣୀ... ନିଦ୍ରିତ ନଦୀ
ଉପୃତ୍ତି... ଗିରି ଗହ୍ୱରର.. ରାତି.....
ଅପାଶୋରା ସ୍ମୃତି...

ସାଗର ପ୍ରେମରେ ...ଦେଇଛି ହଜାଇ
କେତେ ଯେ..... ଅନ୍ଧାରୀ ରାତି
ଦେଇଛି ବଢ଼ାଇ.... ଦେହର ତାତି ..
କେତେ କେତେ..... ଜହ୍ନ ରାତି...

ଜାଣିଛି ଶାମୁକା ପ୍ରେମର ନମୁନା
ସହୁଛି କାମନା ଅନ୍ତର ବେଦନା
ସାଗର ଭାବନା ଅସହ୍ୟ ଯନ୍ତ୍ରଣା
ବିରହ ପ୍ରେମର ବିଲୁପ୍ତ ଅଗଣା ।....

ଅନ୍ତର୍ନିହିତ ଭରସା ଭାବନା ଜ୍ୱାଳା
ନିର୍ଗତ ଆଶା କାମନା ବାସନା
ଅମୃତର ଅଙ୍କକଷା
ପ୍ରେମର ଦିଶା .....

ବାଲେଶ୍ୱର
ମୋ: ୯୦୪୦୪୬୬୬୭୫



# ଅଭିନୟକୁ ଆସିବେ ସାରା

ବିଶ୍ୱବିଖ୍ୟାତ କ୍ରିକେଟର୍ ସଚିନ୍ ତେନ୍ଦୁଲକରଙ୍କ କନ୍ୟା ସାରା ଖେଳପଡ଼ିଆ ନୁହେଁ ବରଂ ପରଦା ପ୍ରେମରେ ପଡ଼ିଯାଇଛନ୍ତି। ଏବେ ସେ ବଲିଉଡ୍ ?ରେ ପ୍ରବେଶ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସିନେମାରେ ହିରୋଇନ୍ ହେବାକୁ ହେଲେ ନିଜ ପରିବାରର ସିନେମା ଖାନ୍ଦାନୀ ଥିବ, ନଚେତ ଅଭିନୟ ଯୋଗ୍ୟତା କିମ୍ବା ମଡେଲିଂ ଅଭିଜ୍ଞତା ଥିବ। ସାରାଙ୍କ ବାପା ସଚିନ ତ କ୍ରିକେଟର୍ ଆଉ ମା’ ଅଞ୍ଜଳି ଜଣେ ଡାକ୍ତର। ଏଥିରୁ ସ୍ପଷ୍ଟ ହେଉଛି ଯେ ଖାନ୍ଦାନୀ ନୁହେଁ ବରଂ ସାରାଙ୍କ ବ୍ୟକ୍ତିଗତ ରୁଚି ଓ ପ୍ରଚେଷ୍ଟା ହିଁ ତାଙ୍କୁ ଅଭିନୟ କ୍ଷେତ୍ରରେ ପ୍ରବେଶ କରିବାର ଯୋଗ୍ୟତା ଦେଇଛି ଓ ସାହସ ଜୁଟାଇଛି।

କିଛିଦିନ ହେବ ଶୁଣାଯାଉଛି ସାରା ସାହିଦ କପୁରଙ୍କ ସହ ଯୋଡ଼ି ସାଜିବେ। ନିକଟରେ ଶାହାରୁଖ ଓ ଗେ ?ରୀ ତନୟା ସୁହାନା, ସଞ୍ଜୟ କପୁର ଓ ମହୀଙ୍କ ଝିଅ ଶାନାୟା ବଲିଉଡ୍ ?ରେ ପ୍ରବେଶ କରିଛନ୍ତି। ଆଉ କିଛିଦିନ ଭିତରେ କ୍ରିକେଟ୍ କିଂବଦନ୍ତି ସଚିନ ତେନ୍ଦୁଲକରଙ୍କ ଝିଅ ସାରା ମଧ୍ୟ ରୁପେଲି ପରଦାରେ ଦେଖାଦେବେ ବୋଲି ନିଶ୍ଚିତ ହେଇଗଲାଣି। ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ଡାକ୍ତରୀ ପାଠ ପଢ଼ି ଫେରିଥିବା ସାରା ହଠାତ ଅଭିନୟ ଦୁନିଆ ପ୍ରତି ଅନୁରକ୍ତ ହେଲେ କେମିତି ? ହଁ, ଡାକ୍ତରୀ ପୋଥିରେ ଜଉମୁଦ ଲଗେଇ କିଛିଦିନ ହେବ ସାରା ଅଭିନୟ ଶିକ୍ଷା ଓ ତାଲିମରେ ଯୋଗଦେଇଥିଲେ। ଏପାଖେ ବାପା ସଚିନଙ୍କୁ ଝିଅ ସାରା ବଲିଉଡ୍‌ରେ ପ୍ରବେଶ କରିବା କଥା ପଚାରିଲେ ସେ ଟାଳି ଦେଉଛନ୍ତି। ସେ କହୁଛନ୍ତି- ଝିଅ ସାରା ଯେଉଁ ବିଷୟରେ ଉଚ୍ଚଶିକ୍ଷା ଲାଭ କରିଛି ସେଇ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିବାକୁ ପ୍ରସ୍ତୁତ ହେଉଛି। ସାରା ବଲିଉଡ୍‌କୁ ଯିବା କଥା ଯେଉଁ ଗୁଜବ ଉଠୁଛି ତାହା ଭିତ୍ତିହୀନ।

ସାରାଙ୍କ ବାନ୍ଧବୀ ଓ ପ୍ରଶଂସକମାନେ କିନ୍ତୁ ସଚିନଙ୍କ କଥାରେ ସହମତ ନୁହଁନ୍ତି। କାରଣ ସାରା ଡାକ୍ତରୀ ପଢ଼ିବା ସହ ମଡେଲିଂରେ ମଧ୍ୟ କ୍ୟାରିୟରର କରିଛନ୍ତି। ତେଣୁ ସେ ଡାକ୍ତରୀ ଅଥବା ଅଭିନୟ କେଉଁ କ୍ଷେତ୍ରକୁ ଯିବେ ତାଙ୍କ ଉପରେ ନିର୍ଭର କରୁଛି। ଦେଖାଯାଉ ସାରା ତେନ୍ଦୁଲକର କେଉଁ କ୍ଷେତ୍ରକୁ ଆପଣାଉଛନ୍ତି !

# ୧୧ ବର୍ଷ ପରେ ପୁଣି ପରଦାକୁ ଫେରିବେ ଶର୍ମିଳା



ପୁଣି ପରଦାକୁ ଫେରିବେ ୭୦ରୁ ୮୦ ଦଶକ ଭିତରେ ବଲିଉଡରେ ରାଜ କରିସାରିଥିବା ଅଭିନେତ୍ରୀ ଶର୍ମିଳା ଟାଗୋର। ଦୀର୍ଘ ୧୧ ବର୍ଷ ପରେ ବଲିଉଡକୁ କରିବେ କମ୍‌ବ୍ୟାକ୍ ପଦ୍ମଭୂଷଣ ଓ ଜାତୀୟ ଫିଲ୍ମ ପୁରସ୍କାର ବିଜେତା ଶର୍ମିଳା। ଅପ୍ ?କମିଂ ଫିଲ୍ମ ‘ଗୁଲମୋହର’ରୁ ସେ ହିନ୍ଦୀ ଫିଲ୍ମ ଜଗତରେ ପୁଣି ଥରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ନିଜର ସୁନ୍ଦରତା ଓ ଅଭିନୟର ଜାଦୁ ବଳରେ ଶର୍ମିଳା ଦୀର୍ଘ ଦିନ ଧରି ବଲିଉଡରେ ରାଜ କରିସାରିଛନ୍ତି। ତାଙ୍କୁ ଅନେକ ଆୱାର୍ଡ ମଧ୍ୟ ମିଳିସାରିଛି। ଏବେ ଏହି ଫଲ୍ମ ଜରିଆରେ ପୁଣି ଥରେ ସେ ନିଜ ଅଭିନୟର ଜାଦୁ ଦେଖାଇବା ପାଇଁ ଆସୁଛନ୍ତି। ଏହି ଫିଲ୍ମରେ ତାଙ୍କୁ ଜଣେ ରାଜ ମାତା ଚରିତ୍ରରେ ଦେଖିବାକୁ ମଳିବ। ତାଙ୍କ ବ୍ୟତୀତ ଏହି ଫିଲ୍ମର ଲିଡ୍ ରୋଲରେ ମନୋଜ ବାଜପେୟୀ, ଅମୋଲ ପାଲେକର, ସୁରଜ ଶର୍ମା ଓ ସିମରନ୍ ଋଷୀ ବଗ୍ଗା ଅଛନ୍ତି। ‘ଗୁଲମୋହର’ ଏକ ପାରିବାରିକ ଫିଲ୍ମ। ଯାହାର କାହାଣୀ ମଲ୍ଟି ଜେନେରେସନ, ବାତ୍ରା ପରିବାରର ଚାରିପଟେ ବୁଲେ। ଯେଉଁମାନେ ସେମାନଙ୍କର ୩୪ ବର୍ଷ ପୁରୁଣା ପୌତୃକ ଘରକୁ ଛାଡି ଅନ୍ୟତ୍ର ଯିବାକୁ ପ୍ରସ୍ତୁତ। ଏହ ପରିସ୍ଥିତି ହିଁ ସେମାନଙ୍କ ସମ୍ପର୍କର ଶକ୍ତିକୁ ମଜଭୁତ କରିବାର ସୁଯୋଗ ଦେଇଥାଏ। ଏଭଳି ହିଁ କିଛି କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ଫିଲ୍ମଟି ଆସନ୍ତା ଅଗଷ୍ଟ ମାସରେ ରିଲିଜ ହେବ। ସେପଟେ ଏହି ଫିଲ୍ମକୁ ନେଇ ବଲିଉଡର ବର୍ଷିଆନ୍ ଅଭିନେତ୍ରୀ ଶର୍ମିଲା ଟାଗୋର ବେଶ୍ ଉତ୍ସାହିତ ଅଛନ୍ତି। ସେ କହିଛନ୍ତି, ‘ମୁଁ ଏହି ପ୍ରୋଜେକ୍ଟ ସହିତ ଯୋଡି ହୋଇ ବହୁତ ଖୁସି ଅନୁଭବ କରୁଛି। ଯେତେବେଳେ ମୁଁ ଫିଲ୍ମର କାହାଣୀ ଶୁଣିଲି, ମୁଁ ସଙ୍ଗେ ସଙ୍ଗେ ରାଜି ହେଲି କାରଣ କାହାଣୀର ପାରିବାରିକ ସ୍ୱର୍ଶ ମୋତେ ଛୁଇଁଗଲା। ଏହା ଏକ ବେଶ୍ ସୁନ୍ଦର ଫିଲ୍ମ ଯାହା ଆଜିକାଲିର ଲୋକଙ୍କୁ ବେଶ୍ ପସନ୍ଦ ଆସିବ।’








## ସରିଲା ଦବଙ୍ଗ ଗାର୍ଲ ସୋନାକ୍ଷୀଙ୍କ ନିର୍ବନ୍ଧ

ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କେଫ୍, ଆଲିଆ ଭଟ୍ଟଙ୍କ ପରେ ଏବେ ସୋନାକ୍ଷୀ ସିହ୍ନାଙ୍କ ପାଳି। ଜାଣିବାକୁ ମିଳିଛି ଯେ ଦବଙ୍ଗ ଗାର୍ଲ ସୋନାକ୍ଷୀଙ୍କର ନିର୍ବନ୍ଧ ସରିଯାଇଛି। ସୋନାକ୍ଷୀ ତାଙ୍କ ଜୀବନର ଏହି ବଡ଼ ଖବରକୁ ସୋସିଆଲ୍ ମିଡିଆ ଜରିଆରେ ପ୍ରଶଂସକଙ୍କୁ ଜଣାଇଛନ୍ତି। ଏପରି ତାଙ୍କ ଅଚାନକ ନିର୍ବନ୍ଧ ଖବର ଶୁଣିବା ପରେ ପ୍ରଶଂସକ ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଛନ୍ତି। ସୋନାକ୍ଷୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଭିନ୍ନ ଭିନ୍ନ ଫଟୋ ସେୟାର କରିଛନ୍ତି। ଫଟୋରେ ତାଙ୍କ ନିର୍ବନ୍ଧ ମୁଦି ସ୍ପଷ୍ଟ ଭାବେ ଦୃଶ୍ୟମାନ ହୋଇଛି। ଗୋଟାଏ ଫଟୋରେ ତାଙ୍କ ଫିଅନ୍ସି(ଭାବି ସ୍ୱାମୀ) ତାଙ୍କ ହାତକୁ ଧରିଥିବା ନଜର ଆସିଛି। ଅବଶ୍ୟ ସୋନାକ୍ଷୀ କାହାକୁ ବିବାହ କରିବାକୁ ଯାଉଛନ୍ତି ଓ ତାଙ୍କ ନାଁ କ’ଣ ତାହା ଏଯାଏ ଜଣା ପଡ଼ିନାହିଁ। ଦ୍ୱିତୀୟ ଫଟୋରେ ସୋନାକ୍ଷୀ ତାଙ୍କ ପାର୍ଟନରଙ୍କ କାନ୍ଧ ଉପରେ ହାତ ରଖି ଫଟୋ ପୋଜ୍ ଦେଇଥିବାର ଦେଖିବାକୁ ମିଳିଛି। ସୋନାକ୍ଷୀଙ୍କ ମୁଖମଣ୍ଡଳର ଔଜଲ୍ୟ ତାଙ୍କ ଖୁସିକୁ ବ୍ୟକ୍ତ କରୁଛି। ସୋନାକ୍ଷୀ ୩ଟି ଫଟୋ ସେୟାର କରି ସେଥିରେ କ୍ୟାପ୍‌ସନ୍ ଲେଖିଛନ୍ତି, ‘ମୋ ପାଇଁ ଏହା ସବୁଠାରୁ ବଡ଼ ଖୁସିର ଦିନ। ମୋର ସବୁଠାରୁ ବଡ଼ ବଡ଼ ସ୍ୱପ୍ନ ମଧ୍ୟରୁ ଗୋଟାଏ ସ୍ୱପ୍ନ ସତ ହେବାକୁ ଯାଉଛି। ଏହାକୁ ଆପଣଙ୍କ ସହ ସେୟାର କରିବାର ଅପେକ୍ଷା କରିପାରିନଥାନ୍ତି।’

# ମୋତେ କିଣିବାକୁ ବଲିଉଡର ଦମ୍ ନାହିଁ : ମହେଶ ବାବୁ



ସାଉଥ ସୁପରଷ୍ଟାର ମହେଶ ବାବୁ। ସେ ହେଉଛନ୍ତି ସାଉଥ ଇଣ୍ଡଷ୍ଟ୍ରିର ହ୍ୟାଣ୍ଡସମ୍ ହଙ୍କ। ତାଙ୍କ ଅଭିନୟର ଯାଦୁ ଦର୍ଶକଙ୍କୁ ମତୁଆଲା କରେ। ସାଉଥ ଠାରୁ ଆରମ୍ଭ କରି ବଲିଉଡ ସବୁଠି ମହେଶ ବାବୁଙ୍କ କ୍ରେଜ ରହିଛି। ତାଙ୍କ ଫ୍ୟାନ୍ ଫଲୋଇଂ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଯେତେବେଳେ ବି ମହେଶ ଫିଲ୍ମ ରିଲିଜ ହୁଏ ହଲ୍ ହାଉସଫୁଲ୍ ହୋଇଯାଏ। ଟଲିଉଡର ଏହି ଚର୍ଚ୍ଚିତ ଅଭିନେତା ଏବେ ଚର୍ଚ୍ଚାକୁ ଆସିଛନ୍ତି। ବଲିଉଡକୁ ନେଇ ଦେଇଥିବା ଏକ ବୟାନ ପାଇଁ ଟ୍ୱିଟ୍‌ରରେ ଟ୍ରେଣ୍ଡ କରୁଛନ୍ତି ମହେଶ ବାବୁ। ନିକଟରେ ବଲିଉଡକୁ ନେଇ ଏକ ବଡ ବୟାନ ଦେଇଛନ୍ତି ମହେଶ ବାବୁ। ନିକଟରେ ଏକ ସାକ୍ଷାତକା ?ରେ ସେ କହିଛନ୍ତି, ବଲିଉଡରେ କାମ କରିବାକୁ ମୋର ଇଚ୍ଛା ନାହିଁ। ବଲିଉଡ ମୋତେ ଅଫୋର୍ଡ କରିପାରିବନି, ମୋତେ କିଣିବାକୁ ବଲିଉଡ ପାଖରେ ଦମ୍ ନାହିଁ। ସେ ମୋ ଖର୍ଚ୍ଚ ଉଠାଇ ପାରିବ ନାହିଁ। ମୋତେ ହିନ୍ଦୀ ଫିଲ୍ମରୁ ଅନେକ ଅଫର ମିଳୁଛି। ମୋ ମତରେ ବଲିଉଡର କ୍ୟାରିୟର କରିବା ସମୟ ବର୍ବାଦ କରିବା ସହ ସମାନ। ମୁଁ ଏମିତି ଇଣ୍ଡଷ୍ଟ୍ରିରେ କାମ କରିବାକୁ ଚାହେଁନି, ଯିଏ ମନ ମୁତାବକ ପାରିଶ୍ରମିକ ଦେବାକୁ ସକ୍ଷମ ନୁହେଁ। ସାଉଥରୁ ମୋତେ ବହୁତ ଭଲପାଇବା ମିଳିଛି। ମୋତେ ଯେଉଁ ଷ୍ଟାରଡମ୍ ଓ ସମ୍ମାନ ଏବଂ ଭଲପାଇବା ସାଉଥରୁ ମିଳିଛି, ତାହା ମୋ ପାଇଁ ବହୁତ ବଡ କଥା। ଏହି କାରଣରୁ ମୁଁ ଏହି ଇଣ୍ଡଷ୍ଟ୍ରିକୁ ଛାଡି କୌଣସି ଅନ୍ୟ ଇଣ୍ଡଷ୍ଟ୍ରିରେ କାମ କରିବାକୁ ଚାହୁଁନି।’ ମହେଶ ବାବୁ ଆହୁରି କହିଛନ୍ତି, ‘ମୁଁ ସର୍ବଦା ଫିଲ୍ମରେ କାମ କରିବାକୁ ଓ ବଡ ହେବାକୁ ଚାହେଁ। ମୁଁ ମୋ ଜୀବନରେ ଯେତିକି ସଫଳତା ହାସଲ କରିବା କଥା କରିସାଲିଲିଣି । ଯେତିକି ସଫଳତାରେ ପାହାଚ ଚଢିବା କଥା ଚଢି ସାରିଲିଣି । ଆଉ ଅଧିକ ସୁଖ ଦରକାର ନାହିଁ । କାରଣ ମୋର ବିଶ୍ୱାସ ଅଛି ଆଗକୁ ମୋର ଗୋଟିଏ ପରେ ଗୋଟିଏ ସ୍ୱପ୍ନ ପୂରଣ ହେବ।’ ମହେଶ ବାବୁଙ୍କ ଏଭଳି ବୟାନକୁ ନେଇ ଏବେ ଫିଲ୍ମରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କାହାକୁ ତାଙ୍କର ଏଭଳି ବୟାନ ଭଲ ଲାଗିଥିବା ବେଳେ ଆଉ କେତେ ଜଣ ତାଙ୍କର ଏହି ବୟାନକୁ ନାପସନ୍ଦ କରିଛନ୍ତି। ୨୦୨୦ରେ ରିଲିଜ ହୋଇଥିବା ଫିଲ୍ମ ‘ସରାଇଲେରୁ ନିକେୟେଭରୁ’ ଫିଲ୍ମରେ ମହେଶ ବାବୁଙ୍କୁ ଶେଷ ଥର ପାଇଁ ଦେଖିବାକୁ ମିଳିଥିଲା। ଖୁବ୍‌ଶୀଘ୍ର ସେ ତାଙ୍କ ଅପ୍‌କମିଂ ଫିଲ୍ମ ‘ସରକାରୁ ଭାରି ପାଟା’ରେ ନଜର ଆସିବେ। ମେ’ ୧୨ ତାରିଖରେ ଏହି ଫିଲ୍ମଟି ରିଲିଜ ହେବ। ଏଥିରେ ମହେଶ ବାବୁ ଲିଡ୍ ରୋଲ୍‌ରେ ଥିବା ବେଳେ ତାଙ୍କ ଅପୋଜିଟ୍‌ରେ କ୍ରିର୍ତ୍ତି ସୁରେଶ ଅଛନ୍ତି।

## ଶବାନା ଆଜମୀଙ୍କ ସହ ଫଟୋ ସେୟାର କରି ଧର୍ମେନ୍ଦ୍ର କହିଲେ ‘ଇସ୍କ୍ ହେ ମୁଝେ କ୍ୟାମ୍‌ରେ ସେ’

ବଲିଉଡ୍‌ର ବରିଷ୍ଠ ଅଭିନେତା ଧର୍ମେନ୍ଦ୍ର ବିଭିନ୍ନ ସମୟରେ ସୋସିଆଲ୍ ମିଡିଆରେ ସକ୍ରିୟ ରହୁଥିବା ନଜରକୁ ଆସନ୍ତି। ସହ କଳାକାରଙ୍କ ସହ ଫଟୋ ସେୟାର କରି ଧର୍ମେନ୍ଦ୍ର ସର୍ବଦା ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ଧର୍ମେନ୍ଦ୍ର ଅଭିନେତ୍ରୀ ଶବାନା ଆଜମୀଙ୍କ ସହ ତାଙ୍କର ଏକ ଫଟୋ ରୋମାଣ୍ଟିକ୍ କ୍ୟାପ୍‌ସନ ସହ ସେୟାର କରିଛନ୍ତି। ଏହି ଫଟୋରେ ଉଭୟେ ପରସ୍ପରକୁ ଆଲିଙ୍ଗନ କରୁଥିବା ଦେଖିବାକୁ ମିଳିଛି। ଧର୍ମେନ୍ଦ୍ର ଏହି ଫଟୋ ସେୟାର କରି ଲେଖିଛନ୍ତି, ‘ଇସ୍କ ହେ ମୁଝେ କ୍ୟାମରେ..ଔର କ୍ୟାମ୍‌ରେ କୋ....ସାୟଦ ମୁଝସେ।’ ଏହି ଫଟୋକୁ ଧର୍ମେନ୍ଦ୍ରଙ୍କ ପ୍ରଶଂସକମାନେ ଖୁବ୍ ପସନ୍ଦ କରିଛନ୍ତି। ଧର୍ମେନ୍ଦ୍ର ଏବଂ ଶବାନା ଆଜମୀ ଏବେ ‘ରକି ଔର ରାନୀ କି ପ୍ରେମ କାହାନି’ ନାମକ ଫିଲ୍ମରେ ଏକାଠି କରୁଛନ୍ତି। କରଣ ଜୋହରଙ୍କ ଏହି ଫିଲ୍ମରେ ରଣବୀର ସିଂହ ଏବଂ ଆଲିୟା ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରୁଛନ୍ତି। ‘ରକି ଔର ରାନୀ କି ପ୍ରେମ କାହାନି’ ଫିଲ୍ମକୁ ନେଇ ଉଭୟ ଉତ୍ସାହିତ ଅଛନ୍ତି।



## ‘ଗୁଟ୍‌କା କିଙ୍ଗ୍’ ଟ୍ୟାଗ୍ ନେଇ ସୁନୀଲ ସେଟ୍ଟିଙ୍କ ଜବାବ : ‘ଭାଇ ତୁ ଆପ୍‌ନା ଚସ୍‌ମା...’

‘ପାନ ମସାଲା’ ବ୍ରାଣ୍ଡକୁ ନେଇ ବିବାଦ ଶେଷ ହେବାର ନାଁ ନେଉନି। ଗତ ମାସରେ ଅଭିନେତା ଅକ୍ଷୟ କୁମାର ଟବାକୋ ବ୍ରାଣ୍ଡକୁ ପ୍ରମୋଟ୍ କରି ବିବାଦ ଘେରକୁ ଆସିଥିଲେ। କଡ଼ା ସମାଲୋଚନାର ଶିକାର ହେବାପରେ ଏହି ସୁପରଷ୍ଟାର ସୋସିଆଲ ମିଡିଆରେ କ୍ଷମା ମାଗିଥିଲେ ଏବଂ ଏହି ବିଜ୍ଞାପନ ବାବଦରେ ପାଇଥିବା ସମସ୍ତ ଟଙ୍କାକୁ ସେ ଏକ ଭଲ କାମରେ ଲଗାଇବେ ବୋଲି କହିଥିଲେ। ନିକଟରେ ପୁଣି ଜଣେ ଟ୍ୱିଟର ୟୁଜର ଅଜୟ ଦେବଗନ, ଶାହରୁଖ ଖାନ୍ ଏବଂ ଅକ୍ଷୟ କୁମାର ଥିବା ଏହି ସମାନ ହୋର୍ଡିଂର ବିଜ୍ଞାପନକୁ ବିରୋଧ କରିଛନ୍ତି। ଏକ ଟ୍ୱିଟ୍ କରି ସେ ଲେଖିଛନ୍ତି , ‘ ଇତ୍‌ନେ ଆଡ୍ ଦେଖ୍ ଲିଏ ଇସ୍ ହାଇୱେ ପେ କି ଅବ୍ ଗୁଟ୍‌ଖା ଖାନେ କା ମନ କର ରହା ହେ’। ଅନ୍ୟ ଜଣେ ଟ୍ୱିଟର ୟୁଜର ଏହି ସମାନ ପୋଷ୍ଟକୁ ପୁଣିଥରେ ସେୟାର କରି ଏଥିରେ ସେ ଭୁଲ୍‌ରେ ସୁନୀଲ ସେଟ୍ଟିଙ୍କୁ ଟ୍ୟାଗ୍ କରିଛନ୍ତି। ସମ୍ପୃକ୍ତ ୟୁଜର ଜଣଙ୍କ ସୁନୀଲ ସେଟ୍ଟିଙ୍କୁ ଗୁଟ୍‌କା କିଙ୍ଗ୍ କହିଛନ୍ତି। ତେବେ ସୁନୀଲ ଏଥିରେ କଡ଼ା ପ୍ରତିକ୍ରିୟା ରଖି କହିଛନ୍ତି, ‘ ଭାଇ ତୁ ଆପ୍‌ନା ଚସ୍‌ମା ଆଡଜଷ୍ଟ କର ଲେ ୟା ବଦଲ୍ ଦେ’। ତେବେ ଏହାପରେ ୟୁଜର ଜଣଙ୍କ ନିଜ ଭୁଲ୍ ଜାଣିବାପରେ ସେ ତୁରନ୍ତ ସୁନୀଲ ସେଟ୍ଟିଙ୍କୁ କ୍ଷମା ମାଗିଥିଲେ। ଭୁଲ୍‌ବଶତଃ ସେ ଏମିତି କରିଦେଇଥିବା କହିଛନ୍ତି।



# ଏମ୍‌ଟିଭି ରୋଡିଜ୍-୮ ରୁ ଛୋଟ ପରଦାର ଲୋକପ୍ରିୟ ନାୟିକା



ଜୀବନର ଗତିପଥ କେତେବେଳେ କେଉଁ ମୋଡ଼ରେ କି ରୂପରେଖ ନେବ ତାହା କେବେ କାହା ହାତରେ ନଥାଏ। ତେବେ ପରିବର୍ତ୍ତିତ ପରିସ୍ଥିତି ସହ ଖାପଖୁଆଇ ଜୀବନକୁ ଆଗକୁ ଗଡ଼େଇ ନେବାରେ ହିଁ ଅପ୍ରତ୍ୟାଶିତ ଆନନ୍ଦ ମିଳିବା ସହ ତହିଁରୁ ଆତ୍ମସନ୍ତୋଷ ଲାଭ କରିହେବ। ଟିଭି ଅଭନେତ୍ରୀ ପୂଜା ବାନାର୍ଜୀ ସେଜ୍ୱାଲ୍ ସେପରି ଜଣେ କଳାକାର ଯିଏ ଏକ ବାସ୍ତବଧର୍ମୀ ଟିଭି ଧାରାବାହିକରେ ପ୍ରତିଯୋଗୀ ସାଜୁ ସାଜୁ ସେହି ଟିଭି ଦୁନିଆରେ ହିଁ ଜୀବନ ଗଢ଼ିବା ପାଇଁ ପସନ୍ଦ କରିଥିଲେ। ସେ ଏବେ ଟିଭି ଧାରାବାହିକର ଜଣେ ଆଗଧାଡ଼ିର ଅଭିନେତ୍ରୀ ହେବା ସହ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଅନୁପୂରକ ସାଜିଛନ୍ତି। ଉତ୍ତରପ୍ରଦେଶର ଆଲିଗଡ଼ ଠାରେ ୧୯୯୧ ନଭେମ୍ବର ୮ ତାରିଖରେ ଜନ୍ମିତ ସେଜ୍ୱାଲଙ୍କର ଜୀବନରେ କେବେ ଅଭିନୟରେ କ୍ୟାରିଅର କରିବାର ସ୍ପୃହା ନଥିଲା। ତେବେ ୨୦୧୧ରେ ଏମ୍‌ଟିଭି ରୋଡିଜ୍-୮ରେ ଜଣେ ପ୍ରତିଯୋଗୀ ଭାବେ ଭାଗ ନେବା ଅବସରରେ ତାଙ୍କ ମନରେ ଗ୍ଲାମର ଦୁନିଆ ପ୍ରତି ଏକ ଅହେତୁକ ଦୁର୍ବଳତା ବସା ବାନ୍ଧିବାକୁ ଲାଗିଲା। ଛେ ନିଜର ଏହି ପରିବର୍ତ୍ତିତ ଅଭିଳାଷ ପୂରଣ ପାଇଁ ସେ ଟିଭି ଧାରାବାହିକରେ ପ୍ରବେଶ କରିଥିଲେ ୨୦୧୨ରେ ଷ୍ଟାର ପ୍ଲସ୍‌ରେ ପ୍ରସାରିତ ‘ଏକ ଦୂସରେ ସେ କରତେ ହେଁ ପ୍ୟାର ହମ୍’ ମାଧ୍ୟମରେ। ତାଙ୍କର ପରବର୍ତ୍ତୀ ଧାରାବାହିକ ‘ଦି ଆଡଭେଞ୍ଚର୍ସ ଅଫ୍ ହାତିମ୍’ ଓ ‘ଘର ଆଯା ପରଦେଶୀ’ରେ ତାଙ୍କ ଭୂମିକାକୁ ଦର୍ଶକ ଖୁବ୍ ପ୍ରଶଂସା କରିଥିଲେ। ଏହାପରେ ‘ବକ୍ସ କ୍ରିକେଟ ଲିଗ୍’ରେ ଜଣେ ପ୍ରତିଯୋଗୀ ସାଜି ଅନ୍ୟମାନଙ୍କୁ ଆପ୍ୟାୟିତ କରିବା ସହ ଚ୍ୟାନେଲ୍-୫ରେ ପ୍ରସାରିତ ଯୁବଧର୍ମୀ ନାଟକ ‘ସ୍ୱିମ୍ ଟିମ୍’ରେ ତାଙ୍କର ରେ୍ୱା ମାଥୁର ଚରିତ୍ର ମଧ୍ୟ ବେଶ ଗ୍ରହଣୀୟ ହୋଇପାରିଥିଲା। ତେବେ ତାଙ୍କୁ ଅସଲ ପ୍ରତିଷ୍ଠା ମିଳିଥିଲା ଲାଇଫ୍ ଓକେର ‘ନାଗାର୍ଜୁନ- ଏକ ଯୋଦ୍ଧା’ ଧାରାବାହିକରେ। ତାହା ପରେ ପରେ ଏକତା କପୂରଙ୍କ ପ୍ରଯୋଜନା ସଂସ୍ଥା ସହ ‘ଚନ୍ଦ୍ରକାନ୍ତା’, ‘ଚନ୍ଦ୍ର ନନ୍ଦିନୀ’ ଓ ‘ଦିଲ୍ ହି ତୋ ହେଁ’ ଆଦି ଧାରାବାହିକରେ ଛୋଟମୋଟ ଚରିତ୍ର କରି ସେଜ୍ୱାଲ ନିଜର ଅଭିନୟକୁ ଅଧିକ ଶାଣିତ କରିପାରିଥିଲେ। ପରିଣତି ସ୍ୱରୂପ ‘କସୌଟି ଜିନ୍ଦଗି କେ’ରେ ତାଙ୍କର ନିବେଦିତା ଭୂମିକା ଓ ‘କୁମକୁମ ଭାଗ୍ୟ’ରେ ରିଆ ମେହରା ଚରିତ୍ର ଦର୍ଶକଙ୍କ ମନରେ ଗଭୀର ଛାପ ପକାଇଥିଲା ଏବଂ ତାଙ୍କ ପଛରେ ପ୍ରଶଂସାର ସୁଅ ଛୁଟିଥିଲା। ଏହିପରି ଭାବେ ଏଇ ଦଶ ବର୍ଷ ଭିତରେ ସେଜ୍ୱାଲ୍ କୋଡ଼ିଏରୁ ଅଧିକ ଧାରାବାହିକ ସମେତ ପାଞ୍ଚଟି ୱେବ୍ ସିରିଜ୍‌ରେ ନିଜର କମାଲ୍ ଦେଖାଇ ସାରିଛନ୍ତି। ଏପରିକି ୨୦୧୮ ପରଠାରୁ ‘କହନେ କୋ ହମସଫର ହେଁ’ର ତିନିଟିଯାକ ସିଜନ୍‌ରେ ସେ ବାଣୀ ମେହରା ପରି ପ୍ରମୁଖ ଚରିତ୍ରରେ ଉଭା ହୋଇ ଦର୍ଶକମାନଙ୍କୁ ମନଭରି ମନୋରଂଜନ ଯୋଗାଇ ଚାଲିଛନ୍ତି।

# ‘ଦ କଶ୍ମୀର ଫାଇଲ୍‌ସ’ ଉପରେ ପ୍ରତିବନ୍ଧକ ଲଗାଇଲା ସିଙ୍ଗାପୁର

ମୁସଲମାନ ବହୁଳ କଶ୍ମୀର ଉପତ୍ୟକାରୁ ହିନ୍ଦୁମାନଙ୍କ ପଳାୟନ ଉପରେ ନିର୍ମିତ ବଲିଉଡ ଚଳଚ୍ଚିତ୍ର ‘ଦ କଶ୍ମୀର ଫାଇଲ୍‌ସ’କୁ ସିଙ୍ଗାପୁରରେ ନିଷେଧ କରିବାକୁ ସିଙ୍ଗାପୁର ସରକାର ନିଷ୍ପତ୍ତି ନେଇଛନ୍ତି। କାରଣ ଏହି ଚଳଚ୍ଚିତ୍ରଟି ବହୁ ଜାତି ଓ ଧର୍ମର ଲୋକ ରହୁଥିବା ସିଙ୍ଗାପୁରର ଚଳଚ୍ଚିତ୍ର ବର୍ଗୀକରଣ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରୁଛି ବୋଲି ସିଙ୍ଗାପୁର ସରକାର ଆକଳନ କରିଛନ୍ତି ବୋଲି ସୋମବାର ସିଙ୍ଗାପୁରର ଏକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି।



ସିଙ୍ଗାପୁରର ସଂସ୍କୃତି, ସମ୍ପ୍ରଦାୟ ଏବଂ ଯୁବ ମନ୍ତ୍ରାଳୟ (ଏମସିସିୱାଇ) ଏବଂ ଗୃହ ମନ୍ତ୍ରାଳୟ (ଏମଏଚଏ) ସହିତ ଏକ ମିଳିତ ବିବୃତ୍ତିରେ ଇନଫୋକମ୍ ମିଡିଆ ଡେଭଲପମେଣ୍ଟ ଅଥରିଟି (ଆଇଏମଡିଏ) କହିଛି ଯେ କର୍ତ୍ତୃପକ୍ଷ ହିନ୍ଦୀ ଭାଷାର ଏହି ଚଳଚ୍ଚିତ୍ରକୁ ସିଙ୍ଗାପୁରର ଚଳଚ୍ଚିତ୍ର ବର୍ଗୀକରଣ ନିର୍ଦ୍ଦେଶାବଳୀର ବିରୁଦ୍ଧାଚରଣ କରୁଛି ବୋଲି ସେମାନେ ଆକଳନ କରିଛନ୍ତି। ମୁସଲମାନମାନଙ୍କର ଉତ୍ତେଜକ ଏବଂ ଏକପାଖିଆ ଚିତ୍ରଣ ଏବଂ ହିନ୍ଦୁମାନଙ୍କୁ ନିର୍ଯାତନା ଦିଆଯାଉଥିବା ଚିତ୍ରଣ ପାଇଁ ଏହି ଚଳଚ୍ଚିତ୍ରକୁ ବର୍ଗୀକରଣ ଓ ପ୍ରଦର୍ଶନ ପାଇଁ ମନା କରାଯିବ। କର୍ତ୍ତୃପକ୍ଷ ଗଣମାଧ୍ୟମକୁ କହିଛନ୍ତି ଯେ ଏହି ଚଳଚ୍ଚିତ୍ର ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବାର କ୍ଷମତା ରଖିଛି ଏବଂ ଆମର ବହୁଜାତି ଏବଂ ବହୁ-ଧାର୍ମିକ ସମାଜରେ ସାମାଜିକ ସମନ୍ୱୟ ଏବଂ ଧାର୍ମିକ ସମନ୍ୱୟକୁ ବ୍ୟାହତ କରିବାର ସମ୍ଭାବନା ରହିଛି ବୋଲି ସେମାନେ କହିଛନ୍ତି। ଚଳଚ୍ଚିତ୍ର ବର୍ଗୀକରଣ ନିର୍ଦ୍ଦେଶାବଳୀ ଅନୁଯାୟୀ, ସିଙ୍ଗାପୁରରେ ଜାତିଗତ କିମ୍ବା ଧାର୍ମିକ ସମ୍ପ୍ରଦାୟକୁ ଅପମାନିତ କରୁଥିବା ଯେକୌଣସି ସାମଗ୍ରୀକୁ ବର୍ଗୀକରଣ ପାଇଁ ମନା କରାଯିବ ବୋଲି ସେମାନେ କହିଛନ୍ତି। ମିଶ୍ରିତ ସମୀକ୍ଷା ପାଇଁ ମାର୍ଚ୍ଚରୁ ଭାରତରେ ପ୍ରଦର୍ଶିତ ହେଉଥିବା ବିବେକ ଅଗ୍ନିହୋତ୍ରୀଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର ୧୯୯୦ ଦଶକରେ ଆତଙ୍କବାଦ ହେତୁ କଶ୍ମୀର ଉପତ୍ୟକାରୁ କଶ୍ମୀର ପଣ୍ଡିତଙ୍କ ପଳାୟନ ଉପରେ ଆଧାରିତ। ତେବେ, ଏହିସବୁ କାରଣକୁ ନେଇ ସିଙ୍ଗାପୁର ‘ଦ କଶ୍ମୀର ଫାଇଲ୍‌ସ’ ଉପରେ ପ୍ରତିବନ୍ଧକ ଲଗାଇବ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି।

# ବରଗଡ଼, ସେମିଳିଗୁଡ଼ାରେ ଜିଓ ଫାଇବର ସେବା ଆରମ୍ଭ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ଦ୍ରୁତ ସମ୍ପ୍ରସାରଣ ଧାରା ଜାରି ରଖି ଦେଶର ଲୋକପ୍ରିୟ ହାଇସ୍ପିଡ୍ ବ୍ରଡ୍‌ବ୍ୟାଣ୍ଡ ସେବା ଯୋଗାଣକାରୀ "ଜିଓଫାଇବର' ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ଏହାର ସେବା ଆରମ୍ଭ କରିଛି । ରାଜ୍ୟରେ ହାଇସ୍ପିଡ୍ ବ୍ରଡବ୍ୟାଣ୍ଡ କ୍ଷେତ୍ରରେ ନିଜର ନେତୃତ୍ୱକୁ ଆହୁରି ମଜଭୁତ କରି ଜିଓଫାଇବର ବ୍ରଡବ୍ୟାଣ୍ଡ ସେବା ଏବେ ବଗରଡ଼ ଓ ସେମିଳିଗୁଡ଼ା ସହରରେ ଉପଲବ୍ଧ ହୋଇଛି । ଏଥି ସହିତ ଜିଓଫାଇବର୍ ସେବା ଓଡ଼ିଶାର ୨୯ଟି ସହରର ପ୍ରମୁଖ ଅଂଚଳଗୁଡ଼ିକରେ ଉପଲବ୍ଧ ହୋଇଛି । ଏହି ସହରଗୁଡ଼ିକ ମଧ୍ୟରେ ରହିଛି ଭୁବନେଶ୍ୱର, କଟକ, ପୁରୀ, ଜଟଣୀ, ଅନୁଗୁଳ, ସମ୍ବଲପୁର, ରାଉରକେଲା, ଝାରସୁଗୁଡ଼ା, ବେଲପାହାଡ଼, ବ୍ରଜରାଜନଗର, ସୁନ୍ଦରଗଡ଼, ବଲାଙ୍ଗୀର, କେନ୍ଦୁଝର, ଭବାନୀପାଟଣା, କୋରାପୁଟ, ରାୟଗଡ଼ା, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର ରୋଡ, ଭଦ୍ରକ, ତାଳଚେର, ଖୋର୍ଦ୍ଧା, ବ୍ରହ୍ମପୁର, ବାଲେଶ୍ୱର, ଜୟପୁର, ରାଜଗାଙ୍ଗପୁର, ଢେଙ୍କାନାଳ, ସେମିଳିଗୁଡ଼ା ଓ ବରଗଡ଼ । ବରଗଡ଼ରେ ଜିଓଫାଇବର ହାଇ ସ୍ପିଡ୍ ବ୍ରଡବ୍ୟାଣ୍ଡ ସେବା ଏବେ ଶିବାନନ୍ଦନଗର, ଖଜୁର ଟିକ୍ରା, ଭଟଲି ଛକ, ମିଳନ ବିହାର, ଜର୍ଜ ହାଇସ୍କୁଲ ଅଂଚଳରେ ଉପଲବ୍ଧ ହୋଇଛି । ସେବାକୁ ସହରର ଅନ୍ୟ ଅଂଚଳକୁ ଦ୍ରୁତ ବେଗରେ ସମ୍ପ୍ରସାରଣ ପ୍ରକ୍ରିୟା ଚାଲିଛି । ସେହିଭଳି କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ସହରରେ ଶାସ୍ତ୍ରୀ ନଗର, ଇନ୍ଦ୍ର ନଗର, ଅରବିନ୍ଦ ନଗର, ସତ୍ୟ ନଗର, ସରସ୍ୱତୀ ନଗର, କୋଡ଼ିଗାଁ, ସନ୍ତୋଷୀ ମା' ନଗର, ଗୋପବନ୍ଧୁ ନଗର, କୈଳାସ ନଗର, ଶାନ୍ତି ନଗର, ତଳସାହି ଓ ନିକଟସ୍ଥ ଅଂଚଳଗୁଡ଼ିକରେ ମଧ୍ୟ ଜିଓଫାଇବର ସେବା ଉପଲବ୍ଧ ହୋଇଛି । ଆଗାମୀ କିଛି ସପ୍ତାହ ମଧ୍ୟରେ ସହରର ଅନ୍ୟାନ୍ୟ ସ୍ଥାନକୁ ସେବାର ଦ୍ରୁତ ସମ୍ପ୍ରସାରଣ ନେଇ ଯୋଜନା ରହିଛି ।

ଉଲ୍ଲେଖଯୋଗ୍ୟ ଯେ, ଜିଓଫାଇବର ଏବେ ନୂଆ ପୋଷ୍ଟପେଡ୍ ବ୍ୟବହାରକାରୀଙ୍କ ପାଇଁ "ଶୂନ ପ୍ରବେଶ ମୂଲ୍ୟ' ସୁବିଧା ପ୍ରଦାନ କରୁଛି । ଏଠାରେ ବ୍ୟବହାରକାରୀ ଏକ ଜିଓଫାଇବର ପୋଷ୍ଟପେଡ୍ ସଂଯୋଗ ପାଇଁ ବିନା ଦେୟରେ ୧୦ ହଜାର ଟଙ୍କା ମୂଲ୍ୟର ଇଣ୍ଟରନେଟ୍ ବକ୍ସ (ଗେଟ୍‌ୱେ ରାଉଟର), ସେଟ୍ ଟପ୍ ବକ୍ସ ଏବଂ ଇନଷ୍ଟଲେସନ୍ ପାଇପାରିବେ । ଜିଓଫାଇବର ଏଣ୍ଟରଟେନ୍‌ମେଣ୍ଟ୍ ବୋନାଞ୍ଜାରେ ମାତ୍ର ୧୦୦ରୁ ୨୦୦ ଟଙ୍କା ଅତିରିକ୍ତ ଦେଇ ଗ୍ରାହକମାନେ ଅସୀମିତ ମନୋରଂଜନ ପାଇପାରିବେ । ମାସକୁ ୩୯୯ ଟଙ୍କାରୁ ଆରମ୍ଭ ଦେୟ ସହିତ ଗ୍ରାହକମାନଙ୍କ ପାଇଁ ଅସୀମିତ ହାଇ ସ୍ପିଡ୍ ଇଣ୍ଟରନେଟ୍ ସେବା ଜାରି ରହିବ । ଏହା ବାଦ ଅତିରିକ୍ତ ୧୦୦ରୁ ୨୦୦ ଟଙ୍କା ଦେଇ ସେମାନେ ୧୪ଟି ପର୍ଯ୍ୟନ୍ତ ଲୋକପ୍ରିୟ ଓଟିଟି ଆପ୍ ସମ୍ଭାରରୁ ନିଜ ପସନ୍ଦର ବିଷୟବସ୍ତୁ ପାଇପାରିବେ ।

# ପରିବହନ କମିସନରଙ୍କ ନିର୍ଦ୍ଦେଶ ମାନୁନାହାନ୍ତି ଜିଲ୍ଲାପାଳ : ୩୦ଜିଲ୍ଲାରେ ଟ୍ରକ୍ ଟର୍ମିନାଲ ପାଇଁ ଜମି ମିଳୁନି

ଭୁବନେଶ୍ୱର ,୧୨/୦୫ (ନି.ପ୍ର): ବେଆଇନ ଭାବେ ରାସ୍ତା କଡ଼ରେ ଟ୍ରକ୍ ପାର୍କିଂ ହେଉଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି । ଏପରିକି ରାତିରେ, ବର୍ଷା ଦିନେ ଓ କୁହୁଡ଼ି ପଡ଼ିଥିଲେ ଏହି ଦୁର୍ଘଟଣା ଅଧିକ ହେଉଛି । ବିଭିନ୍ନ ସହର ଭିତରକୁ ଟ୍ରକ୍ ଓ ଭାରୀ ଯାନ ପଶିବା ମନା ହୋଇଥିଲେ ବି ବେଆଇନ ଭାବେ ପଶୁଛି । ଏହାର ସମାଧାନ ପାଇଁ ପ୍ରତି ଜିଲ୍ଲାରେ ଗୋଟିଏ କିମ୍ବା ଦୁଇଟି ଟ୍ରକ୍ ଟର୍ମିନାଲ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ହେଲେ ଜିଲ୍ଲାପାଳମାନେ ପରିବହନ କମିସନରଙ୍କୁ ଖାତିର କରୁନଥିବାରୁ ଏହି ପ୍ରକଳ୍ପ ଆଗେଇ ପାରୁନି । ପ୍ରତି ଜିଲ୍ଲାରେ ଟ୍ରକ୍ ଟର୍ମିନାଲ ନିର୍ମାଣ ପାଇଁ ପରିବହନ ବିଭାଗ ପକ୍ଷରୁ ଡିସେମ୍ବର ୨୧, ୨୦୨୧ରେ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଥିଲା । ଜିଲ୍ଲାପାଳମାନେ ଜାତୀୟ ରାଜପଥ, ରାଜ୍ୟ ରାଜପଥ କଡ଼ରେ ଏବଂ ଜିଲ୍ଲାର ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ନିକଟରେ ଟ୍ରକ୍ ଟ୍ରମିନାଲ ପାଇଁ ୧୦ରୁ ୨୦ଏକରର ଜମି ଚିହ୍ନଟ କରିବାକୁ କୁହାଯାଇଥିଲା । ଏହି ଜମି ଚିହ୍ନଟ କରି ଦେଇଥିଲେ ପରିବହନ ବିଭାଗ ପକ୍ଷରୁ ସେଠାରେ ଟ୍ରକ୍ ଟର୍ମିନାଲ ପ୍ରସ୍ତୁତ ହୋଇଥାନ୍ତା । ହେଲେ ଜିଲ୍ଲାପାଳମାନେ ପରିବହନ କମିସନରଙ୍କ ନିର୍ଦ୍ଦେଶକୁ ବାଏଁ ବାଏଁ ଉଡ଼ାଇଦେଲେ । ତେଣୁ ଏବେ ଟ୍ରକ୍ ଟର୍ମିନାଲ ପାଇଁ ତୁରନ୍ତ ଜାଗା ଚିହ୍ନଟ କରି ଜଣାଇବାକୁ ପରିବହନ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ହୋଇଛି । ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ଟ୍ରକ୍ ଚାଳକଙ୍କ ସର୍ବନିମ୍ନ ସୁବିଧା ଯୋଗାଯାଇ ପାରୁନଥିବାରୁ ବାହାର ରାଜ୍ୟରୁ ଆସୁଥିବା ବା ବିଭିନ୍ନ ଜିଲ୍ଲା ଭିତରେ ଯାତାୟତ କରୁଥିବା ଟ୍ରକ୍‌ଗୁଡ଼ିକ ରାସ୍ତା କଡ଼ରେ ପାର୍କିଂ କରୁଛନ୍ତି । ତେଣୁ ସବୁ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ଗୋଟିଏ କିମ୍ବା ଦୁଇଟି ଅତ୍ୟାଧୁନିକ ଟ୍ରକ୍ ଟର୍ମିନାଲ ନିର୍ମାଣ କରିବାକୁ ନିଷ୍ପତ୍ତି ହୋଇଛି ।



ଗୋଟିଏ ଗୋଟିଏ ଟର୍ମିନାଲରେ ୫୦୦ରୁ ୧୫୦୦ ଟ୍ରକ୍ ପାର୍କିଂ ହେବା ଭଳି ବ୍ୟବସ୍ଥା ରହିବ । ଏଥିରେ ଗୋଟିଏ ଟର୍ମିନାଲ ପିଛା ୩୦ରୁ ୫୦କୋଟି ପର୍ଯ୍ୟନ୍ତ ଖର୍ଚ୍ଚ ହେବ । ଏହି ଟର୍ମିନାଲରେ ୱେ ବ୍ରିଜ୍, ତେଲ ଟାଙ୍କି, ଲୋଡିଂ ଓ ଅନଲୋଡିଂ ସୁବିଧା, ଗୋଦାମ, ଶୀତଳ ଭଣ୍ଡାର, ଗ୍ୟାରେଜ୍, ଫାଣ୍ଡି, ସ୍ୱାସ୍ଥ୍ୟ କେନ୍ଦ୍ର, ଶୌଚାଳୟ, ଲଜ୍, ବିଶ୍ରାମ ଅଞ୍ଚଳ, ପିଇବା ପାଣି, ହୋଟେଲ, ମାର୍କେଟ୍ କମ୍ପ୍ଲେକ୍ସ ଆଦି ରଖିବାକୁ ଯୋଜନା ହୋଇଛି ।

# ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୧୪ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଗତକାଲି ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୮ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୬ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୭ଟି ଜିଲ୍ଲାରୁ ୧୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୩ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କଟକ ଜିଲ୍ଲାରୁ ୧ ଜଣ, ଗଜପତି ଜିଲ୍ଲାରୁ ୨ ଜଣ, ଯାଜପୁର ଜିଲ୍ଲାରୁ ୧ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୪ ଜଣ, ନୂଆପଡ଼ା ଜିଲ୍ଲାରୁ ୨ ଜଣ, ସମ୍ବଲପୁର ଜିଲ୍ଲାରୁ ୧ ଜଣ ଓ ଷ୍ଟେଟପୁଲରୁ ୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୨୫୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୮, ୯୩୯ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୩୫ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ଏପ୍ରିଲରେ ଅବକାରୀ ବିଭାଗକୁ ବଡ ସଫଳତା

## ୪୪୪୬ଟି ମାମଲା ରୁଜୁ ଓ ୩୭୮୧ ଜଣ ଗିରଫ : ଗତବର୍ଷ ତୁଳନାରେ ୬୦% ଅଧିକ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଚଳିତବର୍ଷ ଏପ୍ରିଲ ମାସରେ ଅବକାରୀ ବିଭାଗର ଧରପଗଡକୁ ବଡ ସଫଳତା ମିଳିଛି । କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାସକ ମଧ୍ୟରେ ୩୭୮୧ ଜଣ ଗିରଫ ହୋଇଥିବାବେଳେ ୪୪୪୬ଟି ମାମଲା ରୁଜୁ ହୋଇଛି । ଏହା ଗତବର୍ଷର ଏପ୍ରିଲ ମାସ ତୁଳନାରେ ପ୍ରାୟ ୬୦ ପ୍ରତିଶତ ଅଧିକ । ଅବକାରୀ କମିଶନର ଆଶିଷ କୁମାର ସିଂହ ବିଭାଗର ଧରପଗଡ ସଂକ୍ରାନ୍ତରେ ଆଜି କରିଥିବା ସମୀକ୍ଷାରୁ ଏହା ଜଣାପଡିଛି । ଅବକାରୀ କମିଶନର ଶ୍ରୀ ସିଂହ ଆଜି କରିଥିବା ଭର୍ଚୁଆଲ ସମୀକ୍ଷା ବୈଠକରେ ଅବକାରୀ ନିର୍ଦ୍ଦେଶାଳୟର ବରିଷ୍ଠ ଅଧିକାରୀମାନଙ୍କ ସହିତ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ସମୀକ୍ଷାରୁ ଜଣାପଡିଛି ଯେ ଏପ୍ରିଲ ମାସରେ ଜୋରଦାର ଧରପଗଡ ଯୋଗୁଁ ୪୪୪୬ଟି ମାମଲା ରୁଜୁ ହୋଇଥିବାବେଳେ ୩୭୮୧ଜଣ ଗିରଫ ହୋଇଛନ୍ତି ଯାହାକି ଏକ ରେକର୍ଡ । ଗତବର୍ଷ ଏପ୍ରିଲ ମାସରେ ଏହି ସଂଖ୍ୟା ଯଥାକ୍ରମେ ୨୮୦୭ ଓ ୨୩୫୭ ରହିଥିଲା । କେବଳ ଗିରଫଦାରୀ ଓ ମାମଲା ନୁହେଁ, ଗତବର୍ଷ ଏପ୍ରିଲ ତୁଳନାରେ ଚଳିତବର୍ଷ ଏପ୍ରିଲରେ ଅଧିକ ୬କୋଟି ଟଙ୍କାର ଅବକାରୀ ସାମଗ୍ରୀ ବି ଜବତ ହୋଇଛି । ଚଳିତ ଏପ୍ରିଲରେ ଅବକାରୀ ବିଭାଗ ୧୬କୋଟିର ସାମଗ୍ରୀ ଜବତ କରିଥିବାବେଳେ ଗତବର୍ଷ ଏପ୍ରିଲରେ ଏହା ୧୦କୋଟି ଟଙ୍କା ଥିଲା । ଚଳିତବର୍ଷ ଏପ୍ରିଲ ମାସରେ ଅବକାରୀ ଅଧିକାରୀମାନଙ୍କ ଚଢଉ ସମୟରେ ବିଭିନ୍ନ ସ୍ଥାନରୁ କାରଖାନା ପ୍ରସ୍ତୁତ ୧,୦୨,୭୦୬ ଲିଟର ଦେଶୀମଦ, ୮,୬୪,୬୭୦ ଲିଟର ମଦ ପ୍ରସ୍ତୁତ ସାମଗ୍ରୀ, ୧୧୦୮ ଲିଟର ଦେଶୀ ମଦ, ୧୨୯୩ କିଲୋ ଭାଙ୍ଗ, ୧୫୧୩ କୁଇଣ୍ଟାଲ ମହୁଲ ଫୁଲ ସହିତ ୨୧ଲିଟର ଟିକସ ଫାଙ୍କି ବିଦେଶୀ ମଦ ଓ ୬୬୧ଲିଟର ନକଲି ବିଦେଶୀ ମଦ ଜବତ କରିଛନ୍ତି । ଏଥି ସହିତ ଧରପଗଡ ସମୟରେ ୧୮୪ଟି ଗାଡିମୋଟରକୁ ମଧ ଅବକାରୀ ଅଧିକାରୀମାନେ ଜବତ କରିଛନ୍ତି । ସେହିଭଳି ରେକର୍ଡ ସଂଖ୍ୟକ ୪୯୩୯ କିଲୋ ଗଞ୍ଜେଇ ଜବତ ହୋଇଥିବାବେଳେ ୧୪୨୫ ଗ୍ରାମ ବ୍ରାଉନସୁଗାର ଓ ୧୭୬ଲିଟର କଫ ସିରପ ଜବତ କରାଯାଇଛି । ଜବତ ଗଞ୍ଜେଇର ପରିମାଣ ଗତବର୍ଷ ଏପ୍ରିଲ ମାସ ତୁଳନାରେ ପ୍ରାୟ ୨ହଜାର କିଲୋ ଅଧିକ ରହିଥିବାବେଳେ ବ୍ରାଉନସୁଗାର ବି ୬୦୦ ଗ୍ରାମ ଅଧିକ ରହିଛି । ଅବକାରୀ ବିଭାଗର ଜୋରଦାର ଧରପଗଡ ଯୋଗୁଁ ଗତବର୍ଷର ଏପ୍ରିଲ ମାସ ତୁଳନାରେ ଚଳିତବର୍ଷ ଏପ୍ରିଲ ମାସରେ ମାମଲାରୁଜୁ, ଗିରଫଦାରୀ ଓ ସାମଗ୍ରୀ ଜବତ ହାରାହାରି ୬୦ ପ୍ରତିଶତ ବଢିଛି । ଭାଙ୍ଗ ଜବତ ପରିମାଣ ୨୧୩ ପ୍ରତିଶତ ବଢିଥିବାବେଳେ ଟିକସ ଫାଙ୍କି ବିଦେଶୀ ମଦ ବି ୨୧୪ ପ୍ରତିଶତ ଅଧିକ ଜବତ ହୋଇଛି । ତେବେ ଜବତ ଗଞ୍ଜେଇ ଓ ବ୍ରାଉନସୁଗାର ଜବତ ପରିମାଣ ପାଖାପାଖି ୬୦ ପ୍ରତିଶତ ବଢିଥିବାବେଳେ କଫସିରପ ଜବତ ପରିମାଣ ୧୦୭୩ ପ୍ରତିଶତ ଅଧିକ ରହିଛି । ଚଳିତ ମଇ ମାସର ପ୍ରଥମ ୧୦ ଦିନରେ ଅବକାରୀ ବିଭାଗ ୧୨୪୫ ମାମଲା ରୁଜୁ ସହିତ ୧୦୭୬ ଜଣଙ୍କୁ ବାନ୍ଧିଥିବା ଜଣାଯାଇଛି । ଏହି ୧୦ଦିନ ମଧ୍ୟରେ ପ୍ରାୟ ୪.୫ କୋଟି ଟଙ୍କାର ସାମଗ୍ରୀ ଜବତ କରାଯାଇଛି । ଜବତ ସାମଗ୍ରୀ ମଧ୍ୟରେ ୧୪୦୭ କିଲୋ ଗଞ୍ଜେଇ, ୩୮୫ ଗ୍ରାମ ବ୍ରାଉନସୁଗାର, ୩୭୦୨ ଲିଟର ବିୟର, ୮୦ଲିଟର ନକଲି ବିଦେଶୀ ମଦ ସମେତ ବିଭିନ୍ନ କିସମର ୫୦ଟି ଗାଡିମୋଟର ରହିଛି । ଏହି ୧୦ଦିନ ମଧ୍ୟରୁ ମଇ ୫ତାରିଖରେ ସମ୍ବଲପୁର ଅବକାରୀ ବିଭାଗ ଗୋଟିଏ ନକଲି ବିଦେଶୀ ମଦ ପ୍ରସ୍ତୁତ ୟୁନିଟ୍ ଜବତ କରିବା ସହିତ ଏଠାରୁ ୩୮ଲିଟର ନକଲି ବିଦେଶୀ ମଦ, ୭୫ହାଜର ଠିପି ସହିତ ୨ଟି ମୋଟର ସାଇକେଲ ଜବତ କରିଥିଲା । ଏହି ଘଟଣାରେ ୭ଜଣ ଗିରଫ ହୋଇଛନ୍ତି । ସେହିଦିନ ରାଜ୍ୟ ସ୍ତରୀୟ ଫ୍ଲାଇଙ୍ଗସ୍କ୍ୱାଡ ଭୁବନେଶ୍ୱରରୁ ୨୦୦ ଗ୍ରାମ ବ୍ରାଉନସୁଗାର ଜବତ ସହିତ ଜଣଙ୍କୁ ଗରିଫ କରିଥିଲା । ମଇ ୬ତାରିଖରେ କଟକ ଅବକାରୀ ବିଭାଗ ୧୩୦ ଗ୍ରାମ ବ୍ରାଉନସୁଗାର ସହିତ ୧୨୫ କିଲୋ ଗଞ୍ଜେଇ ଜବତ କରିଛି । ମଇ ୧୦ତାରିଖରେ କୋରାପୁଟ ଅବକାରୀ ବିଭାଗ ୯କୁଇଂଟାଲ ଗଞ୍ଜେଇ ସହିତ ଗୋଟିଏ ଟ୍ରକ ଏବଂ ଏହି ମାମଲାରେ ଉତପ୍ରଦେଶର ଜଣେ ବ୍ୟକ୍ତିଙ୍କୁ ଗିରଫ କରିବାରେ ସଫଳ ହୋଇଛ । ବେଆଇନ ନିଶା କାରବାର ଉପରେ ଲଗାମ ଲଗାଇବାପାଇଁ ଆଗାମୀ ଦିନରେ ଚଢଉକୁ ଅଧିକ ଜୋରଦାର ଲାଗି ଶ୍ରୀ ସିଂହ କ୍ଷେତ୍ର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଛିଣ୍ଡୁନି ପିସିସି ସଭାପତି ଅଙ୍କ : ଏଆଇସିସି ଚିନ୍ତନ ବୈଠକ ପରେ ଘୋଷଣା ହୋଇପାରେ ନିଷ୍ପତ୍ତି

ଭୁବନେଶ୍ୱର ,୧୨/୦୫ (ନି.ପ୍ର): ଓଡ଼ିଶା ପିସିସିର ମଙ୍ଗ କିଏ ଧରିବ । ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ଭେଟିଥିବା କଂଗ୍ରେସ ନେତାଙ୍କ ମଧ୍ୟରୁ କିଏ ନା ଦଳ ବାହାରୁ ଆଉ କାହାକୁ ଭରସା କରିବ କଂଗ୍ରେସ ହାଇକମାଣ୍ଡ । ନେତାମାନେ ନିଜ ନିଜର ମତ ରଖିଥିଲେ ହେଁ, ହାଇକମାଣ୍ଡ ତାଙ୍କ କଥା ରଖିବେ କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି । ପିସିସି ପରିବର୍ତ୍ତନ ନେଇ ଦୁଇଦିନ ତଳେ ରାହୁଲଙ୍କ ସହ କଂଗ୍ରେସ ନେତୃବୃନ୍ଦଙ୍କ ଆଲୋଚନା ପରେ ଏଭଳି ଚର୍ଚ୍ଚା ଜୋର ଧରିଛି । ସାମାଜିକ ଗଣମାଧ୍ୟମରେ ଏକାଧିକ ବ୍ୟକ୍ତିଙ୍କ ନାଁ ଚର୍ଚ୍ଚାକୁ ଆସିବା ଓ ଦିଲ୍ଲୀରୁ ଫେରିବା ପରେ ଗଣମାଧ୍ୟମ ଆଗରେ କଂଗ୍ରେସ ନେତାଙ୍କ ବୟାନ ଦଳ ଭିତରେ ଥିବା ଅନ୍ତଃକନ୍ଦଳକୁ କମାଇବା ପରିବର୍ତ୍ତେ ଆହୁରି ବଢ଼ାଇ ଦେଇଛି । ତେବେ ଜୟପୁରରେ ହେବାକୁ ଥିବା ଏଆଇସିସିର ଚିନ୍ତନ ବୈଠକ ପରେ ହିଁ ଏ ସଂକ୍ରାନ୍ତରେ କୌଣସି ଠୋସ୍ ନିଷ୍ପତ୍ତି ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ନିଜ ପଦରୁ ଇସ୍ତଫା ଦେଇ ସାରିଥିବାରୁ ପରବର୍ତ୍ତୀ ସଭାପତି ପାଇଁ ଓଡ଼ିଶା ପ୍ରଭାରୀ ଏ.ଚେଲାକୁମାର ଗତମାସରେ ଓଡ଼ିଶା ଆସିଥିଲେ । ଦୁଇଦିନ ଧରି ବିଧାୟକ, ବରିଷ୍ଠ ନେତା ଓ ଜିଲ୍ଲା ସଭାପତିଙ୍କ ଆଲୋଚନା ପରେ କଂଗ୍ରେସ ହାଇକମାଣ୍ଡଙ୍କୁ ଏ ସଂପର୍କିତ ରିପୋର୍ଟ ଦେଇଥିଲେ । ପରେ ଗତ ୯ତାରିଖରେ କଂଗ୍ରେସ ନେତାମାନଙ୍କୁ ଦିଲ୍ଲୀ ଡକାଇଥିଲେ ରାହୁଲ ଗାନ୍ଧୀ । ଦିଲ୍ଲୀରେ ନେତାମାନଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଥିଲେ ରାହୁଲ । କାହା ସହ ୫ ମିନିଟ୍ ଆଉ କାହା ସହ ୧୦ମିନିଟ୍ । ତେବେ ପିସିସି ସଭାପତି ପାଇଁ ରାହୁଲଙ୍କ ଆଗରେ କିଏ ନିଜ ନାଁକୁ ସୁପାରିସ କରିଥିଲା ତ ଆଉ କିଏ ଅନ୍ୟ ଜଣଙ୍କ ନାଁ । ଏବେ କିନ୍ତୁ ସବୁକିଛି ନିଷ୍ପତ୍ତି କଂଗ୍ରେସ ହାଇକମାଣ୍ଡଙ୍କ ଉପରେ ରହିଛି । କାହାକୁ ପରବର୍ତ୍ତୀ ପିସିସି ସଭାପତି ଘୋଷଣା କରାଯିବ ତାହାକୁ ସମସ୍ତେ ଚାହିଁ ରହିଛନ୍ତି । ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି ଯେ ପିସିସି ସଭାପତି ପାଇଁ ଏକାଧିକ ବ୍ୟକ୍ତିଙ୍କ ନାଁ ଚର୍ଚ୍ଚାକୁ ଆସିଛି । କେହି କେହି ନିଜ ଛଡ଼ା ଆଉ କାହା ନାଁକୁ ସୁପାରିସ କରିଛନ୍ତି । ମାତ୍ର ମୋ ନାଁ ସଭାପତି ପାଇଁ ସୁପାରିସ କରିନାହିଁ । କିନ୍ତୁ ସୁଯୋଗ ମିଳିଲେ ଛାଡ଼ିବିନି । ରାଜ୍ୟରେ କଂଗ୍ରେସ କିଭଳି ମଜଭୁତ ହୋଇପାରିବ ତାହା ସଂପର୍କରେ ରାହୁଲଙ୍କ ସହିତ ଆଲୋଚନା କରିଥିଲି । ଓଡ଼ିଶାରେ ଦଳର ସଂଗଠନ ଭୁଶୁଡ଼ି ପଡ଼ିଛି । ନେତାଙ୍କ ଭିତରେ ଶୃଙ୍ଖଳା ନାହିଁ ।

# ଦେଶଦ୍ରୋହ ଆଇନ୍ ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଐତିହାସିକ : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଦେଶଦ୍ରୋହ ଆଇନ୍‌କୁ ସ୍ଥଗିତ ରଖିବା ପାଇଁ ସୁପ୍ରିମକୋର୍ଟ ଆଜି ଯେଉଁ ରାୟ ଦେଇଛନ୍ତି, ତାହା ଐତିହାସିକ ବୋଲି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ସୁପ୍ରିମକୋର୍ଟର ରାୟକୁ ସ୍ୱାଗତ କରିବା ସଙ୍ଗେସଙ୍ଗେ ଏହା ଏକଛତ୍ରବାଦୀ କେନ୍ଦ୍ର ସରକାରଙ୍କ ପାଇଁ ଏକ ସତର୍କ ଘଂଟି ବୋଲି କହିଛନ୍ତି । ଆଗାମୀ ଦିନମାନଙ୍କରେ ସରକାରଙ୍କ ବିରୁଦ୍ଧରେ ସାଧାରଣ ଲୋକର ଲଢେଇକୁ ଜୋର୍‌ଦାର କରିବା ପାଇଁ ଯେଉଁମାନେ ଆଗେଇ ଆସିବେ ସୁପ୍ରିମକୋର୍ଟଙ୍କ ଏହି ନିଷ୍ପତ୍ତି ତାଙ୍କ ପାଇଁ ପ୍ରେରଣାଦାୟକ ବୋଲି ଶ୍ରୀ ବେହେରା ଆଶାପ୍ରକାଶ କରିଛନ୍ତି । ସରକାରଙ୍କୁ ସମାଲୋଚନା କରିବା ଅର୍ଥ ନୁହେଁ ବା ସରକାରୀ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ଉଦ୍ଦେଶ୍ୟ ନୁହେଁ ଦେଶକୁ ଖଣ୍ଡଖଣ୍ଡ କରିବା । ମାନ୍ୟବର ସୁପ୍ରିମକୋର୍ଟଙ୍କର ଏହି ନିଷ୍ପତ୍ତି ବଳରେ ଜେଲ୍‌ରେ ବନ୍ଦୀ ଥିବା ବହୁ ଦେଶପ୍ରେମୀ ସଂଗ୍ରାମୀ ସାଥି ବାହାରକୁ ଆସିବାର ସୁଯୋଗ ପାଇବା ଏବଂ ଜଳ, ଜଙ୍ଗଲ ଓ ଜୀବନ ଜୀବିକାର ଲଢେଇ ଆହୁରି ଶକ୍ତିଶାଳୀ ହେବ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି । ସମସ୍ତ ବାମଗଣତାନ୍ତ୍ରିକ ଶକ୍ତି ଏକାଠି ହୋଇ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗେଇ ଆସିବାକୁ ସମାଜବାଦୀ ପାର୍ଟି ପକ୍ଷରୁ ଆହ୍ୱାନ ଦିଆଯାଇଛି ।

# ବକେୟା ସବ୍‌ସିଡି ଅର୍ଥ ପ୍ରଦାନ, ବଳକା ଚାଉଳ ଉଠାଣ ନେଇ କେନ୍ଦ୍ର ମନ୍ତ୍ରୀଙ୍କୁ ଖାଦ୍ୟଯୋଗାଣ ମନ୍ତ୍ରୀଙ୍କ ପତ୍ର

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଧାନସଂଗ୍ରହ ବାବଦରେ ବକେୟା ସବ୍‌ସିଡି ଅର୍ଥ ପ୍ରଦାନ, ବଳକା ଚାଉଳ ଉଠାଣ, ଭାରତୀୟ ଖାଦ୍ୟ ନିଗମରୁ ଗହମ ଉଠାଣ ଏବଂ ସାଧାରଣ ବଂଟନ ବ୍ୟବସ୍ଥାରେ ଶତପ୍ରତିଶତ ଚାଉଳ ଯୋଗାଣ ଆଦି ସମସ୍ୟାର ତୁରନ୍ତ ସମାଧାନ ପାଇଁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କେନ୍ଦ୍ର ଖାଦ୍ୟ ଓ ସାଧାରଣ ବଂଟନ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ ସରକାରଙ୍କ ସହ ସ୍ୱାକ୍ଷରିତ ବୁଝାମଣାପତ୍ର ଅନୁଯାୟୀ ଧାନସଂଗ୍ରହ ବାବଦକୁ ମିଳୁଥିବା ସବ୍‌ସିଡି ଅର୍ଥ ପ୍ରଦାନରେ କେନ୍ଦ୍ର ସରକାରଙ୍କ ବିଳମ୍ବ ଯୋଗୁଁ ପ୍ରମୁଖ ଧାନସଂଗ୍ରହକାରୀ ସଂସ୍ଥା ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଉପରେ ଆର୍ଥିକ ଚାପ ସୃଷ୍ଟି ହେଉଛି । ଅପ୍ରେଲ ୨୦୨୨ ସୁଦ୍ଧା ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ସବ୍‌ସିଡି ବାବଦକୁ ମୋଟ ପ୍ରାୟ ୧୦୩୩୪ କୋଟି ଟଙ୍କା ବକେୟା ପ୍ରାପ୍ୟ ରହିଛି । ପ୍ରଭିଜନାଲ ସବ୍‌ସିଡି ବାବଦକୁ ୭୯୩୧.୯୦ କୋଟି ଏବଂ ଅଗ୍ରୀମ ସବ୍‌ସିଡି ପ୍ରଦାନ ବାବଦକୁ ୨୪୦୨.୧୯ କୋଟି ଏଥିରେ ଅନ୍ତର୍ଭୁକ୍ତ । କେନ୍ଦ୍ର ସରକାରଙ୍କ ଦ୍ୱାରା ସବ୍‌ସିଡି ଅର୍ଥ ପ୍ରଦାନରେ ବିଳମ୍ବ ଏବଂ ସ୍ୱଳ୍ପ ପରିମାଣରେ ଅର୍ଥ ପ୍ରଦାନ ଯୋଗୁଁ ନିଗମକୁ ୫୪୫୪.୬୭ କୋଟି ଟଙ୍କାର ଅତିରିକ୍ତ ସୁଧ ବହନ କରିବାକୁ ପଡୁଛି, ଯାହାକୁ କେନ୍ଦ୍ର ସରକାର ପ୍ରଦାନ କରିବା ଆବଶ୍ୟକ । ଏଥି ସହିତ ଖରିଫ ବିପଣନ ଋତୁ ୨୦୨୧-୨୨ରେ ରାଜ୍ୟ ଦ୍ୱାରା ସଂଗୃହୀତ ୫୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ମଧ୍ୟରୁ ସାଧାରଣ ବଂଟନ ବ୍ୟବସ୍ଥା ଓ ଅନ୍ୟ ଜନକଲ୍ୟାଣ ଯୋଜାନରେ ରାଜ୍ୟର ନିଜସ୍ୱ ଚାହିଦା ୩୯ ଲକ୍ଷ ମେଟ୍ରିକ୍ ଟନ ହେଉଥିବାବେଳେ ୧୩ ଲକ୍ଷ ମେଟ୍ରିକ୍ ଟନ ଚାଉଳ ବଳକା ଉପଲବ୍ଧ ହେଉଛି । ରାଜ୍ୟରେ ଧାନସଂଗ୍ରହ ପ୍ରକ୍ରିୟାକୁ ସୁରୁଖୁରୁରେ କରିବା ନିମନ୍ତେ ଏହି ବଳକା ଚାଉଳକୁ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ତୁରନ୍ତ ଉଠାଣର ଆବଶ୍ୟକତା ରହିଛି । ଭାରତ ସରକାରଙ୍କ ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ଦ୍ୱାରା ପ୍ରଦ ଧାର୍ଯ୍ୟ ଲକ୍ଷ୍ୟ ୫ ଲକ୍ଷ ଟନ ଫୋର୍ଟିଫାଏଡ୍ ଉଷୁନା ଚାଉଳ ଏଫ୍‌ସିଆଇକୁ ଯୋଗାଣ ନିମନ୍ତେ ସମସ୍ତ ପଦକ୍ଷେପ ନିଆଯାଇଛି । ରାଜ୍ୟ ଅଧିକ ପରିମାଣରେ ଫର୍ଟିଫାଏଡ୍ ଉଷୁନା ଚାଉଳ ଯୋଗାଇଦେବା ପାଇଁ ସକ୍ଷମ ହୋଇଥିବାରୁ ଭାରତ ସରକାରଙ୍କୁ ଅତିରିକ୍ତ ଲକ୍ଷ୍ୟ ପ୍ରଦାନ ନିମନ୍ତେ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ପତ୍ରରେ ଉଲ୍ଲେଖ କରିଛନ୍ତି । ଏତଦ୍‌ବ୍ୟତୀତ ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲା ନିମନ୍ତେ କଟକର ଜଗତପୁରସ୍ଥିତ ଭାରତୀୟ ଖାଦ୍ୟ ନିଗମ ଡିପୋକୁ ଗହମ ଯୋଗାଣ କରିବା ପାଇଁ ଅନୁରୋଧ କରାଯାଇଛି ।

# ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ମିଳିବ ବଡ଼ କ୍ୱାର୍ଟର୍ସ

ଭୁବନେଶ୍ୱର ,୧୨/୦୫ (ନି.ପ୍ର): ଏଣିକି ରାଜ୍ୟ ସରକାରଙ୍କ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବର୍ତ୍ତମାନ ଅପେକ୍ଷା ବଡ଼ କ୍ୱାର୍ଟର୍ସ ମିଳିବ । ଇ-ଟାଇପ୍ ଓ ଏଫ୍-ଟାଇପ୍ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀଙ୍କୁ ବହୁତଳ କୋଠାରେ କ୍ୱାର୍ଟର୍ସ ସହ ବେସ୍‌ମେଣ୍ଟରେ କାର ପାର୍କିଂ ଭଳି ଜାଗା ମିଳିବ । ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏବେ ଇ-ଟାଇପ୍ କ୍ୱାର୍ଟର୍ସରେ ୬୫୫ବର୍ଗଫୁଟ ଅଞ୍ଚଳରେ ଏବଂ ଏଫ୍-ଟାଇପ୍ କ୍ୱାର୍ଟର୍ସରେ ୪୨୪ ବର୍ଗଫୁଟ ଅଞ୍ଚଳରେ କର୍ମଚାରୀମାନେ ରହୁଥିବାବେଳେ ଇ-ଟାଇପ୍ କ୍ୱାର୍ଟର୍ସଗୁଡ଼ିକ ୮୨୭ ବର୍ଗଫୁଟ ଏବଂ ଏଫ୍-ଟାଇପ୍ କ୍ୱାର୍ଟର୍ସଗୁଡ଼ିକ ୬୦୦ବର୍ଗଫୁଟର କରିବାକୁ ନିଷ୍ପତ୍ତି ହୋଇଛି । ସବୁ ବିଭାଗ ଏହାକୁ ନଜରରେ ରଖି କ୍ୱାର୍ଟର୍ସ ଆବଣ୍ଟନ କରିବାକୁ କୁହାଯାଇଛି ।



# ସମ୍ବିତ ପାତ୍ର ଡ୍ରାମା କରୁଛନ୍ତି : ପ୍ରତାପ ଦେବ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ରଙ୍କୁ ଟାର୍ଗେଟ କରିଛନ୍ତି ବିଜେଡି ମୁଖପାତ୍ର ପ୍ରତାପ ଦେବ । ସମ୍ବିତଙ୍କୁ ପୁରୀ ଗସ୍ତକୁ ଟାର୍ଗେଟ କରି ପ୍ରତାପ କହିଛନ୍ତି ଯେ, ଅତି ଭକ୍ତି ଚୋରର ଲକ୍ଷଣ । ମାମଲା ଏବେ କୋର୍ଟରେ ବିଚାରାଧୀନ ଅଛି, ହେଲେ ସମ୍ବିତ ପାତ୍ର ଡ୍ରାମା କରୁଛନ୍ତି । ପୁରୀ ସାଂସଦ ଭାବେ ଲଢିବା ପୂର୍ବରୁ ସମ୍ବିତ କେବେ ପୁରୀ ଯାଇଥିଲେ କି ? ପୁରୀର ଉନ୍ନୟନମୂଳକ କାମରେ ସେ ମୁଣ୍ଡ ପୁରାଉଥିଲେ କି ବୋଲି ପ୍ରତାପ ଦେବ ପ୍ରଶ୍ନ କରିଛନ୍ତି । ଲୋକଙ୍କ ନଜରରେ ରହିବା ପାଇଁ ସମ୍ବିତ ଏପରି କରୁଛନ୍ତି । ଗତ ସାଧାରଣ ନିର୍ବାଚନ ବେଳେ ମଧ ସେ ଏମିତି କରୁଥିଲେ । ସେ ପ୍ରହସନ କରୁଛନ୍ତି, କୋର୍ଟ ଯାହା ନିଷ୍ପତି ନେବେ ସେହି ଅନୁସାରେ କାମ ହେବ ବୋଲି କହିଛନ୍ତି ବିଜେଡି ବିଧାୟକ ତଥା ମୁଖପାତ୍ର ପ୍ରତାପ ଦେବ । ସୂଚନାଯୋଗ୍ୟ ଯେ, ଆଜି ମହାପ୍ରଭୁଙ୍କ ପ୍ରତିମୂର୍ତ୍ତି ଧରି ସମ୍ବିତ ପାତ୍ର ପୁରୀ ପହଂଚିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କର ଦର୍ଶନ କରିଥିଲେ । ପରେ ସେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ସହିତ ବର୍ତ୍ତମାନର ରାଜ୍ୟ ସରକାର ଏକ ଜିଦଖୋର୍ ସରକାର ବୋଲି ଆକ୍ଷେପ କରିଥିଲେ ।

# ଅଣ ବୈଷୟିକ ଲୋକପ୍ରିୟ ବର୍ଗ ପରୀକ୍ଷା ପାଇଁ ସିବିଟି ଅନୁଷ୍ଠିତ

ଭୁବନେଶ୍ୱର,୧୨/୦୫ (ନି.ପ୍ର): ଭାରତୀୟ ରେଳବାଇର ଅଣ ବୈଷୟିକ ଲୋକପ୍ରିୟ ବର୍ଗ (ଏନଟିପିସି) ର ଦ୍ୱିତୀୟ ପର୍ଯ୍ୟାୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ପାଇଁ ୦୯ ଏବଂ ୧୦ ମଇ, ୨୦୨୨ ରେ ଆୟୋଜନ କରିଅଛି ଯେଉଁଥିରେ ଷଷ୍ଠ ସ୍ତରର ୭୧୨୪ ପଦବୀ ଏବଂ ଚତୁର୍ଥ ସ୍ତରର ୧୬୧ ପଦବୀ ଅନ୍ତର୍ଭୁକ୍ତ । ଧାର୍ଯ୍ୟ ଥିବା ମୋଟ ୧,୮୦,୮୮୨ ପ୍ରାର୍ଥୀମାନଙ୍କ ମଧ୍ୟରୁ ୧,୨୮,୭୦୮ ପ୍ରାର୍ଥୀ କମ୍ପୁଟର ଆଧାରିତ ପରୀକ୍ଷା ପାଇଁ ହାଜର ହୋଇଥିଲେ । ପ୍ରଥମ ଥର ପ୍ରାର୍ଥୀମାନଙ୍କ ପାଇଁ ଆଧାର ଆଧାରିତ ପ୍ରାମାଣିକିକରଣ କରାଯାଇଥିଲା ଯାହାଦ୍ୱାରା କୌଣସି ପ୍ରକାର ତ୍ରୁଟିକୁ ଏଡାଇଦିଆଯାଇପାରିଛି । ଦ୍ୱିତୀୟ ପର୍ଯ୍ୟାୟ କମ୍ପ୍ୟୁଟର ଆଧାରିତ ପରୀକ୍ଷା ତିନୋଟି ସିଫ୍ଟରେ କରାଯାଇଥିଲା । ୨୫ ଟି ରାଜ୍ୟର ୧୧୧ ଟି ସହରର ୧୫୬ ଟି କେନ୍ଦ୍ରରେ ସିବିଟି ପରୀକ୍ଷାର ଷଷ୍ଠ ସ୍ତର ଆୟୋଜନ କରାଯାଇଥିଲା ଯେଉଁଥିରେ ମୋଟ ଉପସ୍ଥାନ ପ୍ରାୟ ୭୪% ଉପସ୍ଥାନ ଥିଲା । ୧୭ ଟି ରାଜ୍ୟର ୫୬ ଟି ସହରରେ ୮୯ ଟି କେନ୍ଦ୍ରରେ ସିବିଟି ପରୀକ୍ଷାର ଚତୁର୍ଥ ସ୍ତର ଆୟୋଜନ କରାଯାଇଥିଲା ଯେଉଁଥିରେ ମୋଟ ଉପସ୍ଥାନ ପ୍ରାୟ ୬୦.୫% ଥିଲା । ରେଳବାଇ ଭର୍ତ୍ତି ବୋର୍ଡ (ଆରଆରବି) ଭୁବନେଶ୍ୱର ଅଧୀନରେ ୮ ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଆୟୋଜନ କରାଯାଇଥିଲା । କମ୍ପ୍ୟୁଟର ଆଧାରିତ ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ୦୯ ଏବଂ ୧୦ ମଇ ରେ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ୩ ଟି ସିଫ୍ଟରେ ପରୀକ୍ଷା ପରିଚାଳନା କରାଯାଇଥିଲା । ନିର୍ଦ୍ଧାରିତ ୬୮୧୨ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପରୀକ୍ଷାରେ ମୋଟ ୫୧୦୬ ପ୍ରାର୍ଥୀ ଯୋଗ ଦେଇଥିଲେ ।

## ମାଟିର ଦ୍ରୋଣ - କବି ସଚ୍ଚି...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ତାଙ୍କୁ କେହି କେହି ମାଟିର ଦ୍ରୋଣ ମଧ୍ୟ କହୁଥିଲେ । ଗୋଳାପଲିର ଜଣେ ତେଲୁଗୁ ରାଜଜେମାଙ୍କୁ ସେ ବିଭା ହୋଇଥିଲେ । ଆଧୁନିକ ଓଡ଼ିଆ କାବ୍ୟ ଜଗତରେ କବି ସଚ୍ଚି ରାଉତରାୟ ଏକ ଅବିସ୍ମରଣୀୟ ପ୍ରତିଭା । ଓଡ଼ିଆ ସାହିତ୍ୟରେ ପ୍ରଗତିବାଦୀ ଆନ୍ଦୋଳନର ସେ ଅନ୍ୟତମ ପ୍ରବକ୍ତା । ଆନ୍ତର୍ଜାତିକ ସାହିତ୍ୟର ଗତିଧାରା ସହିତ ସଂଯୋଗ କରି ଓଡ଼ିଆ ସାହିତ୍ୟରେ ସେ ଆଣିଥିଲେ ପରିବର୍ତ୍ତନ । ସଚ୍ଚି ରାଉତରାୟଙ୍କ ପାଇଁ ଜୀବନ ଥିଲା ଏକ ଅପେକ୍ଷା । ସେ କହିଛନ୍ତି - ଯାହା ବଞ୍ଚାଯାଏ, ତାହା ହିଁ ଜୀବନ, ଯାହା ଅଭିନୀତ ହୁଏ ତାହା ନୁହେଁ । ତାଙ୍କ ଦୃଷ୍ଟିରେ ମଣିଷ ପ୍ରଥମେ ମଣିଷ, ସେ ପଶୁ ନୁହେଁ କି ଦେବତା ନୁହେଁ । ମଣିଷର ମଣିଷ ପଣିଆକୁ ଯିଏ ଦେଖେନାହିଁ, ସେ କିଛି ହିଁ ଦେଖେନାହିଁ । 'ନବୀନ' ପତ୍ରିକାରେ 'ଭଗବାନ ଅଛ କାହିଁ' କବିତାରେ ସାମ୍ୟବାଦୀ ବୈପ୍ଳବିକ ଚେତନା ରହିଥିଲା ପ୍ରତ୍ୟେକ ପଂକ୍ତିରେ । କବିଙ୍କ 'ବାଜି ରାଉତ' କବିତା ମାଟି ମାଆ ପାଇ ଥିଲା ଯାହା ସେତେବେଳେ ଅନେକ ଲୋକଙ୍କୁ ସ୍ୱାଧୀନତା ଆନ୍ଦୋଳନକୁ ଠେଲି ଦେଇଥିଲା । 'ବାଜି ରାଉତ' ଏକ ନାଉରିଆ ପିଲାର ମାଟି ମାଆ ପାଇଁ ବଳିଦାନର କଥା କହେ, ଯିଏ ନିଜ ଜୀବନକୁ ପଛରେ ପକାଇ ଇଂରେଜ ସେନାକୁ ମହାନଦୀ ପାରି ହେବାକୁ ଦେଇନଥିଲା । ପ୍ରତୀକ ଓ ଚିତ୍ରକଳ୍ପ ପ୍ରୟୋଗରେ କବି ପ୍ରୟୋଗିକ ନୂତନତା ଓ ଅପାରମ୍ପରିକ କଳାତ୍ମକ ବୌଦ୍ଧିକତା ଓଡ଼ିଆ କବିତାକୁ ଏକ ଭିନ୍ନ ବ୍ୟଞ୍ଜନାତ୍ମକତାର ସ୍ୱାଦରେ ସମୃଦ୍ଧ କରିଛି । ନିଜ ଗ୍ରାମ ପ୍ରତି ଅହେତୁକ ଦୁର୍ବଳତା ତାଙ୍କ କ୍ୱିତାକୁ ଜୀବନ୍ତ କରିଛି- 'ଛୋଟ ମୋର ଗାଁ ଟି-ଭୂଗୋଳ ପୋଥି ପତରେ - ପଛେ ନଥାଉ ତା'ର ନାଁ ଟି, ମାଟିର ସେଇ ସରଗ ମୋର- ସେଇଠି ଅଛି ମୋ ଷଠିଘର' । ସଚ୍ଚିଦାନନ୍ଦ ରାଉତରାୟଙ୍କ ଏହି ଆବେଗପୂର୍ଣ୍ଣ କବିତା ସମସ୍ତଙ୍କ ପାଇଁ ଆଜି ମଧ୍ୟ ଅଭୁଲା ହୋଇ ରହିଛି । ଗାଁ ମାଟିକୁ ପ୍ରାଣଭରି ଭଲ ପାଉଥିବା ମଣିଷଟିଏ ଥିଲେ ସଚ୍ଚି ରାଉତରାୟ । ଆଜି ବି ଏ କବିତା ପଢିଲେ କି ଶୁଣିଲେ ଗାଆଁ ର ପ୍ରକୃତ ଚିତ୍ର ମାନସ ପଟରେ ଭାସିଉଠେ ଓ ସହରରେ ବାସ କରୁଥିବା ଲୋକଟି ନିଜ ଗାଆଁ ମାଟିକୁ ଫେରି ଯିବାକୁ ଇଚ୍ଛା ଜାଗ୍ରତ କରେ । ଆଧୁନିକ ଓଡ଼ିଆ ସାହିତ୍ୟରେ ନବଦିଗନ୍ତର ବରେଣ୍ୟ କବି ଭାବେ ସେ ଥିଲେ ପରିଚିତ । ତାଙ୍କ କବିତା ନଖଦର୍ପଣରେ ଫୁଟି ଉଠିଛି ସମୟର ମୁହଁ । ତାଙ୍କର 'ପଲ୍ଲୀଶ୍ରୀ' ଗାଉଁଲି ଜୀବନର କଥା କହେ ତଥା ଏକ ସହରିଆ ଝିଅ ବେଦନାଭରା ଜୀବନର ଗଳ୍ପ କହେ । ଧର୍ମକୁ ନେଇ ବି ସଚ୍ଚି ରାଉତରାୟ କେତୋଟି କବିତା ଲେଖିଛନ୍ତି । ବହୁ କାବ୍ୟ କବିତା ଇଂରାଜୀ, ହିନ୍ଦୀ, ତେଲୁଗୁ, ଓ ପଞ୍ଜାବୀ ଭାଷାରେ ଅନୁବାଦ ହୋଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସିତ ହୋଇଛି ।

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାଦ ପୁରୁଷ ମାଟି ମେହେନତ ମଣିଷର କବି ସଚ୍ଚିଦାନନ୍ଦ ରାଉତରାୟ । ଆଧୁନିକ ଓଡ଼ିଆ କବିତାର ମୂଳଭିତ୍ତି ସ୍ଥାପୟିତା ଭାବରେ ସେ ଅଗ୍ରଗଣ୍ୟ । ଓଡିଆ ସାହିତ୍ୟରେ ଅତ୍ୟାଧୁନିକ ପ୍ରବର୍ତ୍ତନର ଶ୍ରେୟ ଶ୍ରୀ ସଚ୍ଚି ରାଉତରାୟ । ସଚ୍ଚି ରାଉତରାୟଙ୍କ ଦ୍ୱାରା ପ୍ରକାଶିତ ୩୧ ଖଣ୍ଡ ପୁସ୍ତକ ଯଥା ଖଣ୍ଡକାବ୍ୟ, କବିତା, ଗଳ୍ପ, ଉପନ୍ୟାସ, ସମାଲୋଚନା, ଆଲୋଚନା, ଏବଂ ଆତ୍ମଚରିତ ପାଠକଙ୍କୁ ଭେଟି ଦେଇଛନ୍ତି । ସେ ବହୁ ସମ୍ମାନ ପାଇଛନ୍ତି ତାଙ୍କ ସାହିତ୍ୟ କୃତି ପାଇଁ । ତନ୍ମଧ୍ୟରୁ ପଦ୍ମଶ୍ରୀ, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ଉତ୍କଳ ରତ୍ନ ସମ୍ମାନ, ସୋଭିଏତ ଲାଣ୍ଡ ନେହେରୁ ପୁରସ୍କାର, ଜ୍ଞାନପୀଠ ପୁରସ୍କାର, ସାହିତ୍ୟ ଭାରତୀ ସମ୍ମାନ, ସମ୍ମାନନୀୟ ଡକ୍ଟରେଟ ଇତ୍ୟାଦି ଇତ୍ୟାଦି । ବଳିଷ୍ଠ ମାନବବାଦ ସହ ରୋମାଣ୍ଟିକ ଭାବଚେତନା ତାଙ୍କ ଗଳ୍ପ ମାନଙ୍କରେ ପରିଦୃଷ୍ଟ । ଗଭୀର ଅଧ୍ୟୟନ ଓ ବୌଦ୍ଧିକ ଚିନ୍ତନର ସାର୍ଥକ ରୂପାୟନ ହେଉଛି ତାଙ୍କର 'ସାହିତ୍ୟର ମୂଲ୍ୟବୋଧ' ଓ 'ଆଧୁନିକ ସମାଲୋଚନା' ଗ୍ରନ୍ଥଦ୍ୱୟରେ । ଯେଉଁଥିରେ ସମାଜତାତ୍ତ୍ୱିକ , ସାଂସ୍କୃତିକ, ଧାର୍ମିକ , ସାହିତ୍ୟିକ ଓ ଭାଷାତାତ୍ତ୍ୱିକ ଦୃଷ୍ଟିକୋଣରୁ ରଚିତ ସମାଲୋଚନା ଗୁଡିକ ସ୍ଥାନିତ । ସେ କଟକଠାରେ ୨୧ ଅଗଷ୍ଟ ୨୦୦୪ରେ ଦେହତ୍ୟାଗ କରିଥିଲେ । ଆଜି ସେହି ଯୁଗସ୍ରଷ୍ଟା ମହାନ କବିଙ୍କର ଶ୍ରାଦ୍ଧବାର୍ଷିକୀ । ତାଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା । କିନ୍ତୁ ତାଙ୍କ କାଳଜୟୀ ସୃଷ୍ଟି ଯୋଗୁଁ ଆଜିବି ସେ କୋଟି କୋଟି ଓଡ଼ିଆଙ୍କ ମନରେ ଯୁଗ ଯୁଗ ପାଇଁ ଅମର ହୋଇ ରହିଛନ୍ତି ଆଉ ରହିଥିବେ ମଧ୍ୟ ।

ଅରଙ୍ଗାବାଦ, ବରୀ, ଯାଜପୁର, ମୋ: ୯୯୩୮୯୦୬୦୭୦

## ବେକରେ ଦଉଡି ଲଗାଇ ଆତ୍ମହତ୍ୟା

ବାଲିଆପାଳ, ୧୨/୦୫ (ନି.ପ୍ର): ବାଲିଆପାଳ ଥାନା ବଡାସ ପଂଚାୟତ ଅନ୍ତର୍ଗତ ପାକମୁଡି ଗ୍ରାମର ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି । ମୃତ ମହିଳା ଜଣଙ୍କ ହେଉଛନ୍ତି ମନ୍ମଥ ଜେନାଙ୍କ ପତ୍ନୀ ନିରୂପମା(୨୭) ।ତାଙ୍କ ମୃତ ଦେହ ଆଜି ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ପରିବାର ଲୋକେ ଦେଖିବାକୁ ପାଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବଦ କରିବା ସହ ବ୍ୟବଚ୍ଛେଦ ପାଇଁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି । ତେବେ ନିରୂପମା ପାରିବାରିକ କଳହରୁ ଆତ୍ମହତ୍ୟା କରିଥିବା କଥା ଜାମକୁଣ୍ଡା ଫାଣ୍ଡି ଅଧିକାରୀ ଶାରଦା ପ୍ରସନ୍ନ ମୁଦୁଲି କହିଛନ୍ତି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚାଲି ରଖିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶ୍ରୀମନ୍ଦିର ପରିକ୍ରମା କାର୍ଯ୍ୟ ବିରୁଦ୍ଧରେ ....

କଳାପାହାଡ଼ଏ ରାଜ୍ୟସରକାର । ଏହି କାର୍ଯ୍ୟ ରାଜ୍ୟସରକାରଙ୍କୁ ପରିଚାଳିତ କରୁଥିବା ଓଡ଼ିଅ ।ସଂସ୍କୃତି ଉପରେ ଜ୍ଞାନ ନ ଥିବା ମୁଷ୍ଟିମେୟ ଅଣ ଓଡ଼ିଆ ଅଧିକାରୀମାନଙ୍କର ଜିଦ୍ କାରଣରୁ ହେଉ ଅଛି । କିଛି ନ୍ୟସ୍ତସ୍ୱାର୍ଥ ଓଡ଼ିଆ ମଧ ଏଥିରେ ସାମିଲ ଅଛନ୍ତି । ଓଡ଼ିଆଙ୍କ ଅସ୍ମିତା, ସଂସ୍କୃତି ଓ ପରିଚୟକୁ ଧ୍ୱଂସ କରିବାର ସୁପରିକଳ୍ପିତ ଷଡ଼ଯନ୍ତ୍ର ପଛରେ କାହାର ସ୍ୱାର୍ଥ ନିହିତଅଛି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି କାର୍ଯ୍ୟକୁଶ୍ରୀମନ୍ଦିରସୁରକ୍ଷା ଅଭିଯାନ ଦୃଢ଼ ନିନ୍ଦା ତଥା ବିରୋଧ କରୁଛି । ବେଆଇନ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ପାଇଁ ଖୁବ୍ ଶୀଘ୍ରଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯିବା ସଙ୍ଗେସଙ୍ଗେ ସାରା ରାଜ୍ୟରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ । କାର୍ଯ୍ୟ ବନ୍ଦ ପାଇଁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ସାଧାରଣଜନତାଙ୍କ ଦ୍ୱାରା ଅଧିକରୁ ଅଧିକଚିଠି ଲେଖାଯିବ । ବ୍ଲକସ୍ତରରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ଗଣଧାରଣା, ବୁଦ୍ଧିଜୀବୀ ସଂଗୋଷ୍ଠୀ, ସନ୍ଥ ସମ୍ମିଳନୀ, ମାତୃଶକ୍ତି ଜାଗରଣଇତ୍ୟାଦି କାର୍ଯ୍ୟକ୍ରମ ମଧ କରାଯିବ । ଶ୍ରୀମନ୍ଦିରହେଉଛି ଆମ ପୂର୍ବପୁରୁଷମାନଙ୍କର ଆମ ପ୍ରତି ଏକ ଅମୂଲ୍ୟଉପହାର, ଯାହାକୁ ପର ପୀଢ଼ୀକୁ ପହଂଚାଇବାର ଦାୟିତ୍ୱ ଆମର । ଆମର ପରିଚୟ ତଥା ସଂସ୍କୃତିର ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କର ଏଭଳି ଅବୈଧ ମନମୁଖୀ କାର୍ଯ୍ୟ ବିରୋଧରେ ସ୍ୱର ଉତୋଳନ କରି'ଶ୍ରୀମନ୍ଦିରସୁରକ୍ଷା ଅଭିଯାନ'ରେ ସାମିଲହେବା ପାଇଁ ଅଭିଯାନର ସଂଯୋଜକ ବିନୟ କୁମାର ଭୂୟାଁ, ସହ ସଂଯୋଜକ ତନ୍ମୟ କୁମାର ଦାଶ ନିବେଦନ କରିଛନ୍ତି ।

### ଦୁଇ ଦିନିଆ ଡିଏଫଓ ସମ୍ମିଳନୀକୁ ....

ସେ ଆହୁରି କହିଛନ୍ତି ଯେ କରୋନା ମହାମାରୀ କାରଣରୁ କଠିନ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ଷ୍ଟେଟ ଅଫ୍ ଫରେଷ୍ଟ ରିପୋର୍ଟ- ୨୦୨୧ ଅନୁଯାୟୀ ଗତ ଦୁଇ ବର୍ଷ ମଧ୍ୟରେ ଆମର ଜଙ୍ଗଲଗୁଡ଼ିକ ଅଧିକ ଉନ୍ନତ ହୋଇଛି । ଏହା ଆମ ଲୋକଙ୍କ ନିରନ୍ତର ସମର୍ଥନ, ଭିଏସଏସ ସଦସ୍ୟ ତଥା ବନବିଭାଗର କର୍ମଚାରୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହା ସମ୍ଭବ ହୋଇଛି । ଆଗାମୀ ଦିନରେ ଏହି ଏହି କାମକୁ ବଜାୟ ରଖିବାକୁ ସେ ଆହ୍ୱାନ ଜଣାଇଛନ୍ତି । ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବନବିଭାଗ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି, ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଜଙ୍ଗଲ ଅଗ୍ନିକାଣ୍ଡ ଘଟଣାରେ ବିଭାଗ ପଚାଶ ପ୍ରତିଶତ ହ୍ରାସ କରିଛି । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ମଧ ଉଦବୋଧନ ଦେଇଥିଲେ ।

### ରନିଲ ୱିକ୍ରମସିଂଘେ....

ଯାଇପାରିବେନି ବୋଲି କୋର୍ଟ କହିଛନ୍ତି । ରାଜପକ୍ଷ,ତାଙ୍କ ପରିବାର କିଛି ସଦସ୍ୟ ଓ ସହଯୋଗୀ ମୋଟ ୧୫ଜଣଙ୍କ ଉପରେ ଲାଗିଛି ଏହି କଟକଣା । ଶ୍ରୀଲଙ୍କାରେ ସୃଷ୍ଟି ହୋଇଥିବା ଏହି ଆର୍ଥିକ ଓ ରାଜନୈତିକ ଅସ୍ଥିରତା ପାଇଁ ରାଜପକ୍ଷଙ୍କ ପରିବାରକୁ ଦାୟୀ କରାଯାଉଛି । ତାଙ୍କ ସମର୍ଥକ ଓ ବିରୋଧୀଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ଦେଶରେ ଭୟାବହ ସ୍ଥିତି ସୃଷ୍ଟି କରିଛି । ତେଣୁ ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ନସରିବା ପର୍ଯ୍ୟନ୍ତ ଏହି ୧୬ଜଣ ଦେଶ ଛାଡି ଯାଇପାରିବେନି ବୋଲି କୋର୍ଟ କହିଛନ୍ତି । ହିଂସା ଓ ପ୍ରତିବାଦର ନିଆଁରେ ଜଳୁଥିବା ଶ୍ରୀଲଙ୍କାରେ ଏବେ ସୁଦ୍ଧା ଜଣେ ସାଂସଦଙ୍କୁ ମିଶାଇ ୯ଜଣଙ୍କ ମୃତ୍ୟୁ ଓ ୩ଶହରୁ ଅଧିକ ଲୋକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଦେଶର ଅଧୀକାଂଶ ସ୍ଥାନରେ କର୍ଫ୍ୟୁ ଲଗାଯାଇଛି ଓ ମାସକ ମଧ୍ୟରେ ଦୁଇ ଦୁଇ ଥର ଏମରଜେନ୍ସି ଘୋଷଣା କରାଯାଇଛି । ରାଜଧାନୀ କଲମ୍ବୋଠୁ ନେଇ ବିଭିନ୍ନ ସ୍ଥାନରେ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି ।

### ଓଡ଼ିଶା ସରକାର ଓ ଏମସିଏଲ ସମନ୍ୱୟ....

କଲେଜ ପ୍ରତିଷ୍ଠା କରାଯାଉଛି । ଓଡ଼ିଶା ସରକାର ଓ ଏମସିଏଲ ସମନ୍ୱୟ ରକ୍ଷା କରି ଯଥାଶୀଘ୍ର ମେଡ଼ିକାଲକୁ କାର୍ଯ୍ୟକ୍ଷମ କରିବେ ବୋଲି ଆଶା କରୁଛି । ତାଳଚେର ମେଡିକାଲ କଲେଜ କାର୍ଯ୍ୟକାରୀ ହେବା ଦ୍ୱାରା ଅନୁଗୋଳ ଜିଲ୍ଲା ସମେତ ଢ଼େଙ୍କାନାଳ, ଦେବଗଡ, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ ଓ ନୟାଗଡ ଜିଲ୍ଲାର ପ୍ରାୟ ୭୦ ଲକ୍ଷ ଲୋକମାନେ ଉତମ ସ୍ୱାସ୍ଥ୍ୟ ସୁବିଧା ପାଇବା ସହ ରାଜ୍ୟର ଛାତ୍ରଛାତ୍ରୀମାନେ ମେଡ଼ିକାଲ ପଢ଼ିବାର ସୁଯୋଗ ପାଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି । ସୂଚନାଯୋଗ୍ୟ, ମହନଦୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ (ମିମସାର)ରେ ଏମସିଏଲ ତରଫରୁ ୧୦୦ ଏମବିବିଏସ ସିଟ୍ ଓ ୫୦୦ଟି ମେଡ଼ିକାଲ ଶଯ୍ୟା ସହ ସମସ୍ତ ଆନୁଷାଙ୍ଗିକ ବ୍ୟବସ୍ଥା କରାଯାଇଛି । ହସ୍ପିଟାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବ୍ୟକ୍ତିଗତ ଭାବରେ ଭାରତ ସରକାରଙ୍କ କୋଇଲା ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିବା ସହ ଗତ ମାର୍ଚ୍ଚ ୯ ତାରିଖରେ ତାଙ୍କୁ ପତ୍ର ଲେଖି ଓଡିଶା ସରକାରଙ୍କୁ କଲେଜର ପରିଚାଳନା ଦାୟିତ୍ୱ ଦେବା ନେଇ ଅବଗତ କରିଥିଲେ । ଓଡ଼ିଶା ସରକାରଙ୍କ ଦ୍ୱାରା ଏହି ହସ୍ପିଟାଲର ପରିଚାଳନା, ରକ୍ଷଣାବେକ୍ଷଣ, ପ୍ରଶାସନିକ ଦାୟିତ୍ୱ ନେବାକୁ ଚିଠି ଲେଖିବା ପାଇଁ ପରାମର୍ଶ ଦେଇଥିଲେ କେନ୍ଦ୍ରମନ୍ତ୍ରୀ । ଏହି ମର୍ମରେ ମେଡ଼ିକାଲ କଲେଜର ପରିଚାଳନା ଦାୟିତ୍ୱ ନେବା ପାଇଁ ଏମସିଏଲର ସିଏମଡ଼ି ଗତ ଏପ୍ରିଲ ୨୧ ତାରିଖରେ ପତ୍ର ଲେଖି ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଅନୁରୋଧ କରିଥିଲେ ।

## ଜଳେଶ୍ୱର ଯୁବକ ହରିଶଂକର ଜେନା ରାଜ୍ୟ ଯୁବକଂଗ୍ରେସ ସଂପାଦକ ନିଯୁକ୍ତ

ଜଳେଶ୍ୱର, ୧୨/୫ (ନି.ପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳିର ଗୌରବ ଆଣିଛନ୍ତି ଯୁବ ନେତା ହରିଶଂକର ଜେନା । ଏବେ ସେ ରାଜ୍ୟ ଯୁବ କଂଗ୍ରେସର ଭାରପ୍ରାପ୍ତ ସଂପାଦକ ବୋଲି ସଭାପତି ଡ. ସ୍ମୃତିରଂଜନ ଲେଙ୍କା ଆଜି ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚାଇଛନ୍ତି । ପ୍ରକାଶଯୋଗ୍ୟ ଶ୍ରୀ ଜେନା ଛାତ୍ର ଅମଳରୁ କଂଗ୍ରେସର ଜଣେ ଶୃଙ୍ଖଳିତ ଛାତ୍ରନେତାଭାବେ କାହିଁ କରି ଆସିଛନ୍ତି । ବିଭିନ୍ନ ସାଂଗଠନିକ କାର୍ଯ୍ୟ ଏବଂ ନିର୍ବାଚନ ସମୟରେ କଂଗ୍ରେସ ପୃଷ୍ଠପୋଷକତାରେ ପ୍ରଚାର ଅଭିଯାନରେ ମଧ୍ୟ ଅତୀତରେ ପାରଦର୍ଶୀତା ଅର୍ଜନ କରିଥିଲେ । ରାଜ୍ୟ ସଂଗଠନ ପକ୍ଷରୁ ତାଙ୍କୁ ଏପାରି ଦାୟିତ୍ୱ ଦିଆଯାଇଥିବାରୁ ସମର୍ଥକଙ୍କ ପକ୍ଷରୁ ରାଜ୍ୟନେତୃମଣ୍ଡଳୀ, କେନ୍ଦ୍ରୀୟ ସଭାପତି ସୁନିଆ ଗାନ୍ଧି, ରାହୁଲ ଗାନ୍ଧି ପ୍ରମୁଖଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । ସଂଗଠନକୁ ମଜବୁତ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।

## ସାମାନ୍ୟ ବଚସା ପାଇଁ ଘର ଛାଡ଼ିଲେ ଜେଜେ : ଜେଜେଙ୍କୁ ନ ପାଇ ଖୋଜି ଚାଲିଛି ନାତୁଣି

ନୀଳଗିରି, ୧୨/୦୫ (ନି.ପ୍ର): ପରିବାର ଥିଲେ କଳହ ଅଛି । କଳହ ଯୋଗୁଁ ପରିବାରର ସ୍ନେହ ମମତାକୁ ଭୁଲି ଘର ଛାଡ଼ି ପଳାଇ ଯିବା ଘଟଣା ଆଜିର ସମାଜର ନିତିଦିନର ଘଟଣା । ଜୈନିକ ଜେଜେ ପରିବାରର ସାମାନ୍ୟ ବଚସାକୁ କେନ୍ଦ୍ରକରି ଘର ଛାଡ଼ି ପଳାଇ ଯାଇଥିବା ବେଳେ ନିଜର ଜେଜକୁ ନ ପାଇ ତାର ପାଠ ପଢୁଥିବା କଲେଜ ପଢୁଆ ନାତୁଣଇ ଓଡ଼ିଶାର କୋଣ ଅନୁକୋଣରେ ଜେଜେକୁ ଖୋଜି ଖୋଜି ନ ପାଇ ଗୁରୁବାରଦିନ ନାତୁଣି ପଂଚଲିଙ୍ଗେଶ୍ୱର ଶୈବପୀଠରେ ନିଜର ଜେଜେଙ୍କର ଫଟୋ ମୋବାଇଲରେ ଦେଖାଇ ଜେଜେକୁ କେହି ଦେଖିଛନ୍ତି କି ବୋଲି ନେହୁରା ହୋଇ ଦୋକାନୀ ଓ ଅଂଚଳବାସୀଙ୍କୁ ପଚାରି ବୁଝୁଥିବା ଦେଖିବାକୁ ମିଳିଛି । ଏପରି ଏକ ସମ୍ବେଦନଶୀଳ ଘଟଣା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଥାନା ଅଧିନସ୍ଥ ସୁଗୋ ର ଧାନସିମୁଳିଆ ଗାଁର ସ୍ୱର୍ଗତ ଗୌରାଙ୍ଗ ଋନ୍ଦର କଲେଜ ପଢୁଆ ଝିଅ ଦେବସ୍ମିତା (୨୨) ଙ୍କ ଠାରେ ଦେଖିବାକୁ ମିଳିଛି । ବାପା, କକାଙ୍କ ମୃତ୍ୟୁ ପରେ ନିରାଶ୍ରୟା ଦେବସ୍ମିତା ବାରିପଦାର ମହିଳା ସୁରକ୍ଷା ମଂଚର ରାଜ୍ୟ ସଭାନେତ୍ରୀ ନିରୁପମା ସାହୁଙ୍କ ସହଯୋଗରେ ବାରିପଦାରେ ଏକ କଲେଜରେ +୩ରେ ପାଠ ପଢୁଥିବା ବେଳେ ଗତ ଏପ୍ରିଲ ୧ ତାରିଖରେ ତାର ଜେଜେ ରାମକୃଷ୍ଣ ଋନ୍ଦ ପରିବାରର ସାମାନ୍ୟ କଳହକୁ କେନ୍ଦ୍ର କରି ଘରୁ ଛାଡ଼ି ପଳାଇ ଯିବା ଘଟଣା ନାତୁଣୀ ଜାଣିବା ପରେ ସେବେ ଠାରୁ ନାତୁଣୀ ଦେବସ୍ମିତା ମହିଳା ସୁରକ୍ଷା ମଂଚର ସଭାନେତ୍ରୀ ନିରୁପମା ସାହୁଙ୍କୁ ଧରି କଟକ, ଭୂବନେଶ୍ୱର, ପୁରୀ, କଲିକତା ଆଦି ସ୍ଥାନରେ ଖୋଜି ଖୋଜି ଜେଜେକୁ ପାଇ ନ ଥିଲେ । ବୁଧବାର ଦିନ ନୀଳଗିରି ସ୍ଥିତ ପଂଚଲିଙ୍ଗେଶ୍ୱର ଠାରେ କାଳେ ଜେଜେ ଥାଇ ପାରନ୍ତି ବୋଲି ଭାବି ଏଠାରେ ପହଂଚିଥିଲା । ମୋବାଇଲରେ ନିଜର ଜେଜେଙ୍କ ଫଟୋକୁ ଦୋକାନୀଭାଇଙ୍କୁ ଦେଖାଇଥିଲା । ଏଭଳି ଲୋକେ ଏଠାକୁ ଆସି ନ ଥିବାର ଅଂଚଳବାସୀ, ଦୋକାନୀମାନ କରିବାରୁ ଶେଷରେ ନିରାଶ ହୋଇ ଫେରିଯାଇଛି । ଜେଜେ ଥିଲେ ଜଣେ ଧାର୍ମିକ ପରାୟଣବ୍ୟକ୍ତି । ସେଥିପାଇଁ ସେ ପ୍ରତିଜିଲ୍ଲାର ଧର୍ମାନୁଷ୍ଠାନମାନଙ୍କରେ ଜେଜେ କାଳେ ଆଶ୍ରୟ ନେଇ ପାରିଥାନ୍ତି ବୋଲି ଆଶା କରି ନାତୁଣୀ ଖୋଜି ଖୋଜି ଚାଲିଛି । ଯଦି କେହି ସହୃଦୟ ବ୍ୟକ୍ତି ତାଙ୍କ ଜେଜେଙ୍କର ସନ୍ଧାନ ପାଆନ୍ତି, ନାତୁଣୀଙ୍କୁ ଜଣାଇବାକୁ ପାଇଁ ଅନୁରୋଧ କରିଛି ।

## ସହରଭିତରେ ଥିବା ବାଂଠିଆ ଜଗନ୍ନାଥ ମନ୍ଦିରରେ ଚୋରି



ବାରିପଦା, ୧୨/୦୫ (ନି.ପ୍ର): ବାରିପଦା ସହରର ଜନଗହଳି ପୂର୍ଣ ସ୍ଥାନରେ ଥିବା ବାଂଠିଆ ଜଗନ୍ନାଥ ମନ୍ଦିରରେ ଗତକାଲି ଚୋରି ହେଇଥିବାର ଦେଖିବାକୁ ମିଳିଛି । ପ୍ରତ୍ୟେକ ଦିନପରି ଗତକାଲି ରାତିମଧ୍ୟ ମନ୍ଦିର ବନ୍ଦ କରି ପୂଜକ ଯାଇଥିବା ବେଳେ ଆଜି ସକାଳୁ ମନ୍ଦିର ଖୋଲିଲା ପରେ ମନ୍ଦିରରୁ ଚୋରି ହେଇଥିବାର ଦେଖିବାକୁ ମିଳିଥିଲା ଏ ବାବଦ ରେ ଟାଉନ ଥାନାକୁ ଖବର ଦିଆ ଯିବା ପରେ ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ କରୁଥିବାର ଜଣାଯାଇଛି । ତେବେ ମନ୍ଦିର ରୁ କିଛି ବାସନକୁସନ ସହ ଅନ୍ୟାନ୍ୟ ଜିନିଷ ଚୋରି ହେଇ ଥିବାର ଜଣା ଯାଇଛି । ତେବେ ସହରର ମଧ୍ୟସ୍ଥଳରେ ପୁଣି ଜନଗହଳି ସ୍ଥାନରେ ଅବସ୍ଥିତ ମନ୍ଦିର ରେ ଚୋରି ହେଲା କିପରି ତାହା ଏବେ ବଡ଼ ପ୍ରଶ୍ନ ବାଚି ସୃଷ୍ଟି କରିଛି । ଏନେଇ ପୋଲିସ ତଦନ୍ତ ଚାଲିଥିବା ବେଳେ ତଦନ୍ତ ପରେ ବାସ୍ତବ ଘଟଣା ପଦାକୁ ଆସିବ ବୋଲି ଜଣାଯାଇଛି ।

## କନ୍ୟାଯାତ୍ରୀ ଗାଡି ଓଲଟିଲା : ୧ ମୃତ, ୭ ଆହତ

ଗଞ୍ଜାମ, ୧୨/୦୫ (ନି.ପ୍ର): ଗଞ୍ଜାମ ଜିଲ୍ଲା ହୁମା ଫାଣ୍ଡି ଅନ୍ତର୍ଗତ ହୁମା ହାଟ ନିକଟରେ ଆଜି ପୂର୍ବାହ୍ନରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା ଏକ କନ୍ୟାଯାତ୍ରୀ ଗାଡି । ଦୁର୍ଘଟଣାରେ ଜଣକର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି । ଆହତ ମାନଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି । ଗାଡିଟି ଖଲ୍ଲିକୋଟରୁ ଛତ୍ରପୁର ଅଭିମୁଖେ ଯାଉଥିବା ବେଳେ ହୁମା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ।

## ପ୍ରଧାନମନ୍ତ୍ରୀ ୧୬ ମଇରେ ବୁଦ୍ଧ ପୂର୍ଣ୍ଣିମା ଅବସରରେ ଲୁମ୍ବିନୀ, ନେପାଳ ଯିବେ

ନୂଆଦିଲ୍ଲୀ, ୧୨/୦୫ : ବୁଦ୍ଧ ପୂର୍ଣ୍ଣିମା ଅବସରରେ ନେପାଳର ପ୍ରଧାନମନ୍ତ୍ରୀ ଶେର ବାହାଦୂର ଦେଓବାଙ୍କ ନିମନ୍ତ୍ରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୬ ମଇରେ ଲୁମ୍ବିନୀକୁ ଏକ ସରକାରୀ ଗସ୍ତ କରିବେ । ୨୦୧୪ ପରେ ନେପାଳକୁ ଏହା ପ୍ରଧାନମନ୍ତ୍ରୀଙ୍କ ପଂଚମ ଗସ୍ତ ହେବ । ଏହି ସମୟରେ ଉଭୟ ପ୍ରଧାନମନ୍ତ୍ରୀ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ ପ୍ରଧାନମନ୍ତ୍ରୀ ଲୁମ୍ବିନୀରେ ଥିବା ପବିତ୍ର ମାୟାଦେବୀ ମନ୍ଦିର ପରିଦର୍ଶନ କରିବେ । ନେପାଳ ସରକାରଙ୍କ ତତ୍ତ୍ୱାବଧାନାରେ ଲୁମ୍ବିନି ଡେଭେଲପମେଂଟ ଟ୍ରଷ୍ଟ ଦ୍ୱାରା ଆୟୋଜିତ ବୁଦ୍ଧ ଜୟନ୍ତୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ମଧ୍ୟ ସମ୍ବୋଧିତ କରିବେ ।

## ଏମ୍ସ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳିତ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): କୋଭିଡ ମହାମାରୀ ସମଗ୍ର ବିଶ୍ୱରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ହୋଇଥିବା ଦୁର୍ବଳ ନିବେଶ ଏବଂ ଅବହେଳାକୁ ସାମ୍ନାକୁ ଆଣିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସେବିକା(ନର୍ସ) ମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି । ତେଣୁ ଏହି କ୍ଷେତ୍ରରେ ଉତମ ନିବେଶ କରିବା ସହିତ ସମଗ୍ର ବିଶ୍ୱରେ ଏକ ସ୍ଥାୟୀ, ସୁଶିକ୍ଷିତ ତଥା ଉଚ୍ଚମାନର ତାଲିମପ୍ରାପ୍ତ ନର୍ସିଂ ମାନବସମ୍ବଳ ସୃଷ୍ଟି କରିବା ବର୍ତ୍ତମାନ ସମୟର ଏକ ବଡ଼ ଆହ୍ୱାନ । ଆଜି ଏମ୍ସ ଭୁବନେଶ୍ୱରରେ ଅନ୍ତର୍ଜାତୀୟ ସେବିକା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି ତଥା ବିଶେଷଜ୍ଞମାନେ ଏପରି ମତବ୍ୟକ୍ତ କରିଛନ୍ତି । ଏମ୍ସ ଭୁବନେଶ୍ୱର କଲେଜ ଅଫ୍ ନର୍ସିଂ ଏବଂ "ଷ୍ଟୁଡେଂଟସ୍ ନର୍ସ ଆସୋସିଏସନ୍" ପକ୍ଷରୁ କଲେଜର ମିନି ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱର ଅଧୀକ୍ଷକ ଡକ୍ଟର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାବେଶକୁ ସମ୍ବୋଧିତ କରିଥିଲେ । ବର୍ତ୍ତମାନ ଏବଂ ଭବିଷ୍ୟତରେ ଯେକୌଣସି ମହାମାରୀର ମୁକାବିଲା ପାଇଁ ନର୍ସିଂ ଶିକ୍ଷା, ଦକ୍ଷତା ତାଲିମ ଏବଂ ନେତୃତ୍ୱ ପ୍ରଶିକ୍ଷଣରେ ବିନିଯୋଗ କରିବାକୁ ଅଧିକ ଧ୍ୟାନ ଦେବାକୁ ପଡିବାନେଇ ଡ ମହାନ୍ତି ମତପୋଷଣ କରିଥିଲେ । ଡକ୍ଟର ଏଲ୍ ଆନନ୍ଦ, ଆସୋସିଏଟ୍ ପ୍ରଫେସର କଲେଜ ଅଫ୍ ନର୍ସିଂ, ଏମ୍ସ ଭୁବନେଶ୍ୱର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଜି ଦିବସର ବିଷୟବସ୍ତୁକୁ ଆସୋସିଏଟ୍ ପ୍ରଫେସର ଡ ଏମ ଭି ସ୍ମିଥା ଉନ୍ମୋଚନ କରିଥିଲେ । ଏହି ଅବସରରେ ହେସ୍ପି ବାଇ ଜେ ଫ୍ଲୋରେନ୍ସ ନାଇଟିଙ୍ଗଲେଙ୍କ ଜୀବନ ଇତିହାସ ସମ୍ପର୍କରେ ବକ୍ତୃତା ପ୍ରଦାନ କରିଥିଲେ । ସେହିପରି ଅନଲାଇନରେ ସରକାରୀ ନର୍ସିଂ ମହାବିଦ୍ୟାଳୟ, ବ୍ରମହପୁରର ଅଧକ୍ଷା ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର ଦିବସର ମହତ୍ତ୍ୱ ସମ୍ପର୍କରେ ଅଭିଭାଷଣ ରଖିଥିଲେ । ଏହି ଉତ୍ସବକୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ କରିବାକୁ ନର୍ସିଂ ଶିକ୍ଷାରେ ପ୍ରବେଶ ଏବଂ ବୃତିଗତ ବିକାଶ ପାଇଁ ନର୍ସିଂ ଶିକ୍ଷା" ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ମଧ ଆୟୋଜିତ ହୋଇଥିଲା । ଡ. ସ୍ମିଥା ଏହାକୁ ଆଲୋଚନାକୁ ପରିଚାଳନା କରିଥିବାବେଳେ ଡ.ଏଲ୍ ଆନନ୍ଦ, ହେପସି ବାଇ ଜେ ଏବଂ ନାଦିଆ କୃଷ୍ଣନ୍ ପ୍ରମୁଖ ପ୍ୟାନେଲିଷ୍ଟ ଭାବେ ଅଂଶଗ୍ରହଣ କରିଥିଲେ । ନର୍ସ ସପ୍ତାହ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ କୃତି ଛାତ୍ରଛାତ୍ରୀଙ୍କୁ ଅଧୀକ୍ଷକ ଡ. ଏସ ଏନ ମହାନ୍ତି ପୁରସ୍କାର ବିତରଣ କରିଥିଲେ ।

## ପ୍ରତି ପଂଚାୟତର ଚାଷୀଙ୍କୁ ମିଳିବ କୃଷି ଅଗ୍ରାଧିକାର

ଜଳେଶ୍ୱର, ୧୨/୫ (ନି.ପ୍ର): ସାମ୍ପ୍ରତିକ ସମାଜରେ କୃଷିର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ଓ ୫ଟି ର ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାଲାଗି ୫ଟି ଯୋଜନାକୁ ଅଗ୍ରାଧିକାର ଦେବାକୁ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ରହିଛି । ଏ ପରିପ୍ରେକ୍ଷୀରେ ଆଜି ଜଳେଶ୍ୱର ଆତ୍ମା କାର୍ଯ୍ୟାଳୟ ପରିସରରେ କନିଷ୍ଠ କୃଷି କର୍ମଚାରୀ ଓ କୃଷକ ସାଥିଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ପ୍ରଶିକ୍ଷକଭାବେ ସଂଜୟ କୁମାର ରାଉତ ଯୋଗ ଦେଇ କୃଷି ବିଭାଗରେ କାର୍ଯ୍ୟ କରୁଥିବା ବିଭିନ୍ନ ଯୋଜନା ସଂପର୍କରେ ସୂଚନା ଓ କୃଷକକୁ ସୁବିଧା ସୁଯୋଗ ମିଳିବା ସଂପର୍କରେ କହିଥିଲେ । ଆପିକଲ ଜରିଆରେ ସ୍ଥାୟି ପୁଞ୍ଜି ନିବେଶ କରାଇ କୃଷି ଭିତ୍ତିକ ବିଭିନ୍ନ ଯୋଜନା କିପରି କାର୍ଯ୍ୟକାରୀ ହୋଇ ପାରୁଛି ସେ ସମ୍ପର୍କରେ କହିଥିଲେ । ଉଦ୍ୟାନ କୃଷି ବିଭାଗ, ପ୍ରାଣୀ ସମ୍ପଦ ବିକାଶ, ମତ୍ସ୍ୟ ବିଭାଗକୁ ନେଇ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟଗ ଯୋଜନାରେ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଏଥିରେ କୃଷକ ମାନଙ୍କୁ ଋଣ ଦେବାର ବ୍ୟବସ୍ଥା ରହିଛି । ସେହିପରି ବଳରାମ ଯୋଜନାରେ ଜମିହୀନ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତାର ବ୍ୟବସ୍ଥା ଥିବା ବେଳେ ସମନ୍ୱିତ କୃଷି ଯୋଜନା ସ୍ୱଳ୍ପ ବୃଷ୍ଟିପାତ ହେଉଥିବା ଅଂଚଳରେ ମକା, ହରଡ, ମାଣ୍ଡିଆ, ଗହିରୀଆ ସ୍ଥାନରେ ଆଖୁଚାଷ କରିବା ଏବଂ ସୁବିଧା ସୁଯୋଗ, ଋଣ, ସରକାରୀ ସହାୟତା ସଂପର୍କରେ ବିଷଦ ଭାବେ ଆଲୋଚନା କରାଯାଇଥିଲା । କିନ୍ତୁ ପଟାସ ସାରର ମୂଲ୍ୟ ବସ୍ତା ଉପରେ ୯୦୦ଟଙ୍କା ଖେଳା ଯାଇଥିବା ବେଳେ ବହୁସ୍ଥାନରେ ୧୫୦୦ ଟଙ୍କାରେ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା । ବିଶେଷ କରି ଫୁଲ, ଗାଈ, ଛେଳି, ହେଚେରି ଫାର୍ମ, ସମନ୍ୱିତ କୃଷି ଯୋଜନାରେ ୧ଲକ୍ଷ୨୫ହଜାର ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ଦେବାର ଶ୍ରୀ ରାଉତ ବିଭିନ୍ନ ଯୋଜନାକୁ ବିଶ୍ଲେଷଣ କରି କହିଥିଲେ । ଏଥିରେ କିପରି ପଂଚାୟତ ସ୍ତରର ଚାଷୀମାନେ ଲାଭବାନ ହୋଇ ପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଅନ୍ୟପକ୍ଷରେ କୃଷକସାଥିମାନଙ୍କ ମିଳୁଥିବା ଆର୍ଥିକ ଅନୁଦାନ ପର୍ଯ୍ୟନ୍ତ ଓ ନିର୍ଦ୍ଧିଷ୍ଟ ସମୟରେ ମିଳୁନଥିବାରୁ ଏଥିପ୍ରତି ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା ।

## ଜଳେଶ୍ୱର ଏଲ.ଏଇ.ସି ଶାଖାରେ ସିଡବ୍ଲ୍ୟୁଏରେ ବାର୍ଷିକ ସମ୍ମିଳନୀ ପାଳିତ




ଜଳେଶ୍ୱର, ୧୨/୦୫ (ନି.ପ୍ର): ୦୪.୦୫.୨୦୨୨ ରିଖ ଦିନ ଜଳେଶ୍ୱର ଜୀବନ ବୀମା ନିଗମର ସିଡବ୍ଲ୍ୟୁଏର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଯୋଗଦାନ କରିଥିଲେ ସିଡବ୍ଲ୍ୟୁଏ କାଉନସିଲ କଟକ ଡିଭିଜନର ସଭାପତି ମନୋଜ ମହାପାତ୍ର, ବାଲେଶ୍ୱର ଶାଖା ସିଡବ୍ଲ୍ୟୁଏର ସଭାପତି ଜୟାନିଧି ଜେନା ପ୍ରମୁଖ । ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ ଜଳେଶ୍ୱର ଶାଖାର ଶାଖା ପରିଚାଳକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ସହଶାଖା ପରିଚାଳକ ସହସ୍ରାଂଶୁ ପୁରହିତ ଓ ସୁଗୁଣା ସିଂ । ଜଳେଶ୍ୱର ସିଡବ୍ଲ୍ୟୁଏର ସଭାପତି ଗୋପାଳ କୃଷ୍ଣ ମହାପାତ୍ର ଓ ସମ୍ପାଦକ ତପନ କୁମାର ପରିଡା, କୋଷାଧକ୍ଷ ପ୍ରତାପ ଚନ୍ଦ୍ର, କାର୍ଯ୍ୟକାରୀ ସଦସ୍ୟ ସନ୍ତୋଷ ଜେନା, ରାମଚନ୍ଦ୍ର ଦାସ ଅଧିକାରୀ, ନିତାଇ ଲାଲ ଦେ ପ୍ରମୁଖ । ସିଡବ୍ଲ୍ୟୁଏ ସମ୍ପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ କାର୍ଯ୍ୟକାରୀ ସଦସ୍ୟ ସିଏଲ୍ଆଇଏ ମଧୁସୂଦନ ଜେନା, ଅରୁଣ ଜେନା, ଲକ୍ଷ୍ମୀନାରାୟଣ ଦତ୍ତ, ସୁବାସ ଚାନ୍ଦ, ତାପସ କୁମାର ଦାସ, ଭୃଗୁରାମ ବାବୁ, ବନବିହାରୀ ଜେନା ପ୍ରମୁଖ ଯୋଗଦାନ କରିଥିଲେ ।

## ଅଙ୍ଗନୱାଡି ବିଲଡିଂ ନିର୍ମାଣ ପ୍ରସଙ୍ଗ : ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେଲେ ବ୍ଲକ ଘେରିବ ମାସା ଅର୍ମୀ



ବାରିପଦା, ୧୨/୦୫ (ନି.ପ୍ର): ଆଜି ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ମାସା ଆର୍ମୀ ପକ୍ଷରୁ ମୋରଡ଼ା ବ୍ଲକ ଗଡ଼ିଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମାହାଲିସାହି ଗ୍ରାମ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣରେ ହୋଇଥିବା ମହା ଦୁର୍ନୀତି ବିରୋଧରେ ଏକ ଦାବିପତ୍ର ମୋରଡ଼ା ବ୍ଲକ ମାସାଆର୍ମୀ ସଭାପତି ଜିତେନ୍ଦ୍ର ମାରାଣ୍ଡିଙ୍କ ନେତୃତ୍ୱରେ ମୋରଡ଼ା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । କିଛି ଦିନ ପୂର୍ବରୁ ମାହାଲିସାହି ଗ୍ରାମରେ ଏକ ଅଙ୍ଗନବାଡି ଗୃହ ନିର୍ମାଣ କରାଯାଉଥିଲା । ଅଙ୍ଗନବାଡି ଗୃହ ଅତି ନିମ୍ନ ମାନର ନିର୍ମାଣ ହେବା ସହ ଠିକାଦାର ଉକ୍ତ ଗୃହ ନିର୍ମାଣ ସମୟରେ କଲମରେ ଲୁହା ଛଡ ବଦଳରେ ଶାଳ କାଠି ଲଗାଇ ଗୃହ ନିର୍ମାଣ କରୁଥିଲେ । ସ୍ଥାନୀୟ ଗ୍ରାମବାସୀ ମାନେ ଏହା ଜାଣିବା ପରେ ବିଡିଓଙ୍କ ଠାରେ ଅଭିଯୋଗ କରିଥିଲେ । ବିଡିଓ ସଂଗେସଂଗେ ତଦନ୍ତ କରି ଉକ୍ତ ଠିକାଦାରଙ୍କ ବିରୋଧ ରେ ଏତଲା ଦେଇ ଠିକାଦାର କୁ ଜେଲ ପଠାଇଥିଲେ । କିନ୍ତୁ ଉକ୍ତ ଅଙ୍ଗନବାଡି ଗୃହ ନିର୍ମାଣ କାର୍ଯ୍ୟ ତଦାରଖରେ ଥିବା ଯନ୍ତ୍ରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଲା ନାହିଁ । ଠିକାଦାରଙ୍କ ଠାରୁ ମୋଟା ଅଙ୍କର ପିସି ନେଇ ଠିକାଦାରଙ୍କୁ ନିମ୍ନ ମାନର କାମ କରିବାରେ ସହଯୋଗ କରିଥିବା ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି । ତେଣୁ ଉକ୍ତ ନିମ୍ନ ମାନର ଗୃହ ନିର୍ମାଣ କାମରେ ସହଯୋଗ କରିଥିବା ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧରେ ମଧ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆ ଯିବା ସହିତ ତାଙ୍କୁ ଚାକିରିରୁ ନିଲମ୍ବନ କରାଯିବା ଦାବୀରେ ମାସାଆର୍ମୀ ସଂଗଠନ ପକ୍ଷରୁ ମୋରଡ଼ା ବ୍ଲକ ବିଡିଓଙ୍କ ଠାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବିଭାଗୀୟ ଯନ୍ତ୍ରୀଙ୍କ ବିରୋଧ ୭ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ମୋରଡ଼ା ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବା ସହିତ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି । ଆଜିର କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଜିତେନ୍ଦ୍ର ମାରାଣ୍ଡିଙ୍କ ସହିତ କିସୁନ ମାରାଣ୍ଡି, ରାଦଳ ହେମ୍ବ୍ରମ, ଛତିଶ ମୁର୍ମୁ, କିଶାନ ନାରାୟଣ ମାରାଣ୍ଡି, ମନମୋହନ ହେମ୍ବ୍ରମ, ଗୁଇହା ମାରାଣ୍ଡି, ପାରାଓ ମୁର୍ମୁ, ରାମ ବାସ୍କେ ପ୍ରମୁଖ ସାମିଲ ଥିଲେ ।

ବାଲେଶ୍ୱର, ଶୁକ୍ରବାର, ୧୩ ମଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଲୋକନାଥ ଚୌଧୁରୀ ସ୍ମୃତି ସମାରୋହ ଆୟୋଜିତ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଓଡ଼ିଶାରେ କମ୍ୟୁନିଷ୍ଟ ଆନ୍ଦୋଳନର ଅନ୍ୟତମ ମହାରଥୀ, ସିପିଆଇର ପୂର୍ବତନ ରାଜ୍ୟ ସମ୍ପାଦକ ତଥା ବିଶିଷ୍ଟ ଜନନେତା ଲୋକନାଥ ଚୌଧୁରୀଙ୍କ ୧୯ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ ଗୁରୁବାର ପୂର୍ବାହ୍ନରେ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ପାର୍ଟିର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ବିଶ୍ୱ ଶିକ୍ଷକ ମହାସଂଘର ସଭାପତି ଡ. ଅମିୟ ମହାନ୍ତି, ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସୁର ଜେନା ଓ ଜୟନ୍ତ ଦାସ ଏବଂ ଅବସରପ୍ରାପ୍ତ ଆଇଏଏସ ସୁରେଶ ଚନ୍ଦ୍ର ମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଲେ– ଲୋକନାଥ ଚୌଧୁରୀ ଛାତ୍ର ଜୀବନରୁ ବ୍ରିଟିଶ ଗୋଲାମୀର ପ୍ରତୀକ ୟୁନିୟନ ଜ୍ୟାକ୍ ପତାକାକୁ ରେଭେନ୍ସା କଲେଜ ପରିସରରୁ ଓହ୍ଲାଇ ଆଣିବାର ଐତିହାସିକ ଆନ୍ଦୋଳନର ନେତୃତ୍ୱ ନେବା ସଙ୍ଗେ ସଙ୍ଗେ ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନରେ ମଧ୍ୟ ସାମିଲ ହୋଇଥିଲେ। ୧୯୭୪ରେ ନନ୍ଦିନୀ ଶତପଥୀଙ୍କ ସଂଖ୍ୟାଲଘୁ ସରକାର ସିପିଆଇର ୭ଜଣ ଏମଏଲଏଙ୍କ ସମର୍ଥନରେ ଚାଲିଥିବାବେଳେ ଲୋକନାଥ ଚୌଧୁରୀଙ୍କ ସମର୍ଥନ ପ୍ରତ୍ୟାହାର ଧମକ ଫଳରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପ୍ରତ୍ୟକ୍ଷ ଦରମା ସମ୍ଭବ ହୋଇଥିଲା। ସେ ୧୯୯୦ ଦଶକରେ ସାଂସଦ ଥିବାବେଳେ ପାର୍ଲାମେଣ୍ଟରେ ଧାରଣା ନୋଟିସ ଦେବାରୁ କେବିକେ ଯୋଜନା ପ୍ରଣୟନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଇସ୍‌କଫର ଜାତୀୟ ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ, ଶିକ୍ଷକ ମହାସଂଘ ସଭାପତି ନିକୁଞ୍ଜ କିଶୋର ମହାନ୍ତି, ବିଦ୍ୟୁତ୍ କର୍ମଚାରୀ ନେତା ଆକୁଳି ନାଥ, ବ୍ୟାଙ୍କ କର୍ମଚାରୀ ନେତା ପ୍ରଫୁଲ୍ଲ ତ୍ରିପାଠୀ ଓ ନୂଆଦୁନିଆର ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଲୋକନାଥ ଚୌଧୁରୀଙ୍କ ତ୍ୟାଗ ଓ ସଂଗ୍ରାମମୟ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ।

## ବିଜେପି ଓବିସି ମୋର୍ଚ୍ଚାର ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ




ବାଲେଶ୍ୱର,୧୨/୦୫ (ନି.ପ୍ର): ବିଜେପି ଓବିସି ମୋର୍ଚ୍ଚାର ଜିଲା କାର୍ଯ୍ୟକାରିଣୀ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଓବିସି ମୋର୍ଚ୍ଚା ଜିଲ୍ଲା ସଭାପତି ଅରବିନ୍ଦ ବେହେରା ଅଧ୍ୟକ୍ଷତା କରିଥିଲେ। ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ଓବିସି ମୋର୍ଚ୍ଚା ଜିଲ୍ଲା ପ୍ରଭାରୀ ଉମାକାନ୍ତ ଦାସ ପ୍ରମୁଖ ଏଥିରେ ଯୋଗଦେଇ ରାଜ୍ୟର ବିଜେଡି ସରକାରଙ୍କ ଓବିସି ବର୍ଗର ଲୋକଙ୍କ ପ୍ରତି ବୈମାତୃକ ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ରାଜ୍ୟରେ ଓବିସି କମିଶନ ଗଠିତ ହୋଇଥିଲେ ହେଁ ବିଜେଡି ସରକାରଙ୍କ ଉଦାସୀନତା ଯୋଗୁଁ ଓଡ଼ିଶାରେ ତାହା ଏଯାବତ କାର୍ଯ୍ୟକାରୀ ହୋଇ ପାରିନଥିବା ସେମାନେ ଆରୋପ କରିଥିଲେ। ଅନ୍ୟପକ୍ଷରେ ପଞ୍ଚାୟତ ନିର୍ବାଚନରେ ନ୍ୟାୟାଳୟରେ ମିଥ୍ୟା ସତ୍ୟପାଠ ଦେଇ ରାଜ୍ୟ ସରକାର ଓବିସି ବର୍ଗଙ୍କୁ ସଂରକ୍ଷଣରୁ ବାଦ କରିଦେଲେ। ଓବିସି ବର୍ଗଙ୍କ ସ୍ୱାର୍ଥରକ୍ଷାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କାର୍ଯ୍ୟକାରିଣୀ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଏନେଇ ଆଗାମୀ ଦିନରେ ବିଜେପି ଓବିସି ମୋର୍ଚ୍ଚା ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ନେତାମାନେ ଚେତାବନୀ ଦେଇଥିଲେ। ଏହି ଅବସରରେ ବିଜେପି ଜିଲା ମିଡିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ ଓବିସି ମୋର୍ଚ୍ଚାର ଚିଠା ପ୍ରସ୍ତାବ ଆଗତ କରିଥିଲେ। ଓବିସି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ମନୋଜ ପୋଦାର ଓ ଗୌରବ ଅଣ୍ଡିଆ, ଉପ-ସଭାପତି ଆଦିତ୍ୟ ନାରାୟଣ ପାତ୍ର ପ୍ରମୁଖଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ-ସଭାପତି ନୀତୁନ ସାହା, ସମ୍ପାଦିକା ମମତା ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାଗବତ ବାରିକ, ଖପରାପଦା ମଣ୍ଡଳ ସଭାପତି ପ୍ରଫୁଲ ପାତ୍ର, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଶ୍ରୀକୃଷ୍ଣ ପାତ୍ର, ବାଲିଆପାଳ ମଣ୍ଡଳ ସଭାପତି ପ୍ରଦୀପ କୁମାର ସିଂ, କାଳିପଦା ମଣ୍ଡଳ ସଭାପତି ସରୋଜ କୁମାର କର, ନଗର ସଭାପତି ସର୍ବେଶ୍ୱର ପାତ୍ର, ସୁଶାନ୍ତ କୁମାର ବେରା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଚିଠା ପ୍ରସ୍ତାବ ଉପରେ ଆଲୋଚନା କରିଥିଲେ। ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମନ୍ମଥ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିଠୁ ବିଜେପିର ଗୁରୁତ୍ୱପୂର୍ଣ୍ଣ ବୈଠକ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଆସନ୍ତାକାଲିଠାରୁ ରାଜ୍ୟ ବିଜେପିର ୨ ଦିନିଆ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। କୋର କମିଟି ସମେତ ଜିଲ୍ଲା ସଭାପତି ଓ ପ୍ରଭାରୀ, ପଦାଧିକାରୀ ମାନଙ୍କର ବୈଠକ ଦୁଇ ଦିନ ଧରି ହେବ। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହେବ ବୋଲି ସୂଚନା ଦେଇଛନ୍ତି ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଏହି ଦୁଇ ଦିନର ବୈଠକ ଆଗାମୀ ଦିନର ଚିନ୍ତନ ବୈଠକ ପାଇଁ ଅନେକ ଗୁରୁତ୍ୱ ବହନ କରୁଛି। ବ୍ରଜରାଜନଗର ଉପନିର୍ବାଚନ ପରେ ଚିନ୍ତନ ବୈଠକ ହେବ। ଏଥିରେ ରାଷ୍ଟ୍ରୀୟ ଅଧକ୍ଷ, ରାଷ୍ଟ୍ରୀୟ ସଙ୍ଗଠନ ମହାମନ୍ତ୍ରୀ ମଧ ଯୋଗଦେବେ। ୨୦୨୪ ପର୍ଯ୍ୟନ୍ତ ରୋଡ଼ ମ୍ୟାପର ପ୍ରସ୍ତୁତିର ପ୍ରକ୍ରିୟାର ଆରମ୍ଭ ହୋଇଯାଇଛି। ନିର୍ବାଚନ ମଣ୍ଡଳୀ ସ୍ତରର ସମୀକ୍ଷା ସରିଆସିଲାଣି। ଆଉ ପ୍ରାୟ ୫ଟି ନିର୍ବାଚନ ମଣ୍ଡଳୀ ବାକି ରହିଛି। ସେଗୁଡିକର ସମୀକ୍ଷା ମଧ ଖୁବଶୀଘ୍ର ସରିବ ବୋଲି ସେ କହିଛନ୍ତି। ସେହିଭଳି ବ୍ରଜରାଜନଗର ଉପନିର୍ବାଚନ ପ୍ରଚାରରେ କେନ୍ଦ୍ରମନ୍ତ୍ରୀ ମାନେ ଯୋଗଦେବା ପ୍ରସଙ୍ଗରେ ପ୍ରତିକ୍ରିୟା ରିଖଛନ୍ତି ପୃଥ୍ୱୀରାଜ। କେନ୍ଦ୍ରମନ୍ତ୍ରୀ ମାନେ ଆସିବାର ତାରିଖ ନିର୍ଦ୍ଧାରଣ ହୋଇନାହିଁ। ଖୁବଶୀଘ୍ର କେନ୍ଦ୍ରମନ୍ତ୍ରୀ ମାନଙ୍କର ଗସ୍ତ ତାରିଖ ଜଣାପଡ଼ିବ। ଏହାସହ ଛତିଶଗଡ଼ ବିଜେପିର କିଛି ପ୍ରମୁଖ ନେତା, ଅନ୍ୟ ରାଜ୍ୟର କିଛି ନେତାଙ୍କର ଆସିବାର ଯୋଜନା ରହିଛି।

## ଦେଶୀମଦ ପ୍ରସ୍ତୁତି ବେଳେ ଚଢ଼ଉ



ବାଲେଶ୍ୱର,୧୨/୦୫ (ନି.ପ୍ର): ଅବକାରୀ ବିଭାଗ, ଜିଲା ପୁଲିସ ପକ୍ଷରୁ ପୁରୁଣାବାଲେଶ୍ୱର ଅଞ୍ଚଳରେ ମିଳିତ ଚଢ଼ଉ ହୋଇ ବିପୁଳ ପରିମାଣର ପୋଚ ନଷ୍ଟ ସହ ୧୬ଶହ ଲିଟର ଦେଶୀମଦ ଜବତ କରାଯାଇଛି। ପୁରୁଣାବାଲେଶ୍ୱରରେ ବାରମ୍ବାର ଚଢ଼ଉ ସତ୍ତ୍ୱେ ଚୋରା ଦେଶୀମଦ ବ୍ୟାପକ ପ୍ରସ୍ତୁତ କରାଯାଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଏହି ଚଢ଼ଉ ହୋଇଥିଲା। ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ଼ ଓ ଜିଲା ପୁଲିସ ମିଳିତ ଭାବେ ଗୁରୁବାର ଭୋର ସମୟରେ ପୁରୁଣାବାଲେଶ୍ୱରରେ ୩ ଗୋଟି ସ୍ଥାନରେ ଚଢ଼ଉ କରିଥିଲେ। ମଦ ପ୍ରସ୍ତୁତ ପାଇଁ ବସାଯାଇଥିବା ୧୫ ହଜାରରୁ ଅଧିକ ଲିଟର ପୋଚକୁ ନଷ୍ଟ କରିବା ସାଙ୍ଗକୁ ଏହି ଟିମ ୧୬୦୦ ଲିଟର ମଦ ଓ ମଦ ପ୍ରସ୍ତୁତ ସରଞ୍ଜାମ ଜବତ କରିଥିଲେ। ଏନେଇ ବିଭାଗ ପକ୍ଷରୁ ୩ ଗୋଟି ମାମଲା ରୁଜୁ କରାଯାଇଛି। ତେବେ ଚଢ଼ଉ ସମ୍ପର୍କରେ ପୂର୍ବରୁ ସୂଚନା ପାଇ ଅଭିଯୁକ୍ତମାନେ ନିଜକୁ ସରକ୍ଷିତ ରଖିପାରିଥିବା ବେଳେ ଏହି ଟିମ କାହାରିକୁ ଗିରଫ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

## ସହାୟତାର ହାତ ବଢାଇଲା ହେଲ୍ପ ଫର ୟୁ ଫାଉଣ୍ଡେସନ



ବାଲିଆପାଳ, ୧୨/୦୫ (ନି.ପ୍ର): ବୃଦ୍ଧା ମା ବାସନ୍ତୀ ଜେନାର ସାହାର ହୋଇଥିବା କୁନି ଝିଅ ଗଙ୍ଗାମଣି ଆଗରେ ଛିଡା ହୋଇ ଦୁଃଖର ପାହାଡ। ତଥାପି ଧୈର୍ଯ୍ୟ ଓ ସାହାସ ହରାଇ ନାହିଁ ଗଙ୍ଗା ମଣି। ବୟସ ମାତ୍ର ୧୭ ବର୍ଷ। ଆଖିରେ ଆଖିଏ ସ୍ୱପ୍ନ ଆଉ ମନରେ କିଛି କରି ଦେଖାଇବ ଦୃଢ ଇଚ୍ଛା ଶକ୍ତି ହେଲେ ଦାରିଦ୍ର ତାର ପ୍ରତିବନ୍ଧକ ସାଜିଛି। ପାଠ ପଢା ବୟସରେ ବୃଦ୍ଧା ରୋଗୀଣା ମା ର ସାହାରା ହେବା ପାଇଁ ଘରୁ ଗୋଡ ଡାକିଛି ଗଙ୍ଗାମଣି। ମା ଓ ନିଜ ପେଟକୁ ଗଣ୍ଡେ ଦାନା ଦେବା ପାଇଁ ସବୁ ବେଳେ ସେ ସଂଘର୍ଶ କରୁଛି। ଏହି ଘଟଣା ବାଲିଆପାଳ ବ୍ଲକ ଅନ୍ତର୍ଗତ ବିରପାଲିଆ ଗ୍ରାମର ବାସନ୍ତୀ ଜେନାଙ୍କ ପରିବାରର। ପରିବାର କହିଲେ ବୃଦ୍ଧା ରୋଗୀଣା ମା ବାସନ୍ତୀ ଏବଂ ଝିଅ ଗଙ୍ଗାମଣି। ମା ଅଜଣା ରୋଗରେ ଆକ୍ରାନ୍ତ ପରିବାରର ଆର୍ଥିକସ୍ଥିତି ଠିକ ନଥିବାରୁ ପାଠପଢା ଛାଡି ବାଲିଆପାଳ ବ୍ଲକ ସିମୁଳିଆ ବଜାରରେ ପରିବା ଦୋକାନ କରି ବସିଛି ଗଙ୍ଗାମଣି। ସେଥିରୁ ଯାହା ଆୟ ହୁଏ ସେଥିରେ ମା ଝିଅଙ୍କର ପରିବାର ଚଳେ। ଏହି ଖବର ହେଲ୍ପ ଫର ୟୁ ଫାଉଣ୍ଡେସନ ସ୍ୱେଚ୍ଛାସେବୀ ସଂଗଠନ ନଜରକୁ ଆସିବା ପରେ ସଂଗଠନ ଗଙ୍ଗାମଣିକୁ ସାହାଯ୍ୟର ହାତ ବଢାଇଛି। ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା ଗଙ୍ଗାମଣିକୁ ଆର୍ଥିକ ସାହାଯ୍ୟ ସହିତ ଏକ ନୂତନ ସିଲେଇ ମେସିନ ଏବଂ ଗୋଟିଏ ସାଇକେଲ ପ୍ରଦାନ କରିଛନ୍ତି। ଆଉ ପରିବାର ଚଳାଇବା ପାଇଁ ଏକ ମାସର ରେସନ ସାମଗ୍ରୀ ମଧ ପ୍ରଦାନ କରିଛନ୍ତି। ସ୍ୱେଚ୍ଛାସେବୀ ସଂଗଠନରେ ଏହି ମହାନ ଚିନ୍ତାଧାରାକୁ ସ୍ଥାନୀୟ ଅଂଚଳବାସୀ ପ୍ରଶାଂସା କରିଛନ୍ତି।

## ବିଦେଶ ଯାଉଥିବା ଲୋକମାନେ ନେଇପାରିବେ ପ୍ରିକସନ ଡୋଜ : ମାନସୁଖ ମାଣ୍ଡଭିଆ

ନୂଆଦିଲ୍ଲୀ, ୧୨/୦୫ (ନି.ପ୍ର): ବିଦେଶ ଭ୍ରମଣ କରୁଥିବା ଛାତ୍ରମାନେ ବର୍ତ୍ତମାନ ଗନ୍ତବ୍ୟ ଦେଶର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରିକସନ ଡୋଜ ଗ୍ରହଣ କରିପାରିବେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମାନସୁଖ ମାଣ୍ଡଭିଆ ଟ୍ୱିଟ୍ କରି କହିଛନ୍ତି ଯେ, ବିଦେଶ ଯାଉଥିବା ଭାରତର ନାଗରିକ ତଥା ଛାତ୍ରମାନେ ବର୍ତମାନ ଗନ୍ତବ୍ୟସ୍ଥଳର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରିକସନ ଡୋଜ ଗ୍ରହଣ କରିପାରିବେ। ଏହି ସୁବିଧା ଶୀଘ୍ର କୋୱିନ୍ ପୋର୍ଟାଲରେ ଉପଲବ୍ଧ ହେବ।

## ଜମ୍ବେଶ୍ୱରନାଥ ମନ୍ଦିର ପ୍ରତିଷ୍ଠା ଶତବାର୍ଷିକୀ



ବାଲେଶ୍ୱର,୧୨/୦୫ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତ ଜମ୍ବେଶ୍ୱରପୁର ଗ୍ରାମରେ ଜମ୍ବେଶ୍ୱରନାଥଙ୍କ ମନ୍ଦିର ପ୍ରତିଷ୍ଠା ଶତବାର୍ଷିକୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୨୩ ମସିହାରେ ସ୍ଥାନୀୟ ନିବାସୀ ଦୁର୍ଗାଚରଣ ମହାପାତ୍ର ଏହି ମନ୍ଦିରର ପ୍ରତିଷ୍ଠା କରିଥିଲେ। ଧୀରେ ଧୀରେ ମନ୍ଦିର ନଷ୍ଟ ହୋଇ ଯାଇଥିବା ବେଳେ ୮୦ ଦଶକରେ ଗ୍ରାମର ବଦାନ୍ୟ ବ୍ୟକ୍ତି କୃତିବାସ ଆଚାର୍ଯ୍ୟ ଭୁବନେଶ୍ୱରର ଯୋଗେନ୍ଦ୍ର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାକୁ ପୁନରୁଦ୍ଧାର କରିଥିଲେ। ପରେ ଏହି ମନ୍ଦିରର ପରିଚାଳନା ନିମନ୍ତେ ଏକ କମିଟି ଗଠନ ସହ ପ୍ରତ୍ୟେକ ବର୍ଷ ବାବା ଜମ୍ବେଶ୍ୱରନାଥଙ୍କ ବାର୍ଷିକ ଉତ୍ସବ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଉତ୍ସବ ମନ୍ଦିର ପରିଚାଳନା କମିଟିର ସଭାପତି ଭବାନୀ ଶଙ୍କର ପାଣିଗାହୀଙ୍କ ନେତୃତ୍ୱରେ ପାଳିତ ହୋଇଛି। ଆୟୋଜିତ ଉତ୍ସବରେ ଅଧିବାସ ସହ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ଶୋଭାଯାତ୍ରା, ବାବା ଜମ୍ବେଶ୍ୱରନାଥଙ୍କ ରୁଦ୍ରାଭିଷେକ ଏବଂ ଯଜ୍ଞାଦି କର୍ମକାଣ୍ଡ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ପୀତବାସ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଷ୍ଠା ଉତ୍ସବରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବେଦଜ୍ଞ ବ୍ରାହ୍ମଣ ଯୋଗଦେଇ ଶ୍ରଦ୍ଧା ଓ ଭକ୍ତିର ସହ ଯଜ୍ଞ କର୍ମକାଣ୍ଡ ସମ୍ପାଦନ କରିଥିଲେ। ଜମ୍ବେଶ୍ୱରପୁର ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ଏହି ଶତବାର୍ଷିକୀ ଉତ୍ସବରେ ଯୋଗଦେଇ ବାବା ଜମ୍ବେଶ୍ୱରନାଥଙ୍କୁ ଦର୍ଶନ ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା। ଉତ୍ସବର ଶେଷ ଦୁଇ ଦିନ ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୋଟିଏ ଦିନରେ ୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୨୫୩ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୯୨୯ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୫ ରହିଛି। ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୮ ଜଣ ସଂଗରୋଧରୁ ଓ ୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରେ ୧. ଗଜପତି ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଯାଜପୁର ଜିଲ୍ଲାରେ ୧, କେନ୍ଦ୍ରାପଡା ଜିଲ୍ଲାରେ ୨ ଖୋର୍ଦ୍ଧା ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୂଆପଡା ଜିଲ୍ଲାରେ ୨ ଜଣ ସମ୍ବଲପୁର ଜିଲ୍ଲାରେ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ଷ୍ଟେଟ ପୁଲରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୩ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି।

## ବେସରକାରୀ ବିଦ୍ୟାଳୟରେ ମାଗଣା ଶିକ୍ଷା ଯୋଜନା

### ଚାରିବ୍ଲକ ସ୍ତରୀୟ ସମୀକ୍ଷା ଓ ଆଭିମୁଖ୍ୟ କାର୍ଯ୍ୟକ୍ରମ : ୨୫ ପ୍ରତିଶତ ଶିକ୍ଷାର୍ଥୀଙ୍କ ପ୍ରତି ଗୁରୁତ୍ୱ




ଜଳେଶ୍ୱର, ୧୨/୦୫ (ନି.ପ୍ର): ସାମ୍ପ୍ରତିକ ଶିକ୍ଷା ପଦ୍ଧତିର ସରଳିକରଣ ଏବଂ ସମସ୍ତଙ୍କୁ ଶିକ୍ଷା ଦେବାଲାଗି ସରକାରୀ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବାଲାଗି ହେଉଥିବା ପ୍ରଚେଷ୍ଟା ସମ୍ପର୍କରେ ଆଜି ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୪ ବ୍ଲକକୁ ନେଇ ଜୋନାଲ ସ୍ତରୀୟ ସମୀକ୍ଷା ଓ ଆଭିମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ୨୫ ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ବେସରକାରୀ ବିଦ୍ୟାଳୟରେ ମାଗଣାରେ ଶିକ୍ଷାଦାନ ଲାଗି ସରକାରଙ୍କ ଯୋଜନା କାର୍ଯ୍ୟକାରି କରିବାଲାଗି ଏହାର ଆଭିମୁଖ୍ୟ ବୋଲି କୁହାଯାଇଛି। ଜଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜଳେଶ୍ୱର ଗୋଷ୍ଠି ଶିକ୍ଷାଧିକାରୀ ଭଗୀରଥ ଗିରି ପୌରହିତ୍ୟ କରି ସ୍ୱାଗତ ଓ ସୂଚନା ଦେଇଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗ ଦେଇ ଶିଶୁର ଶିକ୍ଷା ଅଧିକାର ତାର ମୌଳିକ ଅଧିକାର ହୋଇଥିବାରୁ ଶିକ୍ଷା ବିଭାଗ ଏଥିଲାଗି ପ୍ରଚେଷ୍ଟା ଜାରି ରଖିଛି ବୋଲି କହିଥିଲେ। ଗରିବ ମେଧାବି ଛାତ୍ରଛାତ୍ରୀ ଏଥିରୁ ଯେପରି ବଂଚିତ ନ ହୁଅନ୍ତି ସେଥିପାଇଁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକରେ ୨୫ପ୍ରତିଶତ ଛାତ୍ରଛାତ୍ରୀଙ୍କୁ ବିନା ଅର୍ଥରେ ଶିକ୍ଷାଦାନ ଦେବା ନିୟମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲା ଯୋଜନା ଅଧିକାରୀ ସରୋଜ ମହାପାତ୍ର, ଦୀପନ ନାୟକ, ବିଆର୍‌ସିସି ସୁଶାନ୍ତ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ, ଓଷ୍ଟା ବାଲେଶ୍ୱର ସଂପାଦକ ମନୋରଂଜନ ଦାସ, ଅନିମେଶ ସ୍ୱାଇଁ, ଚନ୍ଦନ ସେନାପତି ପ୍ରମୁଖ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଏହି କର୍ମଶାଳାରେ ୪ଟି ବ୍ଲକର ଥିବା ଘରୋଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ଓ ପରିଚାଳନା କମିଟି ଯୋଗ ଦେଇଥିଲେ।

## ଓଡିଆ ପଢି ପାରୁଥିବାରୁ ରାଜ୍ୟପାଳଙ୍କୁ ପ୍ରଶଂସା କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ନିକଟରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହିତ ସାକ୍ଷାତ ସମୟରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ରାଜ୍ୟପାଳଙ୍କୁ ଉତ୍କଳ ପ୍ରଭାତ ବହି ଓ ଉତ୍କଳ ସମ୍ମିଳନୀ ସମାଚାର ପତ୍ରିକା ପ୍ରଦାନ କରିଥିଲେ। ପୁସ୍ତକ ଗ୍ରହଣ କରିବା ସଙ୍ଗେ ସଙ୍ଗେ ରାଜ୍ୟପାଳ ମହୋଦୟ ଆମ୍ଭମାନଙ୍କ ସମ୍ମୁଖରେ ଓଡିଆ ଲିପିରେ ଲେଖାଥିବା ପୁସ୍ତକ ଦୁଇଟିର ନାମ ପାଠକଲେ। ଓଡିଆ ଭାଷା ଶିକ୍ଷା କରିଥିବା କଥା ଜାଣିବା ପରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରୀଯୁକ୍ତ ଗଣେଶୀ ଲାଲଙ୍କୁ ଉଚ୍ଚ ପ୍ରଶଂସା କରାଯାଇଥିଲା।

## ମୋର କିଛି ବ୍ଲାକ ମନି ନାହିଁ, ସବୁ ହ୍ୱାଇଟ୍ : ଜିତୁ ପଟ୍ଟନାୟକ

ଭୁବନେଶ୍ୱର, ୧୨/୦୫ (ନି.ପ୍ର): ଖଣି ମାଲିକ ପୂର୍ବତନ ବିଧାୟକ ଜିତୁ ପଟ୍ଟନାୟକ କହିଛନ୍ତି ଯେ ତାଙ୍କର କିଛି ବ୍ଲାକ ମନି ନାହିଁ, ସବୁ ହ୍ୱାଇଟ୍। ଇଡି ଚଢାଉ ଉପରେ ପ୍ରତିକ୍ରିୟା ଦେଇ ସେ କହିଛନ୍ତି। ସେ କହିଛନ୍ତି ଯେ -ବିଡି ପଟ୍ଟନାୟକଙ୍କ ନାଁରେ ଭିଜିଲାନ୍ସ ମାମଲା ରୁଜୁ କରିଥିଲା। ସେ ବିଡି ପଟ୍ଟନାୟକଙ୍କ ଲିଗାଲ ହାୟର। ତେଣୁ ଏଠି ଯାଂଚ କରୁଥିଲେ ଯାଂଚ ବେଳେ ଘରୁ ୫୫ ଲକ୍ଷ ଓ ଅଫିସରୁ ୧୪.୫ ଲକ୍ଷ ମିଳିଥିଲା ବୋଲି ସେ କହିଛନ୍ତି।

## ମହାତ୍ମା ଗାନ୍ଧୀଙ୍କ ୮୮ ତମ ପଦ ଜାତ୍ରା ଦିବସ ପାଳିତ

ବାଲକାଟି, ୧୨/୦୫ (ନି.ପ୍ର): ପ୍ରତିବର୍ଷ ଭଳି ଏହି ବର୍ଷ ଆଜିର ଦିନରେ ରାଜଧାନି ଉପକଣ୍ଠ ପ୍ରତାପ ସାସନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ଅପରାହ୍ନ ୫ ଘଟିକା ସମୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ୮୮ ତମ ପଦ ଜାତ୍ରା ଦିବସ ପାଳିତ ହୋଇ ଜାଇଅଛି। ଗାନ୍ଧୀ ପଦ ଜାତ୍ରା ଟ୍ରଷ୍ଟର ଅଧ୍ୟକ୍ଷ ଅଧିବକ୍ତା ମନୋଜ କୁମାର ନାୟକଙ୍କ ନେତୃତ୍ୱରେ ଅପରାହ୍ନ ୪ଟା ୩୦ ମି ସମୟରେ ଉତ୍ତରା ଛକ ନିକଟରୁ ଗାନ୍ଧୀ ଚେତନାରେ ପ୍ରଭାବିତ ଶତାଧିକ ଜନତାଙ୍କୁ ନେଇ ଏକ ପଦ ଜାତ୍ରା ଆରମ୍ଭ ହୋଇ ବାଳକାଟି ବଜାର ଦେଇ ପ୍ରତାପ ଶାସନ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ଜାଇଥିଲେ। ସେଠାରେ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀଯୁକ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜନେତା ତଥା ବାଗ୍ମୀ ପ୍ରବଚକ -ଶ୍ରୀଯୁକ୍ତ ସନ୍ତୋଷ କୁମାର ମହାନ୍ତି, ଭୁବନେଶ୍ୱର ଅଧିବକ୍ତା ସଂଘର ସଭାପତି ରବିନାରାୟଣ ସାମନ୍ତରାୟ, ସମ୍ପାଦକ ରାଜ କିଶୋର ରାଜ, ବରିଷ୍ଠ ସଦସ୍ୟ -ଶ୍ରୀଯୁକ୍ତ ଉପେନ୍ଦ୍ରନାଥ ସାମନ୍ତରାୟ, ଶିକ୍ଷାବିତ୍ ଡ.ରଜନି ରଞ୍ଜନ ଦାଶ, ସରପଂଚ ରିନା ବେହେରା, ସମିତିସଭ୍ୟ ଗଙ୍ଗାଧର ମାହାରୀ, ଗାନ୍ଧୀବାଦୀ -ଲକ୍ଷ୍ମୀଧର ବେହେରା, ବେଣୁଧର ଭୋଇ, ଶିବ ମଲ୍ଲିକ,ଭାଗ୍ୟଧର ନନ୍ଦୀ, ବସନ୍ତ କୁମାର ସାହୁ, ସୁରେଶ କୁମାର ଦାସ, ଅରବିନ୍ଦ ସାହୁ, ବସନ୍ତ କୁମାର ପଣ୍ଡା, ପ୍ରମୁଖ ଯୋଗ ଦେଇଥିଲେ। ମେ ମାଷ ୧୨ ତାରିଖ ୧୯୩୪ ମସିହା ଆଜିର ଦିନରେ ଗାନ୍ଧୀଜୀ ଡେଲାଙ୍ଗ ଠାରୁ ପଦ ଜାତ୍ରାରେ ଆସି ଏହି ବିଦ୍ୟାଳୟ ପ୍ରାଙ୍ଗଣରେ ରାତ୍ରି ଜାପନ କରିଥିଲେ। ସେହି ସ୍ମୃତିକୁ ମନେପକାଇବା ସହିତ ବକ୍ତା ମାନେ ଜାତିର ପିତାଙ୍କ ଓଡିଶାକୁ ଆଗମନର ମହତ୍ୱ, ଦଳିତ ମାନଙ୍କୁ ମନ୍ଦିର ପ୍ରବେଶ ଅଧିକାର, ତଥା ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏ ଅଞ୍ଚଳର ବିର ପୁରୁଷ ମାନେ କିଭଳି ଦେସ ପାଇଁ ବଳିଦାନ ଦେଇଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

## ନୀଳଗିରି ୟୁଥ୍ ଫେଷ୍ଟିଭାଲ ଉଦ୍‌ଘାଟିତ: ଅସୀମା ପଣ୍ଡାଙ୍କ ଗୀତରେ ଝୁମିଲେ ଦର୍ଶକ



ନୀଳଗିରି, ୧୨/୦୫ (ନି.ପ୍ର): କୋରନା ମହାମାରୀ ପରେ ନୀଳଗିରିରେ ୧ମ ଥର ପାଇଁ ୟୁଥ୍ ଫେଷ୍ଟି ଏସୋସିଏସନ ପକ୍ଷରୁ ୟୁଥ୍ ଫେଷ୍ଟିଭାଲର ଆୟୋଜନ କରାଯାଇଥିବା ବେଳେ ଗୁରୁବାର ସନ୍ଧ୍ୟାରେ ଏହାର ଉଦ୍‌ଘାଟନି ଉତ୍ସବ ଆନୁଷ୍ଠାନିକ ଭାବେ ସମାପନ ହୋଇଛି। ୧୨, ୧୩, ୧୪ତାରିଖ ତିନି ଦିନ ଧରି ଏହି ମହୋତ୍ସବ କେ.ସି. ହାଇସ୍କୁଲ ପଡ଼ିଆରେ ଆୟୋଜିତ କରାଯାଇଥିବା ବେଳେ ପ୍ରଥମ ଦିନ ଉଦ୍‌ଘାଟିତ ଉତ୍ସବରେ ଉଦ୍‌ଘାଟନ ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଛନ୍ତି। ଏଭଳି ଏକ ନିଆରା ମହୋତ୍ସବକୁ ବିଧାୟକ ଭୂୟସୀ ପ୍ରଶଂସା କରିଥିବା ବେଳେ ଆୟୋଜକବନ୍ଧୁମାନଙ୍କୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ। ନୀଳଗିରି ଅଂଚଳର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ଲୋକଲୋଚନକୁ ଆଣିବା ସହିତ ଲୁକାୟିତ ରହିଥିବା ଯୁବ ପ୍ରତିଭାବାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାର ୟୁଥ୍‌ଫେଷ୍ଟର ମୂଖ୍ୟ ଉଦ୍ଦେଶ୍ୟ ବୋଲି ଆୟୋଜକମାନେ ସୂଚନା ଦେବା ସହ ଆଜିର ୧ମ ସନ୍ଧ୍ୟାରେ ଯୁବ ଉଦ୍ୟୋଗପତି ବନୋଜ ବିଶ୍ୱାଳ, ସନ୍ତରାଗଡ଼ିଆ ଅଂଚଳର ଆର୍ନ୍ତଜାତୀୟ ପଥର ଶିଳ୍ପୀ ଶଙ୍କର୍ଷଣ ସେଠୀ, କୁଳିଗଡ଼ି ଅଂଚଳର ପଥରଶିଳ୍ପୀ ଭଗବାନ ବାରିକ, ଟେରାକୋଟା ଶିଳ୍ପୀ ରମେଶ ମୁଦୁଲି, ପରିବେଶବିତ୍ ମନୋରଂଜନ ଦାଶଙ୍କୁ ସମ୍ମାନୀତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଓଡ଼ିଶାର ମେଲୋଡି କୁଇନ ଅସୀମା ପଣ୍ଡାଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଏହି ଅବସରରେ ପ୍ରଦର୍ଶନୀ ପଡ଼ିଆରେ ବିଭିନ୍ନ ପ୍ରକାର ଷ୍ଟୋଲ ପଡ଼ିଥିବାର ଦେଖିବାକୁ ମିଳିଛି। ୟୁଥଫେଷ୍ଟ ଏସୋସିଏସନର ସଦସ୍ୟ ତାପସ କୁମାର ପରିଡ଼ା, ସବ୍ୟସାଚୀ ମହାପାତ୍ର, ଧିରେନ୍ଦ୍ର ଲେଙ୍କା, ରଶ୍ମିରଂଜନ ରାଉତ, ବିସ୍ମୟ ମଲିକ, ମନୋରଂଜନ ଦାସବାବୁ, ବିଶ୍ୱରଂଜନ ମହାନ୍ତି, ସରୋଜ ବେହେରା, ସମେତ ବହୁ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo